


Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 313 | ଭାଗ ୩୨ | ସଂଖ୍ୟା ୩୧୩ | Bhubaneswar | Thursday 6 February 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୬ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





## ଦେଶବାସୀଙ୍କ ସୁଖ ଓ ସମୃଦ୍ଧି କାମନା

**ପ୍ରୟାଗରାଜ,୫।୨ (ଏଜେନ୍ସି):** ତୀର୍ଥରାଜ ପ୍ରୟାଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସଂଗମ ଯାଇ ପକାଇଛନ୍ତି ଆସ୍ଥା ଓ ବିଶ୍ୱାସର ବୁଡ଼। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ମୋଦି ପ୍ରୟାଗରାଜରେ ପହଞ୍ଚି ବୁଡ଼ ପକାଇଛନ୍ତି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ବୁଡ ପକାଇବା ପରେ ସେ ଗଙ୍ଗା ଆଳତି କରିଥିଲେ। ମୌନୀ ଅମାବାସ୍ୟାରେ ଦଳାଚକଟା ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସସପେନ୍ସ ଲାଗି ରହିଥିଲା। ହେଲେ ଶେଷରେ ସେ ବୁଡ଼ ପକାଇଛନ୍ତି। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦି ପୂର୍ବାହ୍ନ ୧୦ଟା ୫ରେ ପ୍ରୟାଗରାଜ ➪ପୃଷ୍ଠା-୬

**ବିକଶିତ ଗାଁ, ବିକଶିତ ଓଡ଼ିଶା**

# ସମୃଦ୍ଧ ରାଜ୍ୟ ଗଠନର ହାଇୱେ

- ଗାଁ ହେବ ବିକାଶର ଗ୍ରୋଥ୍ ଇଞ୍ଜିନ୍
- ଗାଁ ଭିତ୍ତିଭୂମିର ବିକାଶ ପାଇଁ ବର୍ଷକୁ ଏକ ହଜାର କୋଟି
- ଅଦିବାସୀ ଅଂଚଳର ବିକାଶ ପାଇଁ ଖର୍ଚ୍ଚ ହେବ ୪୦% ଅର୍ଥ
- ଗାଁ ଲୋକଙ୍କ ଜୀବନଧାରଣ ମାନରେ ଆସିବ ଉନ୍ନତି

**ଭୁବନେଶ୍ୱର,୫।୨ (ସଂଚାର ବ୍ୟୁରୋ):** ଆଜିଠୁ ଆରମ୍ଭ ହେଲା 'ବିକଶିତ ଗାଁ, ବିକଶିତ ଓଡ଼ିଶା' । ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆରେ ଏହି ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ସହର ଓ ଗାଁ ଭିତରେ ବିକାଶରେ ଯେଉଁ ପାର୍ଥକ୍ୟ ଅଛି, ଏହି ଯୋଜନା ତାକୁ ଦୂର କରି ମୌଳିକ ଭିତ୍ତିଭୂମିରେ ସମାନତା ଆଣିବ । ଓଡ଼ିଶାର ପ୍ରାୟ ୬୦ ହଜାର ଗାଁରେ ବିକାଶର ଗଙ୍ଗା ପ୍ରବାହିତ ହେବ । ଗାଁ ଗୁଡ଼ିକୁ ବିକାଶର ଗ୍ରୋଥ୍ ଇଂଜିନ କରାଯିବ। ଏହି ଯୋଜନା ପ୍ରଧାନମନ୍ତ୍ରୀଙ୍କ "ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ୍"ର ଶ୍ରେଷ୍ଠ ନିଦର୍ଶନ ।

ଏହି ଯୋଜନାରେ ଗାଁ ଗୁଡ଼ିକରେ ଭିତ୍ତିଭୂମିର ବିକାଶ ପାଇଁ ବର୍ଷକୁ ଏକ ହଜାର କୋଟି ଟଙ୍କା ଲେଖାଏଁ, ପାଞ୍ଚ ବର୍ଷରେ ପାଞ୍ଚ ହଜାର କୋଟି ଟଙ୍କା ବିନିଯୋଗ କରାଯିବ । ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗାଁର ଉନ୍ନତି ନହେଲେ ଓଡ଼ିଶାର ଉନ୍ନତି ଚିନ୍ତା କରିବା ଅସମ୍ଭବ । ଏକ ଯୋଜନାବଦ୍ଧ ଉପାୟରେ ବାର୍ଷିକ ଯୋଜନା ମାଧମରେ ଏହା କାର୍ଯ୍ୟକାରୀ କରାଯିବ । ଏଥିରେ ଗାଁର ରାସ୍ତାଘାଟ ସହିତ ଶିକ୍ଷା, କମ୍ୟୁନିଟି ଆସେଟ୍, ପୂଜାପାଠ ସ୍ଥାନ, କ୍ରୀଡ଼ା ଭିତ୍ତିଭୂମି, କ୍ଷୁଦ୍ର ପର୍ଯ୍ୟଟନ ପ୍ରକଳ୍ପ ଆଦିର ବିକାଶ କରାଯିବ ।



ଏହି ଯୋଜନାରେ ଗାଁର ମୌଳିକ ଭିତ୍ତିଭୂମିର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି । ବିଶେଷ କରି ଗାଁ ଭିତରର ରାସ୍ତା ଓ ଗାଁକୁ ଗାଁ ସହିତ ଯୋଡୁଥିବା ରାସ୍ତା ନିର୍ମାଣ ଉପରେ ପ୍ରାଧାନ୍ୟ ଦିଆଯାଇଛି । ଏଥିରେ ପିଚୁ ରାସ୍ତା, ସିମେଣ୍ଟ କଂକ୍ରିଟ୍ ରାସ୍ତା, ପେଭର ବ୍ଲକ ରାସ୍ତା, ସେତୁ ଓ କଲଭର୍ଟ ଆଦି ନିର୍ମାଣ କରାଯାଇ ପାରିବ। ଜଙ୍ଗଲ ଅଞ୍ଚଳରେ ଥିବା ରାସ୍ତା ଗୁଡିକୁ ମଧ ଏଥିରେ କଂକ୍ରିଟ୍ କରାଯାଇ ପାରିବ । ଏହା ସହିତ ସର୍ବ ସାଧାରଣ ବ୍ୟବହାର ଉପଯୋଗୀ ସ୍ଥାନ ମଧ ନିର୍ମାଣ କରାଯିବ ।

ସେହିପରି, ପୂଜାପାଠ ସ୍ଥାନ, ତୀର୍ଥଯାତ୍ରୀଙ୍କ ପାଇଁ ମୌଳିକ ସୁବିଧାର ବିକାଶ, ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ, ସାଂସ୍କୃତିକ କେନ୍ଦ୍ର ଆଦି ପ୍ରକଳ୍ପର ମଧ ନିର୍ମାଣ କରାଯାଇ ପାରିବ। ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ମଧ ଏଥିରେ ଯୋଜନା ରଖାଯାଇଛି । ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଏବଂ ଯେଉଁ ଭିତ୍ତିଭୂମି ଅଛି ତା'ର ଉନ୍ନତି ଓ ସମ୍ପ୍ରସାରଣ ମଧ କରାଯାଇ ପାରିବ । ଏହା ସହିତ କ୍ରୀଡ଼ା ଭିତ୍ତିଭୂମି, କ୍ଷୁଦ୍ର ପର୍ଯ୍ୟଟନ ଭିତ୍ତିଭୂମି ଆଦି ମଧ ନିର୍ମାଣ କରାଯିବାର ➪ପୃଷ୍ଠା-୬

# ଦିଲ୍ଲୀରେ ବିଗିଡ଼ିଯିବ ଅଙ୍କ !

**ନୂଆଦିଲ୍ଲୀ,୫।୨ (ଏଜେନ୍ସି):** ହାଇଭୋଲଟେଜ ଦିଲ୍ଲୀ ବିଧାନସଭା ପାଇଁ ଭୋଟିଂ ଶେଷ ହୋଇଛି। ସମସ୍ତ ୭୦ଟି ଯାକ ଆସନରେ ଛିଡ଼ା ହୋଇଥିବା ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଆସନ୍ତା ୮ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ବର୍ତ୍ତମାନ ଏକଜିଟ ପୋଲ ଆକଳନ ଆସିବା ଆରମ୍ଭ ହୋଇଛି। ଏକଜିଟ ପୋଲ ଆସୁଆସୁ ପ୍ରଥମେ ଅରବିନ୍ଦ କେଜରିୱାଲଙ୍କ ଆମ ଆଦମୀ ପାର୍ଟିକୁ ବଡ଼ ଝଟକା ଲାଗିଥିବା ପରି ମନେ ହେଉଛି।

- ୨୭ ବର୍ଷ ପରେ ଦିଲ୍ଲୀରେ ଫୁଟିବ ପଦ୍ମ
- ଆପକୁ ଲାଗିପାରେ ବଡ଼ ଝଟକା
- ପୁଣି ଭୋଟରଙ୍କ ଆସ୍ଥା ହରେଇଲା ହାତ

ଯଦି ମାଟ୍ରିକ୍ସର ଏହି ଏକଜିଟ ପୋଲ ସତ ଫଳାଫଳରେ ପରିଣତ ହୁଏ, ତେବେ ଭାଜପା ଦିଲ୍ଲୀରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରି ପୂର୍ଣ୍ଣ ବହୁମତ ସହିତ ସରକାର ଗଠନ କରିପାରେ। ଆକ୍ସିସ ମାଇ ଇଣ୍ଡିଆ, ଟୁଡେଜ ଚାଣକ୍ୟ, ସି ଭୋଟର୍ ଇତ୍ୟାଦି ବିଭିନ୍ନ ଏଜେନ୍ସିଗୁଡ଼ିକର ସମସ୍ତ ଏକଜିଟ ପୋଲ ଆକଳନ ଅନୁସାରେ ଭାଜପାକୁ ବହୁମତ ମିଳିପାରେ ବୋଲି କୁହାଯାଉଛି।

ସନ୍ଧ୍ୟା ୬ଟାରେ ଭୋଟିଂ ଶେଷ ହେବାର ସମୟ ରହିଥିଲା। ତଥାପି ଅନେକ ବୁଥରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ସମୟ ଶେଷ ହୋଇଥିଲେ ହେଁ ଧାଡ଼ିରେ ଥିବା ଲୋକମାନେ ଭୋଟ ଦେବେ। ଭୋଟିଂ ଶେଷ ହେବା ପରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥ ବାହୁଡ଼ା ମତ ବା ଏକଜିଟ ପୋଲ ରେଜଲ୍ଟ ଜାରି କରାଯାଇଛି। ଅଧିକାଂଶ ସର୍ଭେ ସଂସ୍ଥା ଦିଲ୍ଲୀରେ ଅରବିନ୍ଦ କେଜ୍ରିୱାଲଙ୍କ ଆପ୍‌କୁ ହ୍ୟାଟ୍ରିକ ବିଜୟ ମିଳିବ ନାହିଁ ବୋଲି ଆକଳନ କରିଛନ୍ତି। ସେହିପରି ବିଜେପି ଦିଲ୍ଲୀ ବିଜୟ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲା, ତାହା ଏଥର ସାକାର ହେବ ବୋଲି ଏକଜିଟ ପୋଲରେ ଦାବି କରାଯାଇଛି। ୨୦୧୫ ଓ ୨୦୨୦ ଭଳି କଂଗ୍ରେସ ଏଥର ମଧ ଦିଲ୍ଲୀରେ ନୈରାଶ୍ୟଜନକ ରେଜଲ୍ଟ କରିବ।

୨୦୧୩ରେ ଆପ୍ ପ୍ରଥମଥର ଦିଲ୍ଲୀରେ କ୍ଷମତା ଦଖଲ କରିଥିଲା। ଏହି ସମୟରେ ଦଳ କଂଗ୍ରେସ ସମର୍ଥନରେ ସରକାର କରିଥିଲା। କିନ୍ତୁ ଅରବିନ୍ଦ କେଜ୍ରିୱାଲ ମାତ୍ର କିଛି ଦିନ ପରେ ଇସ୍ତଫା ଦେବାରୁ ୨୦୧୫ରେ ପୁଣି ବିଧାନସଭା ନିର୍ବାଚନ ହୋଇଥିଲା। ୨୦୧୫ରେ ଆପ୍ ଏକାକୀ ରେକର୍ଡ ୬୭ଟି ଆସନ ଜିତିଥିଲା। ବିଜେପି ୩ଟି ଓ କଂଗ୍ରେସ ଖାତା ଖୋଲି ପାରି ନଥିଲା। ୨୦୨୦ରେ ଆପ୍ ପୁଣି ➪ପୃଷ୍ଠା-୬



| ଏକଜିଟ ପୋଲ | ବିଜେପି | ଆପ | କଂଗ୍ରେସ |
|---|---|---|---|
| ଚାଣକ୍ୟ | ୩୯-୪୪ | ୨୫-୨୮ | ୨-୩ |
| ଜେଭିଏସ | ୩୯-୪୫ | ୨୨-୩୧ | ୦-୨ |
| ମାଟ୍ରିଜ | ୩୫-୪୦ | ୩୨-୩୭ | ୦-୧ |
| ପଏମଆରକ୍ୟୁ | ୩୯-୪୯ | ୨୧-୩୧ | ୦-୧ |
| ପିପୁଲ୍ସ ପଲ୍ସ | ୫୧-୬୦ | ୧୦-୧୯ | ୦୦ |
| ପିପୁଲ୍ସ ଇନସାଇଟ | ୪୦-୪୪ | ୨୫-୨୯ | ୦-୨ |
| ପୋଲ ଡାଏରୀ | ୪୨-୫୦ | ୧୮-୨୫ | ୦-୨ |
| ଡିଭି ରିସର୍ଚ୍ଚ | ୩୬-୪୪ | ୨୬-୩୪ | ୦୦ |
| ୱି ପ୍ରିସାଇଡ | ୧୮-୨୩ | ୪୬-୫୨ | ୦-୧ |

# ଚଳିବନି ନବୀନଙ୍କ ଦୋମୁହାଁ ରାଜନୀତି

**ଭୁବନେଶ୍ୱର,୫।୨ (ସଂଚାର ବ୍ୟୁରୋ):** ଗତ ସାଧାରଣ ନିର୍ବାଚନରେ ବିଜେଡିର ବିପର୍ଯ୍ୟୟ ପରେ ବିଜେଡି ଏକ ପ୍ରକାର ଖଣ୍ଡବିଖଣ୍ଡିତ ହେବା ସ୍ଥିତିରେ। ନେତାମାନେ କେହି କାହାକୁ ମାନିବା ସ୍ଥିତିରେ ନାହାଁନ୍ତି । ବିଜୁ ଅନୁଗତଙ୍କ ପୁଅ, ଯୁବ ନେତା ଓ ବରିଷ୍ଠ ନେତା ଭିନ୍ନ ଭିନ୍ନ ଗୋଷ୍ଠିର ଚାଲିଛି ଗୁପ୍ତ ବୈଠକ ଓ ମନ୍ତ୍ରଣା। ତେବେ ଏସବୁର ମୂଳ କାରଣ ହେଉଛନ୍ତି ଖୋଦ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ସେ ଚାହିଁଲେ ହିଁ ବିଜେଡି କନ୍ଦଳର ସମାଧାନ ହୋଇପାରିବ । ଯେପର୍ଯନ୍ତ ନବୀନ ପଟ୍ଟନାୟକ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିନାହାଁନ୍ତି, ସେ ପର୍ଯ୍ୟନ୍ତ ବିଜେଡି ଏକ ହୋଇପାରିବ ନାହିଁ ।



- ସାଲିସଖୋର ନେତାଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ
- କାହା ସୁରକ୍ଷା ପାଇଁ ବାଜିରେ ଲାଗିଛି ଆଦର୍ଶ ?

ଦଳରେ ଭିନ୍ନ ଭିନ୍ନ ଗୋଷ୍ଠି ନିଜ ନିଜ ଭିତରେ ମନ୍ତ୍ରଣା ଚଳାଇଥିବା ବେଳେ ଗୋଟିଏ କଥାରେ ସମସ୍ତେ ଏକମତ । ତାହା ହେଉଛି ନବୀନ ଯେପର୍ଯ୍ୟନ୍ତ ଦଳର 'ନୀତି' ସ୍ପଷ୍ଟ କରିପାରିନାହାଁନ୍ତି, ସେ ପର୍ଯ୍ୟନ୍ତ ବିଜେଡି ସଙ୍ଗଠିତ ହୋଇପାରିବନି । ଦିଲ୍ଲୀରେ ଗୋଟେ କଥା, ରାଜ୍ୟରେ ଗୋଟେ କଥା କହିଲେ ଚଳିବ ନାହିଁ। ବିଜେଡିର ନେତା ଓ କର୍ମୀମାନେ ମୁଖିଆଙ୍କ ଦୋମୁହାଁ ନୀତିରେ ଦ୍ୱନ୍ଦ୍ୱରେ ରହୁଛନ୍ତି। ଯେଉଁଥିପାଇଁ ଏପର୍ଯ୍ୟନ୍ତ ସାଙ୍ଗଠନିକ ନିର୍ବାଚନ ସରୁନି କି ନେତା ନିର୍ବାଚିତ ହୋଇପାରୁନାହାଁନ୍ତି।

ଦଳର କିଛି ବରିଷ୍ଠ ନେତା ନିଜ ନାମ ଗୋପନ ରଖି କହୁଛନ୍ତି ନବୀନ ପଟ୍ଟନାୟକ ପ୍ରଥମରୁ ହିଁ ରାଜନୀତିରେ ଦୋମୁହାଁ ନୀତି ଆପଣେଇଥାନ୍ତି। ୧୯୯୯ ମହାବାତ୍ୟା ପରେ ଲୋକଙ୍କର କଂଗ୍ରେସ ଉପରୁ ଆସ୍ଥା ତୁଟିଯିବାରୁ ନବୀନଙ୍କ ନୀତି କାମ ଦେଉଥିଲା। ହେଲେ ବିରୋଧୀଙ୍କ ଉପରେ ଆପଣାଉଥିବା ନୀତିକୁ ନିଜ ଦଳ ଉପରେ କାର୍ଯ୍ୟକାରୀ କରୁଥିବାରୁ ବିଜେଡିରେ ବିଦ୍ରୋହ ଦେଖାଦେଉଛି। ଗୋଟେପଟେ ନବୀନ ଓ ତାଙ୍କ କୋଟେରୀ ନିଜ ସୁରକ୍ଷା ପାଇଁ ବିଜେପିର ସର୍ବମାନ୍ୟ ନେତାଙ୍କ ନାଁ ଧରି ପଦୁଟିଏ କହିବାକୁ ଭୟ କରୁଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବି ଟାର୍ଗେଟ କରିବାକୁ ଡରୁଛନ୍ତି । ହେଲେ କର୍ମୀଙ୍କୁ କହୁଛନ୍ତି ସରକାରଙ୍କ ଜନବିରୋଧୀ କାମର ପର୍ଦ୍ଦାଫାଶ କର। କର୍ମୀ ବି ବିଜେପିର ତୁଙ୍ଗ ନେତାଙ୍କ ବିରୋଧରେ କହିପାରୁନାହାଁନ୍ତି । ଏମିତି ବି ଚର୍ଚ୍ଚା ହେଉଛି ବିଜେପିର ନୀତି ନିର୍ଦ୍ଧାରକଙ୍କ ସହ ସନ୍ନ୍ୟାସୀ ଭିତିରିଆ ସାଲିସ କରିଦେଇଛନ୍ତି। ଏନେଇ ମଧ ସ୍ପଷ୍ଟତା ଆସିବା ଆବଶ୍ୟକ ବୋଲି ନେତାମାନେ କହୁଛନ୍ତି ।

ରାଜନୀତିରେ ବଡ ମୁଣ୍ଡରେ ଠେଙ୍ଗାପଡିଲେ ତଳତଳିଆ ନେତାମାନେ ସାବାଡ ➪ପୃଷ୍ଠା-୬



## କାନ ଡେରିଥା

ମଦୁଆ ସାଥିଠୁ ସାଥି କେହି ନାହିଁ
ବୋତଲ ବୋତଲ ପିଇ
ରାତିରେ ମଦୁଆ ରାଷ୍ଟ୍ର କିଣିଥାନ୍ତି
ସକାଳ ହେଲେ ବିକଇ
କୁକୁର ପରିସ୍ରା ଛୁଇଁ...
ଅମୃତ ଲାଗଇ ଦେଶୀକୁ ବିଦେଶୀ
ଡ୍ରେନ ହାମୁଡନ୍ତି ଯାଇ!

■ ଦେବାଶିଷ

# ଭିଜିଲାନ୍ସ ଜାଲରେ କୁବେର ପ୍ରକଳ୍ପ ନିର୍ଦ୍ଦେଶକ

**ମାଲକାନଗିରି,୫।୨ (ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପ୍ରକଳ୍ପ ନିର୍ଦ୍ଦେଶକ। ମାଲକାନଗିରି ଜଳ ସମ୍ପଦ ବିଭାଗ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ଘରୁ ରେଡ୍ ବେଳେ ମିଳିଲା ନଗଦ ଦେଢ଼ କୋଟି ଟଙ୍କା। ଜୟପୁରସ୍ଥିତ ଘର ଓ ମାଲକାନଗିରି ଏମ୍‌ଭି-୮ରେ ଚଢ଼ାଉ ଜାରି ରହିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୮ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଛି । ମାଲକାନଗିରି, କଟକ, ଭୁବନେଶ୍ୱର, ଜୟପୁର ସମେତ ୮ଟି ସ୍ଥାନରେ ଚାଲିଛି ରେଡ୍ । କଟକ ବାଲିସାହିସ୍ଥିତ ପୈତୃକ ଘରେ, ଭୁବନେଶ୍ୱର ହାଉସିଂ ବୋର୍ଡ କଲୋନୀ, ଭୀମଟାଙ୍ଗୀରେ ଚଢ଼ାଉ ଚାଲିଛି । ଜୟପୁର ଘରର ଆସବାବପତ୍ର ଦେଖି ଭିଜିଲାନ୍ସ ତାଜୁବ। ବିଭାଗର ଅନ୍ୟ ୩ କର୍ମଚାରୀଙ୍କ ଘରେ ମଧ ଚଢ଼ାଉ ଚାଲିଥିବା ସୂଚନା ମିଳିଛି । ସହକାରୀ କୃଷି ଯନ୍ତ୍ରୀ ମୋହନ ମଣ୍ଡଳ, ଡାଟା ଏଣ୍ଟ୍ରି ଅପରେଟର ଓ ଜଣେ ଠିକା କର୍ମଚାରୀଙ୍କ ଘରେ ରେଡ୍ ଚାଲିଛି । ସୂଚନା ଅନୁସାରେ ଗତକିଛି ଦିନ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବଣାଇ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବିଶ୍ୱଦର୍ଶୀ ସାହୁଙ୍କ ଘର ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ➪ପୃଷ୍ଠା-୬

- ଘରୁ ମିଳିଲା ନଗଦ ୨ କୋଟି
- ଏକକାଳୀନ ୮ ସ୍ଥାନରେ ଚଢ଼ାଉ
- ଆଲିସାନ୍ ବଙ୍ଗଳା ସହ ୪ଟି ଦାମି ପ୍ଲଟ୍





# କୋଇଲା ମାଫିଆଙ୍କ ଗଡ଼ଫାଦର ଥିଲେ ସରୋଜ

**ଭୁବନେଶ୍ୱର,୫।୨ (ସଂଚାର ବ୍ୟୁରୋ):** ୨୦୦୩ ମସିହାରେ ଇଡ୍‌କୋର ମ୍ୟାନେଜର ଦାୟିତ୍ୱରେ ଥିବାବେଳେ ଏମ୍‌ସିଏଲ୍ ଜମିକୁ କୋଲଇଲା ସିଣ୍ଡିକେଟ ହାତରେ ଟେକିଦେଇଥିବାବେଳେ ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ଭାବେ ସିଣ୍ଡିକେଟ୍‌କୁ ବଳ ଯୋଗାଇଥିଲେ । ଯେଉଁଥିପାଇଁ ଝାରସୁଗୁଡାରେ କୋଇଲା ଚୋରି ବୃଦ୍ଧି ପାଇବା ସହିତ ସିଣ୍ଡିକେଟର ମାଫିଆମାନେ ଆତଙ୍କରାଜ ସୃଷ୍ଟି କରିଥିଲେ। ତେବେ ସେତେବେଳ ସରୋଜର ଶାସକ ବିଜେଡିର ଗେହ୍ଲାପୁଅ ହେବା ସହିତ ତାଙ୍କ ମୁଣ୍ଡରେ ତତ୍କାଳୀନ ମନ୍ତ୍ରୀ ତଥା ଝାରସୁଗୁଡା ବିଧାୟକ ନବ ଦାସଙ୍କର ହାତଥିବାରୁ ଯେତେ ଅଭିଯୋଗ କଲେ ମଧ ତାହାର କିଛି ପ୍ରଭାବ ପଡୁନଥିବା ପ୍ରକାଶ କରିଛନ୍ତି ଆରଟିଆଇ କର୍ମୀ ।

ଝାରସୁଗୁଡାରେ କୋଇଲା ଚୋରିର ପ୍ରମୁଖ କେନ୍ଦ୍ର ହେଉଛି କୋଇଲା ୱାସେରୀ । ୨୦୦୩ ମସିହାରେ କୋଇଲା ସିଣ୍ଡିକେଟ ଦୁଇଟି ବେଆଇନ୍ ୱାସେରୀ ସ୍ଥାପନ ପାଇଁ ସ୍ଥିର କରିଥିଲେ । ଏମାନଙ୍କ ମଧ୍ୟରୁ ଗୋଟିକର ମାଲିକ ରାୟପୁରର ଥିବାବେଳେ ଅନ୍ୟ ଜଣେ ଦିଲ୍ଲୀର । ତେବେ ଏମାନେ ସହଜରେ ଜମି ନପାଇବାରୁ ସରୋଜଙ୍କ ଶରଣରେ ପଶିଥିଲେ । ସରୋଜ ସେତେବେଳେ ଇଡ୍‌କୋର ମ୍ୟାନେଜର ଥିବା ସହିତ ଜମି ଆବଣ୍ଟନ ବୁଝୁଥିଲେ । ତେଣୁ ଏହି ଦୁଇ ସଂସ୍ଥାଙ୍କୁ ଏମ୍‌ସିଏଲ୍ ଜମି ଦେଇ ଦେଇଥିଲେ । ଏମ୍‌ସିଏଲ୍‌କୁ ୧୯୯୦ ମସିହାରୁ ରାଜ୍ୟ ସରକାର ଏହି ଜମି ଯୋଗାଇ ଦେଇଥିଲେ । ନିୟମ ଅନୁଯାୟୀ ଉକ୍ତ ଜମି କାହାରିକୁ ମିଳିବାକଥା ନୁହେଁ । ହେଲେ ସରୋଜ ହାତକାଟି ଚୁକ୍ତିନାମାରେ ସ୍ୱାକ୍ଷର କରିବା ସହିତ ଜମି ପ୍ରଦାନର ମାଷ୍ଟରମାଇଣ୍ଡ ଥିଲେ ।



- ଜିଲ୍ଲାପାଳ ହୋଇ ସାଜିଥିଲେ ସୁରକ୍ଷାଦାତା
- ନବ ସରୋଜ ରଙ୍ଗା-ବିଲା ଯୋଡ଼ି
- ସିବିଆଇ ତଦନ୍ତ ହେଲେ ଗୁମର ଫିଟିବ



ଏହାପରେ ସରୋଜ ଜିଲ୍ଲାପାଳନ ଭାବେ ଝାରସୁଗୁଡା ଯାଇଥିଲେ । ସେତେବେଳେ ଏହି ଦୁଇ କୋଲ ୱାସେରୀ ବିରୁଦ୍ଧରେ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭକରି ରାଜ୍ୟ ସରକାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଏମ୍‌ସିଏଲ୍ ନିକଟରେ ଆରଟିଆଇ କର୍ମୀ ସତ୍ୟ ନାରାୟଣ ରାଓ ଏକାଧିକ ଅଭିଯୋଗ କରିଥିଲେ । କୋଇଲା ମନ୍ତ୍ରାଳୟ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ଜିଲ୍ଲାପାଳ ଭାବେ ସରୋଜ କିନ୍ତୁ ଏଥିପ୍ରତି ଆଖିବୁଜି ଦେଇଥିଲେ । ଏହା ସବୁ ମନ୍ତ୍ରୀଙ୍କ ଇସାରାରେ ହେଉଥିଲା ଓ ସରୋଜ ଏହାର କାର୍ପେଟଦାର ଥିବା ନେଇ ଆଲୋଚନା ହେଉଥିଲା ।

ଏହି ଦୁଇ ୱାସେରୀ ମଧ୍ୟରୁ ଗ୍ଲୋବାଲ ୱାସେରୀ ଏତେ କ୍ଷମତାଶାଳୀ ଥିଲା ଯେ ପରିବେଶ ସୁରକ୍ଷା ପାଇଁ ଓଡ଼ିଶା ପରିଚାଳନା ପାଣ୍ଠି କୁ ଟନ୍ ପିଛା ୧୫ ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

## ମାର୍ଶାଘାଇ ବ୍ଲକ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା ଉଦଘାଟନ



**ମାର୍ଶାଘାଇ,୫।୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପରିସରରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଉଦଘାଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମ ଏବଂ ଅଭିଭାଷଣର ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସରକାରଙ୍କ ଯୋଜନା ଭିତ୍ତିକ ବିଷୟରେ ବିଶିଷ୍ଟ ମହିଳା ପାଲାଗାୟିକା ସ୍ୱର୍ଣ୍ଣ ପ୍ରଭା ଲେଙ୍କା ଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି,ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଡ଼ା,ମାର୍ଶାଘାଇ ବିଡିଓ ପଞ୍ଚାନନ ମଲିକ, ମାର୍ଶାଘାଇ ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ନିଗମ ପ୍ରସାଦ ରଥ, ବିଜେପି ଜିଲ୍ଲା ନାରୀନେତ୍ରୀ ପ୍ରତିମା ନାୟକ, ମାର୍ଶାଘାଇ ମଣ୍ଡଳ ବିଜେପି ସଭାପତି ରଶ୍ମିରଂଜନ ରାଉତରାୟ, ଚିତ୍ରୋତ୍ପଳା ମଣ୍ଡଳ ସଭାପତି ହିରଣ୍ୟ ମହାପାତ୍ର, ପ୍ରଭାତ ଦାସ, ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ମହିଳା ଓ ପୁରୁଷ ଜନସାଧାରଣ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ବାର୍ତ୍ତା କୁ ଶୁଣିଥିଲେ।

● କେନ୍ଦ୍ରାପଡା ଗୋପଛକ ନିକଟରେ ଦୁର୍ଘଟଣା

## ଟ୍ରକ ଧକ୍କାରେ ଜଣେ ଗୁରୁତର



**କେନ୍ଦ୍ରାପଡା,୫।୨ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ - ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥ କେନ୍ଦ୍ରାପଡା ଗୋପଛକ ଠାରେ ବୁଧବାର ଅପରାହ୍ନ ସମୟରେ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତ ବ୍ୟକ୍ତି ଜଣଙ୍କ ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ କୁଆଁରପାଳ ଗାଁର ଗୋପିନାଥ ଜେନା ବୋଲି ଜଣାପଡିଛି । ଗୋପିନାଥ ସ୍କୁଟି ଯୋଗେ ଚଣ୍ଡିଖୋଲ ଆଡ଼େ ଯାଉଥିବା ବେଳେ ଗୋପଛକ ଠାରେ ପଛରୁ ଏକ ଟ୍ରକ୍ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା । ଗୋପିନାଥ ପଡିଯିବା ପରେ ଟ୍ରକ୍ ଟି ତାଙ୍କ ବାମ ଗୋଡ ଉପରେ ଚଢି ଯାଇଥିଲା। ଫଳରେ ଗୋପୀନାଥ ଙ୍କ ଗୋଡ ସମ୍ପୂର୍ଣ୍ଣ ଭାବେ ଛିଣ୍ଡି ଅଲଗା ହୋଇଯାଇଥିଲା । ସ୍ଥାନୀୟ ଲୋକେ ତୁରନ୍ତ ସ୍କୁଟି ଚାଳକ ଙ୍କୁ ମେଡିକାଲ ପଠାଇଥିଲେ । ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇ ଟ୍ରକ୍ ଚାଳକ ଗାଡି ଛାଡି ଫେରାର୍ ହୋଇଯାଇଥିବା ଜଣାଯାଇଛି । ଟ୍ରକ୍ ଟିକୁ କେନ୍ଦ୍ରାପଡା ସହର ପୋଲିସ ଜବତ କରି ତଦନ୍ତ ଚଳାଇଥିବା ସୂଚନା ଦେଇଛନ୍ତି ସଦର ଥାନା ଅଧିକାରୀ ।

# ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଶୁଭାରମ୍ଭ



**କେନ୍ଦ୍ରାପଡା,୫।୨(ସଂଚାର ବ୍ୟୁରୋ):** ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା (ବିକଶିତ ଗାଁ, ବିକଶିତ ଓଡ଼ିଶା)। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ମିନି ଷ୍ଟାଡିୟମଠାରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ କରିଛନ୍ତି ଓ ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକସ୍ତରରେ ଏହି କାର୍ଯ୍ୟକ୍ରମକୁ ଅଭାସୀ ମାଧ୍ୟମରେ ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଥିଲା ଓ ଏହି କ୍ରମରେ କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାସ୍ଥିତ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆଠାରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ଏତଦ୍ ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ଶୁଭାରମ୍ଭ କାର୍ଯ୍ୟକ୍ରମ ଜିଲ୍ଲାର ୭ ଟି ବ୍ଲକ ଓ ରାଜନଗର ବ୍ଲକର ହାଇସ୍କୁଲ ପଡ଼ିଆରେ ଅଭାସୀ ମାଧ୍ୟମରେ ସିଧାପ୍ରସାରଣ କରାଯାଇଥିଲା ଓ ଭାରତର ଆତ୍ମା ଗାଁରେ ରହିଛି ବୋଲି ମହାତ୍ମା ଗାନ୍ଧୀଙ୍କ ଉକ୍ତିକୁ ମୁଖ୍ୟମନ୍ତ୍ରୀ ସ୍ମରଣ କରାଇଥିଲେ ଓ ଗାଁର ବିକାଶ ବିନା ରାଜ୍ୟର ବିକାଶ ପରିକଳ୍ପନା ଅସମ୍ଭବ ବୋଲି ସେ ମତ ବ୍ୟକ୍ତ କରିଥିଲେ ଓ ଗାଁରେ ସହରର ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଉପଲବ୍ଧ କରାଇବା ସହ ଗାଁର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥା କ୍ଷେତ୍ରରେ ବିକାଶ ଆଣିବା ରାଜ୍ୟ ସରକାରଙ୍କର ମୂଳ ଉଦ୍ଦେଶ୍ୟ ଓ ଏହି ଯୋଜନା ମାଧ୍ୟମରେ ପ୍ରତି ଗାଁ ସ୍ମାର୍ଟ ଗାଁରେ ପରିଣତ ହେବ ଓ ଗାଁ ହସିଲେ ରାଜ୍ୟ ହସିବ ଓ ୨୦୪୭ ମସିହା ସୁଦ୍ଧା ଭାରତବର୍ଷକୁ ସାରା ବିଶ୍ୱରେ ପ୍ରଥମ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଯେଉଁ ସ୍ୱପ୍ନ ରହିଛି ତାକୁ ସାକାର କରିବାକୁ ଖୋର୍ଦ୍ଧାର ପାଇକ ମାଟିରେ ରାଜ୍ୟବାସୀଙ୍କୁ ସେ ଆହ୍ୱାନ ଦେଇଥିଲେ ଓ ଗାଁର ଭାଗବତ ଟୁଙ୍ଗି, ଭୋଗ ମଣ୍ଡପ, କମ୍ୟୁନିଟି ହଲ, ମନ୍ଦିର ଉନ୍ନତି, ପ୍ରାଥମିକ ବିଦ୍ୟାଳୟ ଗୃହର ସମ୍ପ୍ରସାରଣ, ଗାଁ ଖେଳପଡ଼ିଆ ଆଦି ଉନ୍ନତିକର କାର୍ଯ୍ୟ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଓ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ଭଳି ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ପାଇଁ ୫ ବର୍ଷ ମଧ୍ୟରେ ୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ ଓ ଏହି ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଡ.ଦୂର୍ଗା ପ୍ରସନ ନାୟକ, ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, କେନ୍ଦ୍ରାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡା ତହସିଲଦାର ତାପସ କୁମାର ଦେହୁରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦର ସଭ୍ୟ ସଭ୍ୟା, ଜନ ପ୍ରତିନିଧି, ୱାର୍ଡ ମେମ୍ବର, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ଓ ସେହିଭଳି ୮ ଟି ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଂଚାୟତ ସମିତି ଅଧ୍ୟକ୍ଷ / ଅଧ୍ୟକ୍ଷା, ବ୍ଲକ ପ୍ରଶାସନ ଅଧିକାରୀ ଓ କର୍ମକର୍ତ୍ତା, ତହସିଲଦାର, ପଂଚାୟତ ସମିତି ସଭ୍ୟ / ସଭ୍ୟା, ୱାର୍ଡ ମେମ୍ବର, ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ ଓ ପ୍ରତ୍ୟେକ ବ୍ଲକ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୯ଜଣ ବରିଷ୍ଠ ଅଧିକାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାୟିତ୍ୱ ଅର୍ପଣ କରାଯାଇଥିଲା ।

## ବାୟା ବାବା ମହାବିଦ୍ୟାଳୟରରେ ଜୈବିକ କୃଷି ସମ୍ବନ୍ଧୀୟ ସଚେତନତା ଶିବିର




**ମହାକାଳପଡ଼ା,୫।୨ (ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପି ଏ ମ ୟୁ ଏ ସ ଏ ଚ ଏ) ତରଫରୁ ଜୈବିକ ପଦ୍ଧତିରେ କୃଷି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପିଏମୟୁଏସଏଚଏ ର ସଂଯୋଜକ ରସାୟନ ବିଜ୍ଞାନର ପ୍ରାଧ୍ୟାପକ ଡାକ୍ତର ରଞ୍ଜିତ କୁମାର୍ ରାଉତ୍ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ମହାକାଳପଡ଼ା ଉଦ୍ୟାନ ବିଭାଗର ଅଧିକାରୀ ଡଃ ସୌରଭ ମହାପାତ୍ର ଯୋଗ ଦେଇ ଜୈବିକ କୃଷି ର ଉପକାରିତା ଓ ପ୍ରଣାଳୀ ସମ୍ପର୍କ ରେ ଫୋଟୋ ଚିତ୍ର ମାଧ୍ୟମରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନୀୟ ଅତିଥି ଭାବରେ ମହାକାଳପଡ଼ା ଉପକୃଷି ଅଧିକାରୀ ମୃତ୍ୟୁଞ୍ଜୟ ଦାସ ଯୋଗଦାନ କରି ଜୈବ ଖତ, ଯବକ୍ଷାରଜାନ ବିବନ୍ଧନ ଓ କୀଟନାଶକ ର ଭୟାବହତା ସମ୍ପର୍କ ରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏଥି ସହିତ ଜୀବ ବିଜ୍ଞାନ ବିଭାଗ ର ମୁଖ୍ୟ ପ୍ରଫେସର୍ ଲିଜାତା ପାଲ୍ ଜୈବିକ ସାର ର ଉତ୍ପାଦନ ସମ୍ପର୍କ ରେ ଛାତ୍ର, ଛାତ୍ରୀ ମାନଙ୍କୁ ବୁଝାଇ ଥିଲେ। ଇତିହାସ ବିଭାଗର ଅଧ୍ୟାପକ ଚିତ୍ତରଞ୍ଜନ ମହାପାତ୍ର ସରକାରଙ୍କର ବିଭିନ୍ନ ଜୈବିକ କୃଷି ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସଂଗ୍ରାମ ବିହାରି ସଭା ପରିଚାଳନା କରିଥିଲେ ଓ ବାଣିଜ୍ୟ ବିଭାଗର ଅଧ୍ୟାପକ ରାଜେନ୍ଦ୍ର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିରେ ବହୁ ସଂଖ୍ୟକ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର, ଛାତ୍ରୀ ଯୋଗଦାନ କରିଥିଲେ।

## ଭାରତୀ ମନ୍ଦିରର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡା,୫।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ତିନିମୁହାଣୀ ସ୍ଥିତ ଭାରତୀ ବିଦ୍ୟା ମନ୍ଦିର ପରିସରରେ ତାର ତ୍ରିଂଶତମ ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ ମଙ୍ଗଳବାର ସନ୍ଧ୍ୟାରେ ମହା ସମାରୋହରେ ପାଳିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥୀଭାବେ ଜିଲ୍ଲାପାଳ କେନ୍ଦ୍ରାପଡା ସ୍ମୃତିରଂଜନ ପ୍ରଧାନ ମୂଖ୍ୟ ବକ୍ତାଭାବେ ଜଗତସିଂହପୁର ବଉଳାଙ୍ଗ ପରମହଂସ ଆଶ୍ରମର ବାବା ଡକ୍ଟର ଶ୍ରୁତି ସାଗରାନନ୍ଦ ସରସ୍ୱତୀ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥୀଭାବେ ପୌରାଧ୍ୟକ୍ଷା ସରୀତା ସାହୁ, ପ୍ରମୂଖ ଯୋଗଦେଇ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ 'ମା' ଭାରତୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ରଂଜନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିବା ବେଳେ କମିଟିର ସମ୍ପାଦକ କୁଞ୍ଜ କିଶୋର ବିହାରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟନୀ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚସୀନ ଅତିଥି ବୃନ୍ଦ କୋମଳମତି ଛାତ୍ର ଛାତ୍ରୀ ମାନଙ୍କୁ ସଦୁପଦେଶ ଦେବା ସହିତ ସେମାନଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ।

## ପ୍ରେମ ବିବାହ ପରେ ସ୍ତ୍ରୀଙ୍କୁ ନିର୍ଯାତନା ଦେଲେ ସ୍ୱାମୀ

**ଦିଗପହଣ୍ଡି,୫।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କରପଡ଼ା ଗ୍ରାମ କୁମ୍ଭାର ସାହିର ଜ୍ୟୋସ୍ନାରାଣୀ ପ୍ରଧାନଙ୍କୁ ତାଙ୍କ ସ୍ୱାମୀ କିଶୋର ପ୍ରଧାନ ଅଧିକ ଯୌତୁକ ପାଇଁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର କରାଯାଇଥିବା ନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନାରେ କେସ୍ ନଂ ୫୫/୨୫ ଅନୁଯାୟୀ ମୋକଦ୍ଦମା ରୁଜୁ କରିଛନ୍ତି। ଘଟଣାର ତଦନ୍ତ ଦାୟିତ୍ୱ ଏସ୍.ଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଛି। ଗତ ପ୍ରାୟ ୪ ବର୍ଷ ପୂର୍ବେ ଜ୍ୟୋସ୍ନାରାଣୀ କିଶୋରଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ହସଖୁସିରେ କଟିବା ପରେ ତାଙ୍କୁ ସ୍ୱାମୀ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ଧମକ ଦେବା ସହ ସବୁବେଳେ ନାନାକଥା କହୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସେ ସ୍ୱାମୀଙ୍କ ବିରୋଧରେ ଏତଲା ଦେଇଥିବା ପୋଲିସକୁ କହିଛନ୍ତି।

## ମଣ୍ଡଳସ୍ତରୀୟ ନିପୂଣ ଓଡିଶା ମେଳା
### କାର୍ଯ୍ୟକ୍ରମକୁ ଅଭିଭାବକ ମହଲରେ ନାପସନ୍ଦ



**ମାର୍ଶାଘାଇ,୫।୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ କୁଳସାହି ପ୍ରକଳ୍ପ ୟୁଜିୟୁପି ବିଦ୍ୟାଳୟରେ ମାର୍ଶାଘାଇ ମଣ୍ଡଳସ୍ତରୀୟ 'ନିପୂଣ ଓଡିଶା ମେଳା 'ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବିଆରସିସି ବଳଦେବ ପ୍ରସାଦ ଜେନା, ସିଆରସିସି ପର୍ଶୁରାମ ନାୟକ, ଶିକ୍ଷକ ସମନ୍ୱୟ ସମିତି ସଭାପତି ପ୍ରଦୀପ୍ତ ଲେଙ୍କା, ଅମରେନ୍ଦ୍ର ଲେଙ୍କା ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କର ଭାଷା, ସାହିତ୍ୟ ଓ ଗଣିତରେ ଦୁର୍ବଳତାକୁ ସୁଧାରିବା ପାଇଁ ନିପୁନ ଓଡିଶା ମେଳା ମଧ୍ୟମରେ ପ୍ରୟାସ କରାଯାଇଅଛି। ଏଥିପାଇଁ ବ୍ଲକର ପ୍ରତ୍ୟେକ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ କାର୍ଯ୍ୟକ୍ରମ କରାଯିବା ର ବ୍ୟବସ୍ଥା ରହିଛି। ପ୍ରତି ଆଞ୍ଚଳିକ ସାଧନ କେନ୍ଦ୍ର କାର୍ଯ୍ୟକ୍ରମରେ ପ୍ରାୟ ୧୫ ହଜାର ଟଙ୍କା ଖର୍ଚ୍ଚ ହେବା ସହିତ ସେହି ସାଧନ କେନ୍ଦ୍ର ଅଧିନ ସମସ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ଭାଗ ନେବା ସହିତ ସେମାନଙ୍କ ମଧ୍ୟରୁ ଚୟନ ହୋଇଥିବା ଛାତ୍ର ଛାତ୍ରୀ ଙ୍କ ପ୍ରକଳ୍ପ ମଣ୍ଡଳ ସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ। ପ୍ରତି ସ୍କୁଲର ୧୦ ଜଣ ଛାତ୍ରୀଛାତ୍ର ମାନଙ୍କ ସହିତ ଜଣେ ଗାଇଡ ଶିକ୍ଷକ ଯୋଗଦେଇ ସେଠାରେ ବିଭିନ୍ନ ଖେଳକୁଦ ମାଧ୍ୟମରେ ସେମାନଙ୍କର ଭାଷା ସାହିତ୍ୟ ଓ ଗଣିତ ଜ୍ଞାନ ବୃଦ୍ଧି କରାଇବା ଏହି କାର୍ଯ୍ୟକ୍ରମ ର ଲକ୍ଷ୍ୟ। ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମ ହେଉଥିବା ସାଧନ କେନ୍ଦ୍ରର ପଡୋଶୀ ଦୁଇଟି କେନ୍ଦ୍ରରେ ନିପୁଣ ଓଡିଶା ମେଳା କରାଯାଇ ନ ଥିବା ନେଇ ଅଭିଯୋଗ ହେଉଥିବା ବେଳେ ଦାୟିତ୍ୱହୀନତା ଭାବରେ ମଣ୍ଡଳ ସ୍ତରୀୟ କାର୍ଯ୍ୟକ୍ରମ କରାଯିବାକୁ ଅଭିଭାବକ ମହଲରେ ନାପସନ୍ଦ କରିଛନ୍ତି। ଏ ନେଇ ପ୍ରତିକ୍ରିୟା ପାଇଁ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ଏବଂ ସମ୍ପୃକ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସିଆରସିସି ଙ୍କୁ ଯୋଗାଯୋଗ କରାଯାଇଥିଲେ ବି ଉତ୍ତର ମିଳିନଥିଲା।

## କେନ୍ଦ୍ର ବଜେଟକୁ ପୋଡ଼ିବା ସହ ପ୍ରତିବାଦ ସଭା
### ବଜେଟ କର୍ପୋରେଟ ଲୁଣ୍ଠନ ପାଇଁ ଉଦିଷ୍ଟ ଓ ଜନବିରୋଧୀ




**କେନ୍ଦ୍ରାପଡା,୫।୨(ସଂଚାର ବ୍ୟୁରୋ):** କୃଷକ, ଶ୍ରମିକ ଏବଂ ଗରୀବ ଲୋକଙ୍କ ଜୀବିକାର ଉପରେ ସିଧା ସଳଖ ଆକ୍ରମଣ:୨୦୨୫-୨୬ କେନ୍ଦ୍ରୀୟ ବଜେଟ। କର୍ପୋରେଟ ଲୁଣ୍ଠନ ପାଇଁ ବଜେଟ ଉଦ୍ଦିଷ୍ଟ ବୋଲି ଅବିହିତ କରିଛନ୍ତି ସଂଯୁକ୍ତ କିଷାନ ମୋର୍ଚ୍ଚା,କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମାନଙ୍କ ମିଳିତ ମଞ୍ଚ, ସ୍ୱାଧୀନ ଫେଡରେସନ ସମୂହ ଓ ଯୁବ,ଛାତ୍ର, ମହିଳା ସଂଗଠନମାନେ। ବୁଧବାର ଦେଶବ୍ୟାପୀ ମିଳିତ ପ୍ରତିବାଦ କରିବା ସହିତ ୨୦୨୫-୨୬ କେନ୍ଦ୍ର ବଜେଟକୁ ସର୍ବସାଧାରଣରେ ପୋଡିଛନ୍ତି। ଏହା ସହିତ ଏକ ବିକଳ୍ପ ବଜେଟ ମଧ୍ୟ ଦେଶ ବାସୀଙ୍କ ନିକଟରେ ପେଶ କରିଛନ୍ତି।ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯେଉଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି ତାହା ଗରିବ ବିରୋଧୀ ଏବଂ ସରକାରଙ୍କ ଘନିଷ୍ଠ ମିତ୍ର-କର୍ପୋରେଟ୍ ସଂସ୍ଥା ଓ ଧନୀଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ପ୍ରସ୍ତୁତ ହୋଇଥିବା ଏକ ବଜେଟ ବୋଲି ପ୍ରତିବାଦ କରିଛନ୍ତି । ଏମ୍.ଏସ୍.ପି.ର ଆଇନଗତ ଗ୍ୟାରେଣ୍ଟି ସୁନିଶ୍ଚିତ କରିବା, ।ଫସଲ ସଂଗ୍ରହ ରେ କ୍ରୟ ସମ୍ପ୍ରସାରଣ କିମ୍ବା କୃଷକମାନଙ୍କୁ ଋଣବୋଝରୁ ମୁକ୍ତ କରିବା ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ । ଏପରିକି ଫସଲ ର ଲାଭଜନକ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ସଂସଦୀୟ ସ୍ଥାୟୀ କମିଟିର ସୁପାରିସକୁ ମଧ୍ୟ କୌଣସି ଗୁରୁତ୍ୱ ଦିଆଯାଇନାହିଁ । ଶୀଘ୍ର ନିର୍ବାଚନୀ ଫାଇଦା ପାଇବା ଉଦ୍ଦେଶ୍ୟରେ ବହୁ ଚର୍ଚ୍ଚିତ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କରାଯାଇଛି। ଏହି କର ଛାଡ଼ ଦର ବୃଦ୍ଧି, ଉଚ୍ଚ ହାରର ପରୋକ୍ଷ ଟିକସ, ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଭ୍ରମଣ ଇତ୍ୟାଦି କ୍ଷେତ୍ରରେ ଖର୍ଚ୍ଚ ବୃଦ୍ଧି ଯୋଗୁଁ ସବୁ କିଛି ବାଧାପ୍ରାପ୍ତ ହେବ,ସବୁ ଲାଭ/ଆୟ କୁଆଡେ ମିଳେଇ ଯିବା।ଦରଦାମକୁ ରୋକିବା ଏବଂ ଉଚ୍ଚ ସୁତାଙ୍କରେ ଥିବା ବେକାରୀକୁ କମାଇବା ପାଇଁ ଠୋସ କୌଣସି ଯୋଜନା ନଥିବା କହିଛି ମିଳିତ ମଞ୍ଚ। ତେଣୁ ବୁଧବାର ଡାକରାକୁ ସମର୍ଥନ କରି ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମାନଙ୍କ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡରେସନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ହେବା ସହିତ କେନ୍ଦ୍ର ବଜେଟକୁ ପଡିଥିବା ଦେଖିବାକୁ ମିଳିଛି। ଅଧ୍ୟାପକ ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆବାହକ ଗୟାଧର ଧଳ, ଶ୍ରମିକ ନେତା ରମଣୀ ରଞ୍ଜନ ରାଉତରାୟ,ଜଗତଯିବନ ଦାଶ, ଫକୀର ଚରଣ ଖଟୁଆ,ମୁକ୍ତାର ଖାଁ, ପ୍ରକାଶ ମହାନ୍ତି, ଏଲିନା ସାମନ୍ତ ରାୟ, ମାଧବ ଦାସ,ବସନ୍ତ ମଲ୍ଲିକ, କିଷାନ ନେତା ପ୍ରଫୁଲ୍ଲ ଦାସ,ବିଜୟ ଦାସ, କେଦାର ସାମନ୍ତରାୟ,ଦାଶରଥି ସାହୁ,ସୋମନାଥ ବିଶ୍ୱାଳ, ଦୋଳଗୋବିନ୍ଦ ସାହୁ,ଗୁଣମଣି ବେହେରା,କ୍ଷେତମୁଲିଆ ନେତା ଭୀମସେନ ବେହେରା, ନାରିନେତ୍ରୀ ସଂଯୁକ୍ତା ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ବଜେଟକୁ ପୋଡ଼ିଥିଲେ ।

## ମର୍ଣ୍ଣିଙ୍ଗ ୱାକ୍ ବେଳେ ପିକ୍‌ଅପ୍ ଧକ୍କାରେ ଚାଲିଗଲା ଜୀବନ

**ବାଲେଶ୍ୱର,୫।୨ (ସଂଚାର ବ୍ୟୁରୋ):** ମର୍ଣ୍ଣିଙ୍ଗ ୱାକରେ ଯାଇଥିଲେ। ହେଲେ ବାଟରେ ଜଗି ବସିଥିଲା ମୃତ୍ୟୁ। ଘର ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଏକ ଟାଟା ପିକଅପ ଧକ୍କାରେ ଚାଲିଗଲା ଜୀବନ। କ୍ଷଣକେ ସବୁକିଛି ଓଲଟ ପାଲଟ ହୋଇଯାଇଛି। ଦୁର୍ଘଟଣା ଉଜାଡ଼ି ଦେଇଛି ସୁନା ସଂସାର। ଏଭଳି ଏକ ଅଭାବନୀୟ ଘଟଣା କପ୍ତିପଦା ଥାନା ଝିଙ୍କପଦା ଗ୍ରାମ ନିକଟରେ ଘଟିଛି। କପ୍ତିପଦା ଅଞ୍ଚଳର କୃପାସିନ୍ଧୁ ସେଠି ଆଜି ସକାଳେ ଉଦଳା - ବାଲେଶ୍ୱର ରାଜପଥରେ ମର୍ଣ୍ଣିଙ୍ଗ ୱାକ କରୁଥିଲେ। ହେଲେ ସେ ଜାଣିନଥିଲେ ଏହା ତାଙ୍କ ଶେଷ ମର୍ଣ୍ଣିଙ୍ଗ ୱାକ ଥିଲା। ବୋଧହୁଏ ସେଥିପାଇଁ କୁହାଯାଏ ମୃତ୍ୟୁ ଅନିଶ୍ଚିତ। ମୃତ୍ୟୁ ଆସିବା ପୂର୍ବରୁ ନା ଦେଖେ ସମୟ ନା ଦେଖେ ସ୍ଥାନ।

## ୮ରୁ ଜିଲ୍ଲା ମହୋତ୍ସବ ଯଯାତି ଓ ପଲ୍ଲୀଶ୍ରୀ ମେଳା




**ଯାଜପୁର, ୫।୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି - ୨୦୨୫ ସମ୍ପର୍କୀୟ ଏକ ସାମ୍ବାଦିକ ସମ୍ମିଳନୀ ଆଜି ଅପରାହ୍ନରେ ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଯଯାତି - ୨୦୨୫ କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫେବୃଆରୀ ୮ ତାରିଖରେ ପ୍ରଶାସନିକ ଭବନ ପଡ଼ିଆଠାରେ ଶୁଭ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ସେହିଦିନ ଚାନ୍ଦମା ପଡ଼ିଆ, ଯାଜପୁର ରୋଡ଼ ଠାରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ପ୍ରଥମ ପର୍ଯ୍ୟାୟ ଚତୁର୍ଥ କିସ୍ତି ପ୍ରଦାନ କରିବେ। ଜିଲ୍ଲା ମହୋତ୍ସବ ଯଯାତି - ୨୦୨୫ ଏବଂ ପଲ୍ଲୀଶ୍ରୀ ମେଳା ଫେବୃଆରୀ ୦୮ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୫ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ମାନେ ଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଯଯାତି - ୨୦୨୫ ଆରମ୍ଭରେ ମା' ବିରଜାଙ୍କ ମନ୍ଦିର ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ପ୍ରଶାସନିକ ଭବନ ପଡ଼ିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୫୦ ଷ୍ଟଲ୍ ବିଶିଷ୍ଟ ପଲ୍ଲିଶ୍ରୀ ମେଳା ଓ ୪୦ ଷ୍ଟଲ ବିଶିଷ୍ଟ ଫୁଡ କୋର୍ଟ ଆୟୋଜିତ ହେବ। ପଲ୍ଲୀଶ୍ରୀ ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଜିନିଷ ବିକ୍ରୟ କରାଯିବ। ପ୍ରତ୍ୟେକ ଦିନ ସଭା ପୂର୍ବରୁ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପ୍ରତ୍ୟେକ ଦିନ ସ୍ୱାଗତ ସଙ୍ଗୀତ ଗାନ କରାଯିବ।

## ବାଙ୍କୀରେ ଝାଡ଼ାବାନ୍ତି ଆତଙ୍କ, ଦୂଷିତ ପାଣି ଯୋଗୁଁ ଡାଇରିଆ ବଢୁଛି



**ବାଙ୍କୀ, ୫।୨(ସଂଚାର ବ୍ୟୁରୋ):** ବାଙ୍କୀ ଡମପଡ଼ା ବ୍ଲକ୍ ହରିରାଜପୁର ଗାଁରେ ଝାଡ଼ାବାନ୍ତି। ୪୨ ଜଣ ଆକ୍ରାନ୍ତ ନିକଟସ୍ଥ ବାଙ୍କୀ ଉପଖଣ୍ଡ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେବା ପରେ ଘରକୁ ଫେରିଛନ୍ତି। ଏବେ ବି ଦୁଇ ଜଣ ଚିକିତ୍ସିତ ହେଉଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ମହାନଦୀରୁ ଆସୁଥିବା ପାଣି ପିଇ ଝାଡ଼ାବାନ୍ତି ବ୍ୟାପିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ମହାନଦୀରୁ ଯେଉଁ ସ୍ଥାନରୁ ପାଣି ଆସୁଛି। ଅତି ଦୂଷିତ ପାଣି ଯେଉଁଠି ଲୋକେ ପୋଖରୀ ଭଳି ଗାଧୋଇବାରେ ବ୍ୟବହାର କରୁଛନ୍ତି। ଏବେ ଗାଆଁରେ ଏକ ଟିମ୍ ଯାଇ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି। ମହାନଦୀରୁ ଯେଉଁ ପାଣି ପିଇବା ପାଇଁ ଆସୁଛି, ସେ ପାଣିକୁ ପରୀକ୍ଷା ପାଇଁ ପଠାଯାଇଛି। ଏବେ ସ୍ଥିତି ଅଛି ଅଧିକ ବ୍ୟାପିଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ବନବାସି ବେହେରା ସୂଚନା ଦେଇଛନ୍ତି।

## ସାମାଜିକ ସୁରକ୍ଷାରୁ ବଞ୍ଚିତ ବିକଳାଙ୍ଗ ଅନୁପମା

**ମହାକାଳପଡ଼ା,୫।୨(ସଂଚାର ବ୍ୟୁରୋ):** ଆଧାର କାର୍ଡ ନଥିବାରୁ ଜଣେ ବିକଳାଙ୍ଗ ଯୁବତୀ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଅଛନ୍ତି।ଖାଦ୍ୟ ସୁରକ୍ଷା ଯୋଜନା ରେ ଚାଉଳ ତ ମିଳୁନି ହେଲେ ଏବେ ବିକଳାଙ୍ଗ ଭତ୍ତାରୁ ମଧ୍ୟ ବାଦ୍ ପଡ଼ିଛନ୍ତି। ଯାହା ଫଳରେ ଜଣେ ବିକଳାଙ୍ଗ ଯୁବତୀ ତାଙ୍କର ନାର୍ଯ୍ୟ ଅଧିକାର ପାଇବାରୁ ବଞ୍ଚିତ ଅଛନ୍ତି। ଏମିତି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ଗ୍ରାମପଞ୍ଚାୟତ ର ଘୋଡାବନ୍ଧ ଗ୍ରାମରେ। ଗ୍ରାମର ୭୭ ବର୍ଷୀୟ ଚନ୍ଦ୍ରମଣି ଦାସଙ୍କ ୪୫ ବର୍ଷୀୟ ବିକଳାଙ୍ଗ ଝିଅ ହେଉଛନ୍ତି ଅନୁପମା ଦାସ। ଅନୁପମା ଜଣେ ଆଜନ୍ମ ବିକଳାଙ୍ଗ। ତାଙ୍କର ଗୋଡ଼ ସରୁ ଓ ମୁଣ୍ଡ ବଡ଼। ଯେଉଁଥିପାଇଁ ସେ ସଳଖ ଭାବରେ ଛିଡ଼ା ହେବାକୁ ଅକ୍ଷମ। ଆଖିକୁ ଭଲ ଭାବରେ ଦିଶୁନି। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ହେଲେ ଘୁଷୁରି ଘୁଷୁରି ଯାଉଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କର ଆଧାର କାର୍ଡ ଟିଏ ହୋଇପାରିଲା ନାହିଁ। ଆଧାର କାର୍ଡ ନଥିବାରୁ

● ମିଳୁନି ରାସନ୍ ଚାଉଳ,ବନ୍ଦ୍ ହୋଇଛି ଭତ୍ତା

● ଆଧାର ନାହିଁ ବୋଲି ସବୁ ଯୋଜନାରୁ ବଞ୍ଚିତ

ରାସନ୍ କାର୍ଡ ରେ ନାମ ଥାଇ ମଧ୍ୟ ରାସନ୍ ଚାଉଳ ପାଇବାରୁ ବଞ୍ଚିତ ଅଛନ୍ତି। ପ୍ରତି ମାସରେ ମିଳୁଥିବା ବିକଳାଙ୍ଗ ଭତ୍ତା ଗତ ମାସ ଠାରୁ ମଧ୍ୟ ବନ୍ଦ୍ କରି ଦିଆଯାଇଛି। ସବୁଠାରୁ ବଡ଼ କଥା ହେଉଛି ଆଧାର କାର୍ଡ ନାହିଁ ବୋଲି ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନ ମଧ୍ୟ ହୋଇପାରୁନି। ଆଧାର କାର୍ଡ ନଥିବାରୁ ସରକାରଙ୍କ ସବୁ ଯୋଜନା ଏହି ବିକଳାଙ୍ଗ ଅନୁପମା ଙ୍କ ପାଇଁ ଅପହଞ୍ଚ ହୋଇପଡିଛି। ଏଠି ପ୍ରଶ୍ନ ଯଦି ସାଧାରଣ ଲୋକଙ୍କ ପାଖରେ ଆଜି ବି ସରକାରଙ୍କ ସୁବିଧା ପହଞ୍ଚି ପାରୁନି ଓ ଆଧାର କାର୍ଡ ଟିଏ ହୋଇ ପାରୁନି ତେବେ ସରକାରଙ୍କ ଯୋଜନାର ଲାଭ କାହା ପାଇଁ? ସରକାରୀ ବାବୁ ମାନେ କରୁଛନ୍ତି କ'ଣ ? ଯାହାଙ୍କ ଟିକସ ପଇସାରେ ମୋଟା ଅଙ୍କର ଦରମା ପାଉଛନ୍ତି ସେମାନଙ୍କୁ ସେବା ଯୋଗାଇବା ବଦଳରେ ଅବହେଳା କରିବାର କାରଣ କ'ଣ ? ସରକାରୀ ଅଧିକାରୀମାନେ ଶୀତତାପ ନିୟନ୍ତ୍ରିତ କୋଠରୀରୁ ବାହାରି ଯଥାଶୀଘ୍ର ଅନୁପମା ଙ୍କ ଘରେ ପହଞ୍ଚି ଅନୁପମା ଙ୍କ ଆଧାର କାର୍ଡ କରାଇବା ସହିତ, ରାସନ୍ ଚାଉଳ ଓ ଭତ୍ତା ଟଙ୍କା ପ୍ରଦାନ କରାଇବାକୁ ବ୍ୟବସ୍ଥା କରିବା ଦରକାର। କେବେ ଅନୁପମା ଙ୍କ ଦୁଃଖ ପ୍ରଶାସନ ଦୂର କରୁଛି ତାହା ଉପରେ ସମସ୍ତଙ୍କ ନଜର।



# ଶ୍ରୀରାମ ମନ୍ଦିରରେ ପଡ଼ିଲା ତାଲା

## ସ୍ୱାଭାବିକ ତାପମାତ୍ରାଠାରୁ ଢ଼େର ଉପରେ ରହିବ ପାରଦ



**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ଶୀତ ଉଭାନ ହେବା ସହ ହଠାତ ମାଡ଼ି ଆସିଛି ଖରା। ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ଠାରୁ ୩ ରୁ ୪ ଡିଗ୍ରୀ ଅଧିକ ରହୁଛି । ଆଭ୍ୟନ୍ତରୀଣ ଓଡ଼ିଶାର କିଛି କିଛି ସ୍ଥାନରେ ସ୍ୱାଭାବିକ ତାପମାତ୍ରାଠାରୁ ୪ ରୁ ୫ ଡିଗ୍ରୀ ଅଧିକ ରହିଛି । ଆଗାମୀ ୪ - ୫ ଦିନ ଯାଏଁ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନର ସମ୍ଭାବନା ନାହିଁ । ସେହିପରି ଫେବୃଆରି ପ୍ରଥମରୁ ହିଁ ପ୍ରଚଣ୍ଡ ରୌଦ୍ରତାପରେ ସିଝୁଛି ସାରା ଓଡ଼ିଶା । ଉପାନ୍ତରୁ ଉପକୂଳ ହେଉ କି ଉତ୍ତରରୁ ଦକ୍ଷିଣ, କୌଣସି ଅଞ୍ଚଳ ବି ଏଥିରୁ ବାଦ୍ ପଡୁନି । ପୁରୀ ଭଳି ଉପକୂଳ ସହରରେ ଏବେ ଦିନ ଓ ରାତି ତାପମାତ୍ରା ମଧ୍ୟରେ ବ୍ୟବଧାନ ମାତ୍ର ୬.୨ ଡିଗ୍ରି ରହିଛି। କୋରାପୁଟ ପରି ଥଣ୍ଡା ଅଞ୍ଚଳ ଏବେ ଦିନରେ ତତଲା ତାୱାରେ ଭାଜି ହେଉଛି । ତତଲାଗଡ଼ ଭାବେ ପରିଚିତ ଟିଟିଲାଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ପରି ସହର କଥା ନ କହିବା ଭଲ। ଫେବୃଆରି ଆରମ୍ଭରୁ ଏଠାରେ ପାରଦ ୩୫ ଡେଇଁଗଲାଣି। ଦିନକୁ ଦିନ ତାପମାତ୍ରା ବଢ଼ୁଥିବାରୁ ଆଗକୁ ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ବିଶ୍ୱସ୍ତରୀୟ ପାଣିପାଗ ସଂସ୍ଥାଗୁଡ଼ିକ ଆକଳନ କରିଛନ୍ତି।

ଅନ୍ୟପଟେ ଗତ ୨୪ ଘଣ୍ଟାରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ , କଟକ ଏବଂ ଅନୁଗୁଳରେ ଘନ କୁହୁଡ଼ି ହୋଇଥିଲା ।

**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଶ୍ରୀରାମ ମନ୍ଦିରରେ ଟ୍ରଷ୍ଟି ଓ ପୂଜକଙ୍କ ମଧ୍ୟରେ ବିବାଦ ଯୋଗୁଁ ଦୀର୍ଘ ସମୟ ଧରି ମନ୍ଦିରରେ ତାଲା ପଡିଲା। ଏହି ବିବାଦ ଯୋଗୁଁ ଆଜି ଶ୍ରୀରାମଙ୍କ ସନ୍ଧ୍ୟା ଆଳତୀ ମଧ୍ୟ ହୋଇପାରିନଥିଲା। ଶେଷରେ ପୋଲିସ ହସ୍ତକ୍ଷେପ ଯୋଗୁ ମନ୍ଦିର

● ହୋଇପାରିଲାନି ସନ୍ଧ୍ୟା ଆଳତୀ

● ପୂଜକ ନିଯୁକ୍ତିକୁ ନେଇ ବିବାଦ

ଖୋଲିଥିବା ଏବଂ ସନ୍ଧ୍ୟା ୭ଟା ୪୫ରେ ଆଳତୀ ହୋଇଥିଲା। ଶ୍ରୀରାମ ମନ୍ଦିରରେ ପୂର୍ବରୁ କେବେ ଏଭଳି ଅପ୍ରିତିକର ଘଟଣା ଘଟିନଥିବା କହିଛନ୍ତି ଶ୍ରଦ୍ଧାଳୁ।

ଭୁବନେଶ୍ୱର ରାମମନ୍ଦିରରେ ଟ୍ରଷ୍ଟ ବୋର୍ଡ ଓ ପୂଜକ ବିବାଦ ନେଇ ଦୁଇ ଘଣ୍ଟା ଧରି ପୂଜା ନୀତି ବନ୍ଦ ରହିଥିଲା। ପୂଜା ନୀତି ଓ ସନ୍ଧ୍ୟା ଆଳତୀ ବନ୍ଦ ପରେ ଶେଷରେ ହସ୍ତକ୍ଷେପ କରିଥିଲା ପୋଲିସ। ଟ୍ରଷ୍ଟ ବୋର୍ଡ ପୁରୁଣା ପୂଜକଙ୍କୁ ନଜଣାଇ ନୂଆ ପୂଜକଙ୍କୁ ନିଯୁକ୍ତ କରିବା ଓ ମନ୍ଦିର ଚାବିକୁ ପୁରୁଣା ପୂଜକଙ୍କୁ ନଦେବାରୁ ଏହି ବିବାଦ ସୃଷ୍ଟି ହୋଇଥିଲା। ହତାଦର ହୋଇଥିବା ପୁରୁଣା ପୂଜକମାନେ ରାଗିଯାଇ ପୂଜା ନୀତି ବନ୍ଦ କରିଦେଇଥିଲେ । ଗତ ୩୫ ରୁ ୪୦ ବର୍ଷ ଧରି ମନ୍ଦିରରେ ପୂଜା କରି ଆସୁଥିବା ପୂଜକଙ୍କୁ ଟ୍ରଷ୍ଟ ବୋର୍ଡ ଅଣଦେଖା କରିବା ଘଟଣା ଯୋଗୁଁ ଏହି ଘଟଣା ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ମୁଖ୍ୟ ମନ୍ଦିର ବନ୍ଦ ଥିବାରୁ ଭକ୍ତମାନେ ନିରାଶ ହୋଇ ଫେରିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ସମୟରେ ଟ୍ରଷ୍ଟ ବୋର୍ଡ ଓ ପୂଜକଙ୍କ ମଧ୍ୟରେ କିଛି ସମୟ ଯୁକ୍ତି ତର୍କ ଲାଗି ରହିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିବା ପରେ ୪ ଟି ଚାବିରୁ ୩ ଟି ଚାବି ହସ୍ତାନ୍ତର କରିବା ପରେ ପୂଜା ନୀତି ଆରମ୍ଭ ହୋଇଥିଲା। ଯେତେ ବିବାଦ ଥିଲେ ମଧ ରାମ ମନ୍ଦିରରେ କେବେ ଏଭଳି ପୂଜା ବନ୍ଦ ହୋଇନଥିଲା ବୋଲି ଭକ୍ତମାନେ କହିଛନ୍ତି।



## ମେଜର-ବାନ୍ଧବୀଙ୍କ ନିର୍ଯାତନା ମାମଲା ସରିଲା କମିଶନଙ୍କ ତଦନ୍ତ

**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ଭରତପୁର ଥାନା ମାମଲାରେ ତଦନ୍ତ କମିଶନଙ୍କ ତଦନ୍ତ ବୁଧବାର ଶେଷ ହୋଇଛି। ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ତଦନ୍ତ ଶେଷ ହୋଇଥିବା ନେଇ ସୂଚନା ଦେଇଛନ୍ତି ଜଷ୍ଟିସ ସି.ଆର ଦାଶ କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି। ଆସନ୍ତା ୨୮ ତାରିଖ ସୁଦ୍ଧା ସରକାରଙ୍କୁ ରିପୋର୍ଟ ଦିଆଯିବ। ମିଳିଥିବା ସାକ୍ଷ୍ୟ ପ୍ରମାଣ ଆଧାରରେ ଏହି ରିପୋର୍ଟ ଦିଆଯିବ। ଶୁଭେନ୍ଦ୍ର କହିଛନ୍ତି, କମିଶନଙ୍କ ଅବଧି ଜାନୁଆରୀ ୩୧ ଯାଏ ଧାର୍ଯ୍ୟ ଥିଲା। ଆଜି ବାନ୍ଧବୀ ଏବଂ ତାଙ୍କ ଓକିଲ ଅଭିଯୁକ୍ତ ପୋଲିସ ଏବଂ ସାକ୍ଷୀ ଥିବା ମୋଟ ୩୫ ଜଣଙ୍କୁ ଜେରା କରିବାର ଥିଲା। ମେଜରଙ୍କ ବାନ୍ଧବୀଙ୍କ ଓକିଲ ଆସନ୍ତା ୧୫ ଯାଏ ସମୟ ମାଗିଥିଲେ। କମିଶନଙ୍କ ନିକଟରେ ଆଉ ସମୟ ନ ଥିବାରୁ ତଦନ୍ତକୁ ଶେଷ କରିଛନ୍ତି।ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ୧୪ ରାତିରେ ଭରତପୁର ଥାନା ଅଞ୍ଚଳରେ ସେନାର ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ଅଭିଯୋଗ ପାଇଁ ଉଭୟ ଥାନାରେ ଥାନାରେ ପହଞ୍ଚିଲା ପରେ ପୋଲିସ ସେମାନଙ୍କ ସହ ଯୁକ୍ତିତର୍କ କରିଥିଲା। ପରେ ଏହାକୁ ନେଇ ସରକାର ତଦନ୍ତ କମିଶନ ବସାଇଥିଲେ।

## ମହିଳା ଇନ୍ସପେକ୍ଟରଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁଇ ଦୁର୍ବୃତ୍ତ

**ଭଦ୍ରକ,୫।୨(ସଂଚାର ବ୍ୟୁରୋ):** ଜଣେ ମହିଳା ଇନ୍ସପେକ୍ଟରଙ୍କ ବେକରୁ ସୁନା ଚେନ ଟାଣି ନେଲେ ଦୁଇ ଦୁର୍ବୃତ୍ତ । ଘଟଣା ଘଟିଛି ଭଦ୍ରକ ଟାଉନ ଥାନା ଅଧିନସ୍ଥ କଚେରୀ ବଜାର ଅଞ୍ଚଳରେ। ପରିବା ମାର୍କେଟ ନିକଟରେ ସାଧା ପୋଷକରେ ଯାଉଥିବା ବେଳେ ଲୁଟର ଶିକାର ହୋଇଛନ୍ତି ଥାନା ଅଧିକାରିଣୀ। ସୂଚନା ଅନୁସାରେ ମହିଳା ଇନ୍ସପେକ୍ଟର ଜଣଙ୍କ ଭଦ୍ରକ କଚେରୀ ବଜାରରୁ ପରିବା କିଣୁଥିଲେ । ସେହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ମଟର ସାଇକେଲରେ ଆସି ସୁନା ଚେନ୍ ଝାମ୍ପିନେଇଥିଲେ । ଦୁଇ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣଙ୍କୁ କାବୁ କରିଛନ୍ତି ଲୋକେ । ମାତ୍ର ଅନ୍ୟ ଜଣେ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ଲୁଟ୍ ରେ ବ୍ୟବହାର ଗାଡିକୁ ମଧ ସ୍ଥାନୀୟ ଲୋକେ କାବୁ କରିବା ସହିତ ଉତ୍ତମ ମଧ୍ୟମ ଦେଇ ପୋଲିସକୁ ଜିମା ଦେଇଛନ୍ତି । ମହିଳା ଇନ୍ସପେକ୍ଟର ବର୍ତ୍ତମାନ ଏସପିଙ୍କ କାର୍ଯ୍ୟାଳୟରେ ସ୍ପେଶାଲ ରିପୋର୍ଟ ସେକ୍ସନରେ କାର୍ଯ୍ୟ କରୁଛନ୍ତି । ଲୁଟ ଘଟଣାକୁ ନେଇ ଅତିରିକ୍ତ ଏସପି ସ୍ପେଶଲ୍ ବ୍ରାଞ୍ଚ ଅଂଶୁମାନ ଦ୍ୱିବେଦୀଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଗିରଫ ଅଭିଯୁକ୍ତ ଇରାନି ଗ୍ୟାଙ୍ଗର । ଏହି ଗ୍ୟାଙ୍ଗ ଲଗାତାର ଭାବେ ସମାନ ଘଟଣା ଘଟାନ୍ତି । ସିରିଜ୍ ଲୁଟ କରନ୍ତି । ଏକାଧିକ ଲୁଟ ରେ ଏହି ଗ୍ୟାଙ୍ଗ ସାମିଲ ଅଛି । ପୋଲିସ୍ ଟିମ ଚୋରି ସାମଗ୍ରୀ ଗୁଡ଼ିକୁ ଜବତ ପାଇଁ ବାହାରିଛି । ଜବତ ଗାଡ଼ିରେ ଛତିଶଗଡ ନମ୍ବର ରହିଛି । କିନ୍ତୁ ଯାଞ୍ଚ ପରେ ଜଣା ପଡ଼ିବ ଗାଡ଼ି କେଉଁ ଅଞ୍ଚଳର ଓ ଚୋରା ଗାଡ଼ି କି ନୁହେଁ ।

## ଜୟଦେବ ଜେନାଙ୍କୁ ହତ୍ୟା ଧମକ

**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ ହତ୍ୟା ଧମକ। ଅଜଣା ନମ୍ବରରୁ ଫୋନ୍ କରି ୫୦ ଲକ୍ଷ ଟଙ୍କା ମାଗିଛନ୍ତି ଦୁର୍ବୃତ୍ତ। ଟଙ୍କା ନଦେଲେ ଜୀବନରେ ମାରି ଦେବାକୁ ଧମକ ଦେଇଛନ୍ତି। ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି ଜୟଦେବ ଜେନା। ମୁଖ୍ୟମନ୍ତ୍ରୀଙ୍କ ପାଖରେ ମଧ୍ୟ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି । ରାଜ୍ୟରେ ଆଇନଶୃଙ୍ଖଳ ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ଜୟଦେବ ଅଭିଯୋଗ କରିଛନ୍ତି । ଧମକ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜୟଦେବ ଜେନା ଅଭିଯୋଗ କରିଛନ୍ତି ବୋଲି ଗଣମାଧମରେ ସୂଚନା ଦେଇଛନ୍ତି ।



## ୫୮୦ ପ୍ଲଟ୍ ପଞ୍ଜୀକୃତ କରିଛି ବିଡ଼ିଏ

● ସହଜ ହେଉଛି ଫ୍ରିହୋଲ୍ଡ ପ୍ରକ୍ରିୟା

BHUBANESWAR DEVELOPMENT AUTHORITY

**ଭୁବନେଶ୍ୱର,୫।୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ଥିବା ଜମି ଲିଜ୍ ହୋଲ୍ଡରୁ ଫ୍ରିହୋଲ୍ଡରେ ପରିବର୍ତ୍ତନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଏହି ପ୍ରକ୍ରିୟାରେ ଆବେଦନ ହୋଇଥିବା ୮୬୭ ଆବେଦନପତ୍ର ମଧ୍ୟରୁ ୫୮୦ଟି ଗୃହ ଜମିର ହସ୍ତାନ୍ତିକରଣ ପତ୍ର ବିଡ଼ିଏ ପକ୍ଷରୁ ପଞ୍ଜିକୃତ ହୋଇଛି। ସେଥିମଧ୍ୟରୁ ୪୬୨ଟି ଆବେଦନ ଅନଲାଇନ୍ ମାଧ୍ୟମରେ ପଞ୍ଜୀକୃତ ହୋଇଛି। ବିଡିଏ ଦ୍ୱାରା ପ୍ଲଟ ଲିଜ୍‌ହୋଲ୍ଡରୁ ଫ୍ରିହୋଲ୍ଡ କରିବା ପାଇଁ ଆବେଦନକାରୀ ୱେବସାଇଟରେ ଅନଲାଇନ୍ ଆବେଦନ କରିପାରିବେ। ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୨୪ଟି ଗୃହ ଯୋଜନାକୁ ଲିଜ୍‌ହୋଲ୍ଡରୁ ଫ୍ରିହୋଲ୍ଡରେ ପରିବର୍ତ୍ତିତ କରିବା ପାଇଁ ଚୟନ କରାଯାଇଛି। ଏଥିମଧରେ ପୋଖରୀପୁଟର (୧,୨,୩ ଫେଜ୍), ଚନ୍ଦ୍ରଶେଖରପୁରେ ଥିବା ପ୍ରାଚୀ ଏନକ୍ଲେଭ ପ୍ଲଟ୍ ଯୋଜନା, ଲୁମ୍ବିନୀ ବିହାର ହାଉସିଂ ଯୋଜନା, ପାତ୍ରପଡାର ଉଦୟଗିରି ବିହାର ଏବଂ ଭିମପୁରର ଲିଙ୍ଗରାଜ ବିହାର ରହିଛି । ବିଡିଏ ପକ୍ଷରୁ ଅନ୍ୟ ଗୃହଯୋଜନା ଗୁଡ଼ିକୁ ମଧ ପର୍ଯ୍ୟାୟକ୍ରମେ ଏଥିରେ ସାମିଲ କରିବାର ଯୋଜନା ଥିବା ଜାଣିବାକୁ ମିଳିଛି। ବିଡିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଯଦି କୌଣସି ଜମି ବ୍ୟାଙ୍କ୍ କିମ୍ବା ଅନ୍ୟ ଭିତ୍ତିୟ ସଂସ୍ଥା ନିକଟରେ ବନ୍ଧକ ରହିଛି, ତେବେ ସେହି ସଂସ୍ଥାର ଆପତ୍ତି ନଥିବା ପ୍ରମାଣପତ୍ର ବା (ଏନ୍‌ଓସି) ମିଳିବା ପରେ ହିଁ ଜମି ପରିବର୍ତ୍ତନ ପ୍ରକ୍ରିୟା ଆଗକୁ ବଢ଼ିବ। ଅନ୍ୟପଟେ, ଆବେଦନକାରୀ ଜମି ସମ୍ପର୍କିତ କୌଣସି ନ୍ୟାୟିକ ବିବାଦ ନଥିବା ବିଷୟରେ ଏକ ଆଫିଡେଭିଟ୍ ଦାଖଲ କରିବା ଆବଶ୍ୟକ। ଯଦି ଜମି ସମ୍ପର୍କିତ କୌଣସି ମାମଲା ଚାଲିଛି, ତେବେ ମାମଲା ସମାପ୍ତ ହୋଇ ଅଦାଲତ ଶେଷ ଆଦେଶ ମିଳିବା ପରେ ହିଁ ଏହି ଆବେଦନକୁ ପୁଣି ବିଚାରକୁ ନିଆଯିବ। ଯେଉଁ ଆବେଦନକାରୀ ସରକାରୀ, ସାର୍ବଜନୀନ ଉଦ୍ୟୋଗ, କିମ୍ବା ବିଡିଏ ଅଧିକାର କ୍ଷେତ୍ର ଥିବା ଜମି ଜବରଦଖଲ କରିଛନ୍ତି, ଉକ୍ତ ଜମି ପ୍ରଥମେ ଖାଲି ନ କରିବା ଯାଏଁ ତାଙ୍କୁ ଏହି ଯୋଜନାରୁ ବାଦ ଦିଆଯିବ।

## ଖଣ୍ଡଗିରିରେ ଜମୁଛି ମାଘମେଳା: ଆଜିଠୁ ଯାତ୍ରା ମହାସମର



**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ରାଜଧାନୀ ଖଣ୍ଡଗିରିରେ ଜମୁଛି ମାଘମେଳା । ସାଧୁ ସନ୍ଥଙ୍କ ମନ୍ତ୍ର ଧ୍ୱନୀରେ ପ୍ରକମ୍ପିତ ସାରା ପରିବେଶ । ବିଶ୍ୱର କଲ୍ୟାଣ ଓ ଶାନ୍ତି ପ୍ରତିଷ୍ଠା ପାଇଁ ୯ ଦିନ ଧରି ଖଣ୍ଡଗିରିରେ ଚାଲିଛି ଜପତପ । ସାଧୁସନ୍ଥମାନେ ବିଶ୍ୱର କଲ୍ୟାଣ ପାଇଁ ଏଠାରେ ସିଦ୍ଧିର ସହ ଅଖଣ୍ଡ ଦୀପ ଜାଳି ପୂଜା କରୁଛନ୍ତି । ହୁଳହୁଳି ହରିବୋଲ ଘଣ୍ଟ ଘଣ୍ଟିରେ ଫାଟୁଛି ଖଣ୍ଡଗିରି । ସାଧୁସନ୍ଥଙ୍କ ଆଶିଷ ପାଇବାକୁ ଛୁଟି ଆସିଛନ୍ତି ହଜାର ହଜାର ଭକ୍ତ। ରାଜ୍ୟ ତଥା ରାଜ୍ୟ ବାହାରୁ ଏହାକୁ ଦେଖିବାକୁ ଲୋକେ ଆସୁଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କର ମଧ୍ୟ ଭିଡ଼ ଜମୁଛି। ଏପଟେ ମେଳାରେ ପଡିଥିବା ବଜାରରେ ଲାଗିଛି ଲୋକଙ୍କ ଭିଡ଼ । ବିଭିନ୍ନ ସାମଗ୍ରୀ କିଣିବା ସହ ଦୋଳି ଗୁଡିକର ମଜା ନେଉଛନ୍ତି ଦର୍ଶକ । ଚଳିତ ବର୍ଷ ଖଣ୍ଡଗିରିରେ ପରିମଳ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା ସହ ଆଲୋକୀକରଣ ଓ ସ୍ଥାୟୀ ଜଳଯୋଗାଣ ପାଇଁ ମଧ ସୁବନ୍ଦୋବସ୍ତ କରାଯାଇଛି। ଖଣ୍ଡଗିରି ମେଳାରେ ପାର୍କିଂ, ଟ୍ରାଫିକ ବ୍ୟବସ୍ଥା ସହ ସୁରକ୍ଷା ନେଇ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି ପ୍ରଶାସନ। ସୁରକ୍ଷା ଦୃଷ୍ଟିରୁ ମୋଟ ୮୦ଟି ସିସିଟିଭି କ୍ୟାମେରା ଲଗାଯାଇଛି । ମେଳା ଅବସରରେ ଆସନ୍ତା କାଲିଠୁ ୧୬ ତାରିଖ ପର୍ଯ୍ୟନ୍ତ ହେବ ଯାତ୍ରା ମହାସମର।

## ଭାରସାମ୍ୟ ହରାଇ ଓଲଟିଲା ସ୍କୁଲ୍ ଭ୍ୟାନ୍, ୧୧ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆହତ

**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ଶିଶୁ ମନ୍ଦିରରେ ଛାତ୍ରଛାତ୍ରୀଙ୍କୁ ଛାଡିବା ପାଇଁ ଯାଉଥିଲା ସ୍କୁଲ୍ ଭ୍ୟାନ୍ । ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଲା । ଦୁର୍ଘଟଣାରେ ଗାଡ଼ିରେ ଥିବା ୧୧ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରି ବୋରିଗୁମ୍ମା ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଞ୍ଚଳରେ ଏଭଳି ଘଟଣା ଘଟିଥିବାର ଖବର ସାମ୍ନାକୁ ଆସିଛି । ସୂଚନା ମୁତାବକ, ବୋରିଗୁମ୍ମା ଶିଶୁ ମନ୍ଦିରରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ନିତିଦିନିଆ ଯିବା ଆସିବା ପାଇଁ ଏକ ପ୍ରାଇଭେଟ୍ ଭ୍ୟାନ୍ ଶିଶୁ ମନ୍ଦିରରେ ନିୟୋଜିତ କରିଥିଲେ ଅବିଭାବକ । ଶିଶୁ ମନ୍ଦିରର ଆଖପାଖ ଅଞ୍ଚଳର ରହୁଥିବା ଛାତ୍ରଛାତ୍ରୀ ଉକ୍ତ ସ୍କୁଲ୍ ଭ୍ୟାନ୍‌ରେ ଯାତାୟତ କରନ୍ତି । ବୁଧବାର ଉକ୍ତ ଗାଡ଼ି ୧୧ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ବେଳେ ସର୍ଗିଗୁଡା ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡିଥିଲା । ଏହା ଦେଖି ସ୍ଥାନୀୟଲୋକେ ତୁରନ୍ତ ଭ୍ୟାନ୍ ମଧ୍ୟରେ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ବୋରିଗୁମ୍ମା ମେଡ଼ିକାଲକୁ ଚିକିତ୍ସା ପାଇଁ ଆଣିଥିଲେ । ସେଠାରେ ସମସ୍ତ ଆହତ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା କରାଯାଇଛି ।

## ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ଅଭିମନ୍ୟୁ ସ୍ମୃତି ସଂସଦ ଆନୁକୁଲ୍ୟରେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୫ତମ ଜୟନ୍ତୀ ଉତ୍ସବ, ପ୍ରତିଭା ସମ୍ମାନ ଓ ଅଭିମନ୍ୟୁ ସଙ୍ଗୀତ ସନ୍ଧ୍ୟା ଫେବୃଆରୀ ୪ ତାରିଖ ପବିତ୍ର ମାଘ ସପ୍ତମୀରୁ ସ୍ଥାନୀୟ ଗୀତ ଗୋବିନ୍ଦ ସଦନରେ ଆରମ୍ଭ ହୋଇଛି । ସଂସଦର ସଭାପତି ପୂର୍ବତନ ମନ୍ତ୍ରୀ ଅମର ଶତପଥୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ପରେ ସଂସଦର ଉପସଭାପତି ପୂର୍ଣ୍ଣଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଖତୁଚରଣ ବିଶ୍ୱାଳ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡାଇ ଉଦଘାଟକ ଭାବେ ଯୋଗଦେଇଥିବା ବେଳେ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି, ବରୀଷ ପୂର୍ବତନ ବିଧାୟିକା ସୁନନ୍ଦା ଦାସ ସମ୍ମାନୀୟ ଅତିଥି ଓ ଡକ୍ଟର ମୃତ୍ୟୁଞ୍ଜୟ ରଥ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅଭିମନ୍ୟୁ ସାହିତ୍ୟ ଉପରେ ଆଲୋଚନା କରିଥିଲେ ।

ସାହିତ୍ୟ ଶିକ୍ଷା, ସଂସ୍କୃତି, ସମାଜସେବା, କୃଷି ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ଦୁର୍ଗା ଚରଣ ସାହୁ, ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଲୋପାମୁଦ୍ରା ଜେନା, ହୃଷିକେଶ ନାୟକ, ଭାଗ୍ୟଧର ସାହୁ, କିଶୋର ଚନ୍ଦ୍ର ସ୍ୱାଇଁ, ନିମାଇଁ ଚରଣ ରାୟ ଓ ରକ୍ଷକ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ଉପସଭାପତି ନିରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।




## ଓଡ଼ିଶାକୁ କୃମି ମୁକ୍ତ କରିବାକୁ ଯୋଜନା ଆରମ୍ଭ

**ଭୁବନେଶ୍ୱର,୬।୨ (ସଂଚାର ବ୍ୟୁରୋ):** ଚଳିତ ୨୦୨୫ ଫେବୃଆରୀରେ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫର ମିଳିତ ଉଦ୍ୟମରେ ସାରା ଓଡ଼ିଶାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ମହିଳା ଓ ଶିଶୁ ମାନଙ୍କର ଉନ୍ନତ ସ୍ୱାସ୍ଥ୍ୟ, ସଠିକ ପୋଷଣ ଓ ଉତ୍ତମ ଶାରୀରିକ ଏବଂ ମାନସିକ ବିକାଶର ଲକ୍ଷ ନେଇ ୧୦ ଫେବୃଆରୀ ୨୦୨୫ ତାରିଖରେ ଏହା ପାଳନ କରାଯିବ । ଯେଉଁମାନେ ଫେବୃଆରି ୧୦ ତାରିଖରେ କୌଣସି କାରଣରୁ ଏହି ଔଷଧ ଖାଇପାରିନଥିବେ ସେମାନେ ଫେବୃଆରି ୧୭ ତାରିଖରେ ଏହି ଔଷଧ ଖାଇପାରିବେ ।

**୧ କୋଟି ୪୬ ଲକ୍ଷ ବାଳକବାଳିକା ଓ ୧୭.୭ ଲକ୍ଷ ମହିଳାଙ୍କ ପାଇଁ ସରକାର କରିଛନ୍ତି କୃମିନାଶକ ଔଷଧର ବ୍ୟବସ୍ଥା**




୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ପ୍ରତି ୬ ମାସରେ ଥରେ ସ୍କୁଲ ଆଉ ଅଙ୍ଗନବାଡି କେନ୍ଦ୍ରରେ କୃମିନାଶକ ଔଷଧ ଦିଆଯାଉଛି । ଏହା ସହିତ ଏହି ଦିନମାନଙ୍କରେ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ପ୍ରଜନନକ୍ଷମ ମହିଳା ମାନଙ୍କୁ ମଧ କୃମିନାଶକ ଔଷଧ ଦିଆଯାଉଛି ।

ଆଜି ଗଣମାଧମ ପ୍ରତିନିଧି ମାନଙ୍କୁ ସମ୍ବୋଧନ କରି ଓଡ଼ିଶା ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ କହିଥିଲେ, "ଜାତୀୟ କୃମିନାଶକା ଦିବସ ଅବସରରେ ୧ ରୁ ୧୯ ବର୍ଷ ସମସ୍ତ ବାଳକ-ବାଳିକା ଓ ୨୦ ରୁ ୨୪ ବର୍ଷର ପ୍ରଜନନକ୍ଷମ ମହିଳା ମାନଙ୍କୁ ନିକଟସ୍ଥ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ରରେ ଶିକ୍ଷକ ଓ ଅଙ୍ଗନବାଡି କର୍ମୀ ତଥା ଆଶା କର୍ମୀଙ୍କ ଦ୍ୱାରା କୃମିନାଶକ (ଦ୍ରବଣ/ବଟିକା) ଔଷଧ ଖାଇବାକୁ ଦିଆଯିବ।

"ଏହା ସହିତ ଫେବୃଆରୀ ମାସରେ ୯ ମାସରୁ ୬୦ ମାସ ବୟସର ସମସ୍ତ ପିଲାମାନଙ୍କୁ ନିଜର ବୟସ ମୁତାବକ ଉପଯୁକ୍ତ ମାତ୍ରାରେ 'ଭିଟାମିନ ଏ' ଦ୍ରବଣ ମଧ ଦିଆଯିବ । ଏହି ଫେବୃଆରୀ ମାସରେ ସରକାରୀ ଟୀକାକରଣ କେନ୍ଦ୍ର ଓ ସ୍ୱତନ୍ତ୍ର ଭିଚଏନଡିରେ 'ଭିଟାମିନ ଏ' ଦ୍ରବଣ ପ୍ରଦାନ କରାଯିବ," ବୋଲି ସେ କହିଥିଲେ।

"ସମସ୍ତ ସରକାରୀ, ସରକାରୀ ସହାୟତା ପ୍ରାପ୍ତ, କେନ୍ଦ୍ର ସରକାର ଏବଂ ବେସରକାରୀ ବିଦ୍ୟାଳୟ ସହିତ ଅଙ୍ଗନବାଡି କେନ୍ଦ୍ର, ପ୍ଲେ ସ୍କୁଲ, ଚାଇଲଡ଼ କେୟାର ଇଂଷ୍ଟିଟ୍ୟୁସନ ଓ ଶିକ୍ଷାଭିତ୍ତିକ ଅନୁଷ୍ଠାନ ମାନଙ୍କରେ କୃମିନାଶକ ଦିବସ ପାଳନ କରାଯିବ । ରାଜ୍ୟରେ ଏହି ଜାତୀୟ କୃମିନାଶକ ଦିବସ ମାଧମରେ ଆନୁମାନିକ ରୂପେ ୧ରୁ ୧୯ ବର୍ଷ ମଧରେ ୧,୪୬,୪୯,୬୨୩ ବାଳକ-ବାଳିକା, କିଶୋର-କିଶୋରୀ ଉପକୃତ ହେବା ସହିତ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ୧୭,୭୩,୧୮୭ ପ୍ରଜନନକ୍ଷମ ମହିଳା ଉପକୃତ ହେବେ", ବୋଲି ଡ଼ା. ସ୍ମୃତିଜିତ ପଟ୍ଟନାୟକ, ଯୁଗ୍ମ-ନିର୍ଦ୍ଦେଶକ, ନ୍ୟୁଟ୍ରିସନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କହିଥିଲେ ।

● ମ୍ୟାଚ ପୂର୍ବରୁ କମିଶନରେଟ ପୋଲିସର ବୈଠକ

## ମୁତୟନ ହେବେ ୫୦ ପ୍ଲାଟୁନ ପୋଲିସ ଫୋର୍ସ

**କଟକ,୫।୨(ସଂଚାର ବ୍ୟୁରୋ):** ମୁତୟନ ହେବେ ୫୦ ପ୍ଲାଟୁନ ପୋଲିସ । ବାରବାଟୀ ଦିନିକିଆ ପାଇଁ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯିବ । ଆଜି କମିଶନରେଟ ପୋଲିସ କାର୍ଯ୍ୟାଳୟରେ ଏକ ବୈଠକରେ ପୋଲିସ କମିଶନରଙ୍କ ଅଧ୍ୟକ୍ଷତାରେ ବୈଠକରେ ଆଲୋଚନା କରାଯାଇଛି । ଏଥିରେ ଖେଳାଳିଙ୍କ ସୁରକ୍ଷା, ଟ୍ରାଫିକ ପରିଚାଳନା ନେଇ ଆଲୋଚନା ଚାଲିଛି । ଭୁବନେଶ୍ୱର ଡିସିପି, ଟ୍ରାଫିକ ଡିସିପି ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ । କଟକ ବାରବାଟୀ ଷ୍ଟାଡିୟମରେ ଫେବୃଆରି ୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧରେ ଦିନିକିଆ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର କାଉଣ୍ଟରରେ ଟିକେଟ୍ ବିକ୍ରି ଆରମ୍ଭ ହୋଇଛି। ଦିନିକିଆ କ୍ରିକେଟ୍ ପୂର୍ବରୁ ଆଜି କମିଶନରେଟ ପୋଲିସ କାର୍ଯ୍ୟାଳୟରେ ପୋଲିସ କମିଶନରଙ୍କ ଅଧକ୍ଷତାରେ ବୈଠକ ଚାଲିଛି । ଏଥିରେ ଭୁବନେଶ୍ୱର ଡିସିପି, ଟ୍ରାଫିକ ଡିସିପି ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଅଛନ୍ତି । ବୈଠକରେ ଖେଳାଳିଙ୍କ ସୁରକ୍ଷା, ଟ୍ରାଫିକ ପରିଚାଳନା ନେଇ ଆଲୋଚନା ହେବ । ସେହିପରି ଉଭୟ ଦଳର ଖେଳାଳି ଭୁବନେଶ୍ୱର ମେ ଫେୟର ହୋଟେଲରେ ରହିବାର ବ୍ୟବସ୍ଥା ହୋଇଛି ।

## ନିରାପଦ ଯାତ୍ରାରେ ବିଶ୍ୱାସଭାଜନ ହୋଇଛି 'ଓଡ଼ିଶା ଯାତ୍ରୀ' ଆପ୍

**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ସମସ୍ତେ ଚାହାନ୍ତି ଯାତ୍ରା ସୁରକ୍ଷିତ ହେଉ, ଯିବା ଆସିବା ଭଡା ବି ଉଚିତ ହେଉ। ଏପରି ଏକ ସହର କଳ୍ପନା କରନ୍ତୁ ଯେଉଁଠାରେ ପ୍ରତ୍ୟେକ ଯାତ୍ରା ସୁରକ୍ଷିତ, ପ୍ରତ୍ୟେକ ଭଡ଼ା ନ୍ୟାୟପୂର୍ଣ୍ଣ ଏବଂ ପ୍ରତ୍ୟେକ ଡ୍ରାଇଭର ସଶକ୍ତ। ଓଡ଼ିଶା ଏହି ଦୃଷ୍ଟିକୋଣକୁ ବାସ୍ତବରେ ପରିଣତ କରୁଛି ଓଡ଼ିଶା ଯାତ୍ରୀ - ଏକ ଅଭିନବ ଗତିଶୀଳତା ଆପ୍ ଯାହା ଭୁବନେଶ୍ୱର ଏବଂ କଟକରେ ଲୋକଙ୍କ ଯାତାୟାତକୁ ପରିବର୍ତ୍ତନ କରୁଛି। ଏହାର କାର୍ଯ୍ୟର ମୂଳରେ ସୁରକ୍ଷା ସହିତ, ଏହି ଆପ୍ ଶୀଘ୍ର ହଜାର ହଜାର ନାଗରିକଙ୍କ ପାଇଁ ବିଶ୍ୱସ୍ତ ଯାତ୍ରା ସାଥୀ ହୋଇପାରିଛି ।

ଏହି କାହାଣୀ ଗତ ମାସରେ "ଘରକୁ ନିରାପଦରେ ଆସ" ଶୀର୍ଷକ ସଡ଼କ ସୁରକ୍ଷା ସଚେତନତା ମାସ ପାଳନ ସମୟରେ ଆରମ୍ଭ ହୋଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବରେ ଓଡ଼ିଶା ଯାତ୍ରୀ ଆରମ୍ଭ କରିଥିଲେ, ଯାହା ଯାତ୍ରୀ ସୁରକ୍ଷା ବୃଦ୍ଧି କରିବା ଏବଂ ସ୍ମାର୍ଟ, ଅଧିକ ସ୍ଥାୟୀ ଗତିଶୀଳତା ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲା। ଏହା ପରେ ଯାହା ହୋଇଛି ତାହା ଏକ ପରିବର୍ତ୍ତନଠାରୁ କମ୍ ନୁହେଁ।

**ଏକ ଲକ୍ଷରୁ ଅଧିକ ବ୍ୟବହାରକାରୀ , ୩୬୦୦୦ ରୁ ଅଧିକ ଚାଳକ ପଂଜିକୃତ**

ଆଜି, ଓଡ଼ିଶା ଯାତ୍ରୀ ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ ଯାତ୍ରାର ଏକ ଆଲୋକବର୍ତ୍ତିକା ଭାବରେ ଠିଆ ହୋଇଛି। ଏଥିରେ ରିଅଲ୍-ଟାଇମ୍ ଟ୍ରିପ୍ ଟ୍ରାକିଂ, ଲାଇଭ୍ ଟ୍ରିପ୍ ସେୟାରିଂ ଏବଂ ଓଡ଼ିଶା ପୋଲିସ ୧୧୨ ହେଲ୍ପଲାଇନ୍ ସହିତ ଏକ ସୁଦୃଢ଼ ଜରୁରୀକାଳୀନ ସହାୟତା ବ୍ୟବସ୍ଥା ଭଳି ଉନ୍ନତ ବୈଶିଷ୍ଟ୍ୟ ରହିଛି। ଡ୍ରାଇଭରମାନେ ସମ୍ପୂର୍ଣ୍ଣ ଯାଞ୍ଚ ଏବଂ ନିୟମିତ ସୁରକ୍ଷା ତାଲିମ ପାଆନ୍ତି, ଯାହା ଯାତ୍ରୀଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏକ ବିଶ୍ୱସ୍ତ ନେଟୱାର୍କ ସୃଷ୍ଟି କରେ।




କିନ୍ତୁ ଓଡ଼ିଶା ଯାତ୍ରୀଙ୍କୁ ପ୍ରକୃତରେ ଅଲଗା କରୁଥିବା ବିଷୟ ହେଉଛି ନ୍ୟାୟ ପ୍ରତି ଏହାର ପ୍ରତିବଦ୍ଧତା। ପାରମ୍ପରିକ ରାଇଡ୍-ହେଲିଂ ଆପ୍ ଯାହା ମୋଟା କମିଶନ କାଟିଥାଏ, ତାହା ପରି ନୁହେଁ, ଓଡ଼ିଶା ଯାତ୍ରୀ ଏକ ଅନନ୍ୟ ଶୂନ୍ୟ-କମିସନ୍ ମଡେଲରେ କାର୍ଯ୍ୟ କରେ। ଡ୍ରାଇଭରମାନେ ସେମାନଙ୍କର ରୋଜଗାରର ୧୦୦% ରଖନ୍ତି, ଏହା କେବଳ ଜୀବିକା ଉନ୍ନତ କରିନାହିଁ ବରଂ ଡ୍ରାଇଭରମାନଙ୍କୁ ଅସାଧାରଣ ସେବା ପ୍ରଦାନ କରିବାକୁ ପ୍ରେରଣା ମଧ ଦେଇଛି।

ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆପ୍‌ର ପରିବର୍ତ୍ତନକାରୀ ସମ୍ଭାବନା ବିଷୟରେ ଉଲ୍ଲେଖ କରି କହିଥିଲେ "ଓଡ଼ିଶା ଯାତ୍ରୀ କେବଳ ଏକ ଗତିଶୀଳତା ଆପ୍ ନୁହେଁ; ଏହା ଏକ ପ୍ଲାଟଫର୍ମ ଯାହା ସୁରକ୍ଷିତ, ସ୍ମାର୍ଟ ଏବଂ ଅନ୍ତର୍ଭୁକ୍ତ ସହରାଞ୍ଚଳ ପରିବହନ ସୃଷ୍ଟି କରି ବିକଶିତ ଓଡ଼ିଶା ପାଇଁ ଆମର ଦୃଷ୍ଟିକୋଣକୁ ମୂର୍ତ୍ତିମନ୍ତ କରେ। "ଏହାର ଅଭିନବ ଶୂନ୍ୟ-କମିସନ୍ ମଡେଲ୍ ଏବଂ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ସହିତ, ଏହା ସହରାଞ୍ଚଳ ଗତିଶୀଳତାରେ ଏକ ଖେଳ ପରିବର୍ତ୍ତନକାରୀ ହେବାକୁ ପ୍ରସ୍ତୁତ," ସେ କହିଛନ୍ତି।

ଆଗାମୀ ଦିନରେ ଓଡ଼ିଶା ଯାତ୍ରୀ ସାର୍ବଜନୀନ ପରିବହନ ନେଟୱାର୍କ, AI-ଚାଳିତ ସୁରକ୍ଷା ପ୍ରୋଟୋକଲ୍ ଏବଂ ନିର୍ବିଘ୍ନ ପ୍ରଥମ ଏବଂ ଶେଷ-ମାଇଲ୍ ସଂଯୋଗ ପାଇଁ ଉପକରଣ ସହିତ ଏହାର ଅଫରଗୁଡ଼ିକୁ ବିସ୍ତାର କରିବାକୁ ଯୋଜନା କରୁଛି। ଏହି ଉନ୍ନତିଗୁଡ଼ିକ ନିଶ୍ଚିତ କରିବ ଯେ ଆପ୍ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଭାବରେ ରଖି ଏହାର ବ୍ୟବହାରକାରୀଙ୍କ ବିକଶିତ ଆବଶ୍ୟକତା ପୂରଣ କରିବା ଜାରି ରଖିବ।

SANCHAR

ସଂଚାର

୪ ଗୁରୁବାର ୬ ଫେବ୍ରୁଆରୀ ୨୦୨୫, ଭୁବନେଶ୍ୱର

Thursday 6 February 2025 Bhubaneswar


# ଉଦବେଗର କାରଣ ଯଥାର୍ଥ

ଭାରତରେ ଅନେକ ଆଇନ ରହିଛି ଯାହାର ଦୁରୂପଯୋଗ ହେଉଛି ଏବଂ ଅନେକ ନିର୍ଦ୍ଦୋଷ ଦଣ୍ଡିତ ହେଉଛନ୍ତି ବା ମାନସିକ ନିର୍ଯାତନାର ଶୀକାର ହେଉଛନ୍ତି। ଅନସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନ ଏଭଳି ଏକ ଆଇନ ଏଥିରେ ଅନେକ ସମୟରେ ନିରପରାଧ ବ୍ୟକ୍ତି ବିନା ଦୋଷରେ ଦଣ୍ଡିତ ହେଉଛନ୍ତି, ଅପମାନିତ ହେଉଛନ୍ତି। ଆଇନ ପ୍ରଣୟନ ବେଳେ ଏହାର ତର୍ଜମା କରାଯିବା ଉଚିତ ଥିଲା ଏବଂ ଏହାର ସମ୍ଭାବ୍ୟ ଦୁରୂପଯୋଗକୁ ରୋକିବା ନିମନ୍ତେ ଆଇନରେ କିଛି ବ୍ୟବସ୍ଥା ରଖାଯିବାର ଥିଲା। ସେହିପରି ଯୋ÷ତିକୁ ନିରୋଧ ଆଇନର ମଧ ସ୍ଥଳ ବିଶେଷରେ ଦୁରୂପଯୋଗ ହେଉଥିବା ଅଭିଯୋଗ ଆସୁଛି। ଦୁଇ ମାସ ତଳେ ମାନ୍ୟବର ସୁପ୍ରିମକୋର୍ଟ ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮ଏର ଦୁରୂପଯୋଗ ନେଇ ଉଦବେଗ ପ୍ରକାଶ କରିବା ସହ ଏହାର ନିରାକରଣ ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହି ଆଇନ ଅନୁଯାୟୀ କିଛି ମହିଳା ନିଜ ସ୍ୱାମୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ବିରୋଧରେ ମିଥ୍ୟା ଯୋ÷ତୁକ ଅଭିଯୋଗ ଆଣି ମାନସିକ ନିର୍ଯାତନା ଦେଉଥିବା ଏବଂ ବ୍ଲାକ ମେଲ କରୁଥିବା ଅଭିଯୋଗ ହେଉଛି। ନିକଟରେ ବୋଙ୍ଗାଲୁରୁର ଜଣେ ଯୁବ ଇଞ୍ଜିନିୟର ପତ୍ନୀଙ୍କ ନିର୍ଯାତନା ସହି ନପାରି ଆତ୍ମହତ୍ୟା କରିବା ଘଟଣା ପରେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଆଇନ ନାଗରିକର ସୁରକ୍ଷା ଏବଂ ନ୍ୟାୟ ପାଇଁ ଉଦ୍ଦିଷ୍ଟ। କାହା ପ୍ରତି ଅନ୍ୟାୟ ହେବା ଏବଂ ବିନା ଦୋଷର କାହାରିକୁ ଦଣ୍ଡ ଆଇନର ଅଭିପ୍ରାୟ ନୁହେଁ। ଆମ ଆଇନର ଭୂଳ ଭିତ୍ତି ହେଲା ହଜାରେ ଦୋଷୀ ପଛେ ଛାଡ଼ ପାଇ ଯାଆନ୍ତୁ ଜଣେ ନିର୍ଦ୍ଦୋଷ ଯେପରି ଦଣ୍ଡ ନପାଉ। ଅନେକ ସମୟରେ ଆଇନର ଗଳାବାଟ ଦେଇ ଖସି ଯାଉଛନ୍ତି। ଆଉ ବିନା ଦୋଷରେ ବା ଅଭିଯୋଗର ପ୍ରାଥମିକ ପ୍ରମାଣ ବିନା ଅଭିଯୁକ୍ତଙ୍କୁ ଦୀର୍ଘ ଦିନ ଜେଲର କାଳ କୋଠରୀ ଭିତରେ ଦିନ କାଟିବାକୁ ପଡ଼ୁଛି। ସେଥିପାଇଁ ଜାମିନ ନିୟମରେ ସଂଶୋଧନ ଜରୁରୀ। ସେଥିପାଇଁ ଆଇନର ଦୁରୂପଯୋଗକୁ ରୋକାଯିବା ଜରୁରୀ। କେବଳ ଯୋ÷ତୁକ ନିରୋଧ ଆଇନ ବା ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ ରହିଥିବା ଆଇନକୁ ଭଲଭାବେ ତର୍ଜକା କରାଯିବା ଜରୁରୀ। ସୁପ୍ରିମକୋର୍ଟ କହିଛନ୍ତି ଯେ, ଜଣେ ମହିଳା ବା ତାଙ୍କ ସମ୍ପର୍କୀୟ ଯେତେବେଳେ ଏହି ଆଇନ ଅନୁଯାୟୀ କାହା ବିରୋଧରେ ଅଭିଯୋଗ ଆଣୁଛନ୍ତି ସେତେବେଳେ ନିର୍ଦ୍ଦିଷ୍ଟ ଅଭିଯୋଗର ପ୍ରାଥମିକ ପ୍ରମାଣ ବିନା ତାଙ୍କୁ ଗିରଫ କରାଯିବା ଅନୁଚିତ। ପୋଲିସ ଅଭିଯୋଗ ଉପରେ ତତ୍କାଳ ତଦନ୍ତ କରି ଠୋସ ପ୍ରମାଣ ପାଇବା ପରେ ଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଆଇନର ଏଭଳି ଦୁରୂପଯୋଗ ଦ୍ୱାରା ପ୍ରକୃତ ଦୋଷୀ ଅନେକ ସମୟରେ କୋର୍ଟରେ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବାରେ ସଫଳ ହେଉଛନ୍ତି ଏବଂ ବେନିଫିଟ ଅଫ ଡାଉଟରେ ଖସି ଯାଉଛନ୍ତି। ଆଇନର ଦୁରୂପଯୋଗ ୨୦% କ୍ଷେତ୍ରରେ ହେଉଥିବା ବେଳେ ବାକି ୮୦% ମାମଲାରେ ଦୋଷୀ ଏହାର ସୁଯୋଗ ନେଇ ଖସି ଯାଉଛନ୍ତି। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଏସଟି/ଏସସି ଆକ୍ଟର ଦୁରୂପଯୋଗ ପ୍ରସଙ୍ଗ ଉଠାଇଥିଲେ। ଏହି ଆଇନକୁ କେତେକ ଅସ୍ତ୍ର କରୁଛନ୍ତି ଏବଂ ମିଥ୍ୟା ଅଭିଯୋଗ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ଅଭିଯୋଗ ଆସିବା ମାତ୍ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି ଏବଂ ଜାମିନ ଖାରଜ ହେଉଛି। ଅନେକ ସମୟରେ ବିନା ଦୋଷରେ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡ଼ୁଛି। ସମାଜ ଉପରେ ଏହାର ବ୍ୟାପକ ପ୍ରଭାବ ପଡ଼ୁଛି। ଅନେକ କ୍ଷେତ୍ରରେ ସାମାଜିକ ନ୍ୟାୟ ନାମରେ ଅନ୍ୟାୟ ହେଉଛି। ଜେଲ ଯିବା ଭୟରେ ଜଣେ ସରକାରୀ ଅଧିକାରୀ ନିଜ ଅଧିନସ୍ଥ ଅନ୍ୟ ଜଣେ କର୍ମଚାରୀ ଯଦି ସେ ଏସଟି/ଏସସି ସମ୍ପ୍ରଦାୟର ହୋଇଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଭୟ କରୁଛନ୍ତି। ତେଣୁ ସୁପ୍ରିମକୋର୍ଟ କହିଥିଲେ ଯେ, ଅଭିଯୋଗ ଆସିବା ପରେ ତତ୍କାଳଅଭିଯୁକ୍ତଙ୍କୁ ଗିରଫ ନକରି ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ପ୍ରାଥମିକ ପ୍ରମାଣ ସଂଗ୍ରହ କରନ୍ତୁ। ପ୍ରାଥମିକ ପ୍ରମାଣ ମିଳିବା ପରେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଏଥିପାଇଁ ଅତି ବେଶୀରେ ୧୫ ଦିନ ସମୟ ଦିଆଯାଉ। ଏହା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ସୁପ୍ରିମକୋର୍ଟ କାହା ପ୍ରତି କୋହଳ ଆଭିମୁଖ୍ୟ ଗ୍ରହଣ କରିବାକୁ କହିନଥିଲେ। କେବଳ ପ୍ରମାଣ ସଂଗ୍ରହ କରିବାକୁ କହିଥିଲେ। ଅଭିଯୋଗର ୧୫ ଦିନ ପରେ ଅଭିଯୁକ୍ତ ଗିରଫ ହେଲେ ଅଭିଯୋଗକାରୀ ଅନ୍ୟାୟର ଶିକାର ହେବେ ସେକଥା ନୁହେଁ। କିନ୍ତୁ ଆଇନର ଦୁରୂପଯୋଗ ନହେଉ, କେହି ବିନା ଦୋଷରେ ଦଣ୍ଡିତ ନହେଉ ସୁପ୍ରିମକୋର୍ଟ କେବଳ ଏହା ଚାହୁଁଥିଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟାପୀ ପ୍ରବଳ ଜନଆନ୍ଦୋଳନ ହେଲା। ଅନେକ ସ୍ଥାନରେ ହିଂସା ଯୋଗୁ ଧନଜୀବନ ହାନି ହେଲା। ଅନେକ ସରକାରୀ ସମ୍ପତ୍ତି ନଷ୍ଟ ହେଲା। ଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହେଲା। ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଏହି ଆନ୍ଦୋଳନ ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ଥିଲା। କିଛି ବିରୋଧୀ ରାଜନୈତିକ ଦଳ ଏହାକୁ ସରକାରଙ୍କ ବିରୋଧରେ ଅସ୍ତ୍ର କଲେ। ଭୋଟ ବ୍ୟାଙ୍କ ରାଜନୀତି ବା ସନ୍ତୁଷ୍ଟିକରଣ ରାଜନୀତି ଯୋଗୁ ଏଭଳି ହେଲା। ଶେଷରେ ସରକାର ଚାପରେ ପଡ଼ି ମୁଣ୍ଡ ନୁଆଁଇଲେ ଏବଂ ଆଇନରେ ସଂଶୋଧନ କଲେ। ସୁପ୍ରିମକୋର୍ଟଙ୍କ ରାୟ ଅକାମୀ ହୋଇଗଲା। ଏବେ ଯୋ÷ତୁକ ନିରୋଧ ଆଇନର ଦୁରୂପଯୋଗ ନେଇ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ପରାମର୍ଶ ଦେଇଛନ୍ତି ତାହା ମୂଲ୍ୟହୀନ ହୋଇନଯିବ ବୋଲି କୁହାଯାଇପାରିବ ନାହିଁ। ଅନେକ ସମୟରେ ଆଇନର ଗଳାବାଟ ଦେଇ ଅନେକ ଅପରାଧି ଖସି ଯାଉଛନ୍ତି। ଏହି ଗଳାବାଟକୁ ରୋକାଯିବା ଜରୁରୀ। ଆଇନର ଏଭଳି ଦୁରୂପଯୋଗ କରୁଥିବା ବ୍ୟକ୍ତି ଅପରାଧୀ। ସେମାନଙ୍କ ବିରୋଧରେ ଦୁଇଗୁଣ ଦଣ୍ଡ ବିଧାନ ହେବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଜଳକଷ୍ଟର ନିରାକରଣ ହେଉ

**ମହାଶୟ,**

ଚଳିତ ବର୍ଷ ଫେବୃଆରୀ ମାସରୁ ରାଜ୍ୟରେ ଯେପରି ତାପମାତ୍ରା ବୃଦ୍ଧି ପାଇଲାଣି, ଏପ୍ରିଲ-ମେ'ରେ ପରିସ୍ଥିତି କ'ଣ ହେବ ତାହା ସହଜରେ ଅନୁମେୟ। ଓଡ଼ିଶାରେ ବର୍ଷକୁ ଏବେ ୧୦ ମାସ ଖରା ହେଉଛି। ପ୍ରଚଣ୍ଡ କରା ସହିତ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ୁଛି। ମେ' ଓ ଜୁନ ମାସ ସବୁଠାରୁ କଷ୍ଟକର। ଏହି ସମୟରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବା ଏକ ନିୟମିତ ପ୍ରକ୍ରିୟା ହୋଇଗଲାଣି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହିତ ଜଳାଭାବ ଅନେକ ସ୍ଥାନରେ ପରିସ୍ଥିତିକୁ ଆହୁରି ଜଟିଳ କରି ଦେଉଛି। କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ଏପରିକି ନଦୀ କୂଳିଆ ଗ୍ରାମରେ ମଧ ପାନୀୟ ଜଳର ଉତ୍କଟ ଅଭାବ ଅନୁଭବ କରାଯାଉଛି। ଏଥର ପରିସ୍ଥିତି ଆହୁରି ଜଟିଳ ହୋଇପାରେ। ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଅନେକ ସ୍ଥାନରେ ନଳକୂପରୁ ପାଣି ବାହାରୁନି। ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ହେବା ଉଚିତ। କେବଳ ଜଳାଶୟ ଖନନ କରି ବର୍ଷା ପାଣିକୁ ସଂଚୟ କରିବା ହେଉଛି ଏହାର ଏକମାତ୍ର ଉପାୟ।

**ମନ୍ଦାକିନୀ ଛୋଟରାୟ, ବାଣୀବିହାର**

# ଓଡ଼ିଶାରେ ବନାଗ୍ନି ବିପତ୍ତି: କାରଣ ଓ ନିରାକରଣ




ସୀତାକାନ୍ତ ତ୍ରିପାଠୀ


ଜଙ୍ଗଲ ଆମ ରାଷ୍ଟ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହା ଆମକୁ କେବଳ ଫୁଲ, ଫଳ, ଚେର, ମୂଳ ଓ କାଠ ଆଦି ଯୋଗାଇ ଆମର ଜୀବନ ଓ ଜୀବିକାକୁ ସୁରକ୍ଷିତ କରିନଥାଏ, ବରଂ ଜୈବ ବିବିଧତାର ସୁରକ୍ଷା ଏବଂ ସୁସ୍ଥ ପରିବେଶ ବଜାୟ ରଖିବାରେ ସହାୟକ ହୋଇଥାଏ। ମୃତ୍ତିକାକ୍ଷୟକୁ ରୋକିବା, ଜଳ ସଂରକ୍ଷଣ, ବନ୍ୟା ନିୟନ୍ତ୍ରଣ ସର୍ବୋପରି ଜୀବ ଜଗତ ବଞ୍ଚି ରହିବା ପାଇଁ ଆବଶ୍ୟକ ଅମ୍ଳଜାନ ଯୋଗାଇବାରେ ଜଙ୍ଗଲର ଭୂମିକା ଅନନ୍ୟ ଓ ଅତୁଳନୀୟ। ପରିତାପର ବିଷୟ ସମୟକ୍ରମେ ଆମ ଜଙ୍ଗଲ ଗୁଡ଼ିକ ଧ୍ୱଂସାଭିମୁଖୀ ହେବାରେ ଲାଗିଛି। ବିଳାସପୂର୍ଣ୍ଣ ଜୀବନଚର୍ଯ୍ୟା, ଅପରିଣାମଦର୍ଶୀ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହେବା ବ୍ୟତୀତ ବନାଗ୍ନି ବର୍ତ୍ତମାନ ପରିପ୍ରେକ୍ଷୀରେ ଜଙ୍ଗଲ ଅବକ୍ଷୟର ମୁଖ୍ୟ କାରଣ ପାଲଟିଛି। ଦୁର୍ଭାଗ୍ୟବଶତଃ ଓଡ଼ିଶାରେ ବନାଗ୍ନି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜଙ୍ଗଲ ବିଭାଗ ରିପୋର୍ଟ ଅନୁଯାୟୀ ୨୦୨୧ ମସିହାରେ ସାରା ଭାରତରେ ସମୁଦାୟ ୩,୪୫,୯୮୯ଟି ବନାଗ୍ନି ଘଟିଥିଲା। ଏଥିମଧ୍ୟରୁ ଓଡ଼ିଶା ୫୧,୯୬୮ଟି ବନାଗ୍ନି ସହିତ ପ୍ରଥମ ସ୍ଥାନ ଅଧିକାର କରିବାର ଅପକିର୍ତ୍ତୀ ମୁଣ୍ଡାଇଥିଲା ବେଳେ ମଧ୍ୟପ୍ରଦେଶ ୪୭,୭୯୫ ଏବଂ ଛତିଶଗଡ଼ ୩୮,୧୦୬ଟି ବନାଗ୍ନି ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୨୦୨୨ ମସିହା ମଇ ମାସ ୧୦ ତାରିଖ ସୁଦ୍ଧା ଓଡ଼ିଶାରେ ୨୭୫୯୯ଟି ବନାଗ୍ନି ଘଟିଥିଲା। ଏବର୍ଷ ଜାନୁଆରୀ ମାସଠାରୁ ଓଡ଼ିଶାରେ ବନାଗ୍ନି ସମସ୍ୟା ଆରମ୍ଭ ହୋଇଥିବା ବେଳେ ଫେବୃୟାରୀ ପ୍ରଥମ ସପ୍ତାହ ସୁଦ୍ଧା ୬୫୯ଟି ବନାଗ୍ନି ଘଟି ଏହା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି, ଯାହା ଉଭୟ ସରକାରୀ କଳ ଓ ସଭ୍ୟ ସମାଜ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।



ବନାଗ୍ନି ସମସ୍ୟା ପ୍ରାୟତଃ ମନୁଷ୍ୟକୃତ। ସ୍ଥାନ, କାଳ ଓ ପାତ୍ର ଭେଦରେ ଏହାର କାରଣ ମଧ ଭିନ୍ନଭିନ୍ନ। ଜଙ୍ଗଲକୁ ଯାଉଥିବା ଅଧିବାସୀମାନେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ, ଫଳ, ଫୁଲ (ମହୁଲ, ଆମ୍ବ, ତେନ୍ତୁଳି ଓ ଚେରମୂଳୀ) ଆଦିକୁ ସହଜ ଭାବେ ସଂଗ୍ରହ କରିବା ପାଇଁ ଅନାବନା ଘାସପତ୍ରରେ ନିଆଁ ଲଗାଇ ପୋଡି ଦେଇଥାଆନ୍ତି, ଯାହା ଜାଣତରେ / ଅଜାଣତରେ ସମଗ୍ର ଜଙ୍ଗଲକୁ ବ୍ୟାପିଯାଇଥାଏ। ବେଳେ ବେଳେ ଜଙ୍ଗଲ ମଧ୍ୟରେ ଭୋଜିଭାତ କରିବା ସମୟରେ ଲୋକମାନେ ଅସାବଧାନତା ଏବଂ ବେପରୁଆ ମନୋଭାବରୁ ନିଆଁ ନ ଲିଭାଇ ଫେରିଆସିଥାନ୍ତି, ଯାହା ପରବର୍ତ୍ତୀ ସମୟରେ ବନାଗ୍ନିର କାରଣ ସାଜିଥାଏ। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଦରପୋଡା କାଠକୁ ହୋଟେଲ୍, ଏବଂ କମାରଶାଳ ମାନଙ୍କରେ ଥିବା ଚୁଲାରେ ବ୍ୟବହାର କରାଯାଇଥାଏ ଏବଂ ଅନ୍ୟ କେତେକ ସ୍ଥାନରେ ଲୁଗାପଟାରେ ଦିଆଯାଉଥିବା ଇସ୍ତ୍ରୀରେ ମଧ ଦରପୋଡା କାଠର ଚାହିଦା ଥାଏ। ଯେଉଁଥିପାଇଁ ଲୋକମାନେ ଜଙ୍ଗଲରେ ନିଆଁ ଲଗାଇ ଦରପୋଡା କାଠ ସଂଗ୍ରହ କରିଥାଆନ୍ତି। ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ ହୋଇ ଧରଣୀ ମାଆକୁ ଖୁସି କରିବା ପାଇଁ କେତେକ ସ୍ଥାନରେ ଲୋକମାନେ ଜଙ୍ଗଲରେ ନିଆଁ ଲଗାଇ ଦେଇଥାଆନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ, ଜଙ୍ଗଲରେ ନିଆଁ ଲାଗିଲେ ଧରଣୀକୁ ଶାନ୍ତ କରିବା ପାଇଁ ଭଲ ବର୍ଷା ହୋଇଥାଏ। ଜଙ୍ଗଲ ନିଆଁରୁ ବାହାରୁଥିବା ଅଙ୍ଗାରକୁ ଅନେକ ସ୍ଥାନରେ ସାର ଓ ଖତ ଭାବରେ ବ୍ୟବହାର କରାଯାଇଥାଏ। ବନ୍ୟଜନ୍ତୁଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ଯେଉଁ ନିଆଁ ହୁଳା ବ୍ୟବହାର କରାଯାଏ, ତାହା ଅନେକ ସମୟରେ ଜଙ୍ଗଲ ନିଆଁରେ ପରିଣତ ହୋଇଥାଏ। ଅବାଧରେ ପଶୁ ଶିକାର କରିବା ପାଇଁ ବନାଗ୍ନିକୁ ସ୍ଥାନୀୟ ଅଧିବାସୀମାନେ ନିଜର ଅସ୍ତ୍ରଭାବେ ବ୍ୟବହାର କରିଥାଆନ୍ତି। ବିଭିନ୍ନ ପ୍ରାକୃତିକ ଜଳ ଉତ୍ସ ଶୁଖି ଯିବା, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ତଥା ଜଳଛାୟା ପ୍ରକଳ୍ପ ଆଦି ଅକାମୀ କିମ୍ବା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ହେବା ଫଳରେ ଉକ୍ତ ସମସ୍ୟା ବହୁଗୁଣିତ ହୋଇଥାଏ। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଚାଷ ଜମିମାନଙ୍କରେ ଫସଲ ଅମଳ ପରେ ରହିଥିବା ବର୍ଜ୍ୟବସ୍ତୁ ଯଥା- ନଡ଼ା, ସୂର୍ଯ୍ୟମୁଖୀ ଓ ମକା ଆଦିର କାଣ୍ଡରେ ଲୋକମାନେ ନିଆଁ ଲଗାଇ ଦିଅନ୍ତି ଯାହା ଧିରେ ଧିରେ ଜଙ୍ଗଲକୁ ବ୍ୟାପିଯାଇଥାଏ।

ଏସବୁ ସମସ୍ୟା ଉପରେ ତୀକ୍ଷ୍ଣ ନଜର ରଖି ସରକାରଙ୍କୁ ସମୟୋପଚିତ ଓ ବହୁମୁଖୀ କାର୍ଯ୍ୟକ୍ରମ ହାତକୁ ନେବାର ସମୟ ଆସିଛି। କୁ-ସଂସ୍କାର ଓ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇଥିବା ଜନସମାଜ ମନରେ ଧରଣୀ ମାଆକୁ ଶାନ୍ତ କରିବା ପାଇଁ ବନାଗ୍ନି ନୁହେଁ, ବରଂ ବିକଳ୍ପ ପୂଜା ବ୍ୟବସ୍ଥା ପାଇଁ ତୃଣମୂଳ ସ୍ତରରୁ ସଚେତନତାର ଆବଶ୍ୟକ ରହିଛି। ବନାଗ୍ନିର ସୂଚନା ପାଇବା ପାଇଁ ଯେଉଁ ଆଧୁନିକ ସେନ୍‌ସର ବ୍ୟବସ୍ଥା ଆରମ୍ଭ ହୋଇଛି, ତାହାର ସଫଳ ପ୍ରୟୋଗ ହେବା ସହିତ ଆକାଶ ମାର୍ଗରୁ ଜଳ ସିଞ୍ଚନର ବ୍ୟବସ୍ଥା କରାଯାଇପାରେ। ଉଭୟ ପ୍ରାକୃତିକ ଓ କୃତ୍ରିମ ଜଳ ଉତ୍ସଗୁଡ଼ିକ ସମୟୋପଯୋଗୀ ଭାବେ କାର୍ଯ୍ୟକ୍ଷମ କରାଯିବା ପାଇଁ ଗ୍ରାମସଭା ମାନଙ୍କରେ ସଂକଳ୍ପ ପାରିତ କରାଯାଇ ନିୟମିତ ଭାବେ ସମୀକ୍ଷା କରାଯିବା ଦରକାର। ଏଥିପାଇଁ ଉଭୟ ଗୋଷ୍ଠୀ ଓ ସରକାର ସହଭାଗିତାରେ କାର୍ଯ୍ୟକ୍ରମମାନ ହାତକୁ ନିଆଯିବା ଉଚିତ୍। ବନାଗ୍ନି ସମ୍ପର୍କରେ ସୂଚନା ଦେଉଥିବା ଲୋକଙ୍କ ପାଇଁ ପ୍ରୋତ୍ସାହନ ରାଶି ତତ୍କାଳ ପ୍ରଦାନ କରାଯିବା ସହିତ ଜଙ୍ଗଲ ବିଭାଗରେ ମଧ ଗୁପ୍ତଚର ବ୍ୟବସ୍ଥା ଲାଗୁ କରିବାର ସମୟ ଆସିଛି। ଜଙ୍ଗଲ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭୋଜିଭାତକୁ ଅନୁମତି ଦିଆଯିବା ଅନୁଚିତ୍। ସର୍ବଶେଷରେ ଗୃହ, ଜଙ୍ଗଲ ଓ ଜଳସେଚନ ବିଭାଗ ମଧ୍ୟରେ ସମନ୍ୱୟ ରହିପାରିଲେ ବନାଗ୍ନିକୁ ଅନେକ ମାତ୍ରାରେ ରୋକାଯାଇପାରିବ ଏହା ନିଃସନ୍ଦେହ।


ମୋବାଇଲ୍: ୯୭୭୮୭୬୪୩୯୪


# କୁମ୍ଭମେଳା: ସମୁଦ୍ର ମନ୍ଥନର କାହାଣୀ ଓ ସର୍ପ ଗରୁଡ଼ ଦେବ




ତ୍ରିନାଥ ଓଝା


ଭାରତର ସବୁଠାରୁ ବଡ଼ ଧାର୍ମିକ ମହାକୁମ୍ଭ ମେଳା ଅନୁଷ୍ଠିତ ହେଉଛି ପ୍ରୟାଗରାଜରେ। କୋଟି କୋଟି ଲୋକଙ୍କ ଭିଡ଼ ଜମୁଛି। ତେବେ କୁମ୍ଭମେଳା ଯେତେ ଦିନକୁ ଦିନ ଲମ୍ବୁଛି ଏହି କୁମ୍ଭମେଳା ସମ୍ପର୍କରେ ଭାରତର ତମାମ ଖବରକାଗଜ, ପତ୍ରପତ୍ରିକା, ଟିଭି ଚ୍ୟାନେଲ ଓ ସୋସିଆଲ ମିଡ଼ିଆରେ ଅନେକ ଖବର ସବୁ ଛାଇ ହୋଇଯାଉଛି। କହିବାକୁଗଲେ ଭାରତ ବର୍ଷର ସବୁଠାରୁ ବଡ଼ ଖବର ପ୍ରୟାଗରାଜରେ ଅନୁଷ୍ଠିତ କୁମ୍ଭମେଳା। ତେବେ କୁମ୍ଭମେଳାର ଉତ୍ପତ୍ତି ସମ୍ପର୍କରେ କିଛି ଲେଖିଲାବେଳକୁ ଆମ ପୌରାଣିକ କାହାଣୀ ବିଶେଷକରି ଗରୁଡ଼ ପୁରାଣର ତଥ୍ୟ ଏଠାରେ ରଖୁଛୁ। ପୌରାଣିକ ତଥ୍ୟ ଓ ଗଣମାଧମରେ ପ୍ରକାଶିତ ତଥ୍ୟ ଅନୁଯାୟୀ କୁମ୍ଭମେଳା ପଛରେ ସମୁଦ୍ର ମନ୍ଥନର ଏପରି ଅନେକ ଘଟଣା ରହିଛି ଯାହା ଏ ପର୍ଯ୍ୟନ୍ତ ଅନେକ ଲୋକ, ପାଠକ, ଲେଖକ,ଏପରିକି ଆଧାତ୍ମିକ ଶ୍ରଦ୍ଧାଳୁମାନେ ଜାଣି ନାହାଁନ୍ତି ଏବଂ ସେ ଘଟଣାବଳୀ ଏ ପର୍ଯ୍ୟନ୍ତ ଆଲୋଚିତ ହୋଇପାରି ନାହିଁ।

ଗରୁଡ଼ ପୁରାଣର କଥାବସ୍ତୁ ଅନୁଯାୟୀ ଋଷି କଶ୍ୟପଙ୍କର କଦ୍ରୁ ଓ ବିନତା ନାମରେ ଦୁଇଜଣ ପତ୍ନୀ ଥିଲେ ଏବଂ ସେମାନେ ଦୁଇ ଭଉଣୀ ମଧ ଥିଲେ। କିନ୍ତୁ ଦୁଇ ଭଉଣୀ ହୋଇଥିଲେ ମଧ ପରସ୍ପରଙ୍କ ଭିତରେ ନାଁ ଥିଲା ଶ୍ରଦ୍ଧା ନାଁ ଭଲ ପାଇବା। ସେମାନଙ୍କ ଭିତରେ ସବୁବେଳେ ଭରି ରହିଥିଲା ଈର୍ଷା, କପଟତା ଓ ଦ୍ୱେଷର ଭୟାନକ ବିଷ। ଏକଦା କଦ୍ରୁ କଶ୍ୟପ ଋଷିଙ୍କୁ ଏକ ଦିବ୍ୟ ଆଶୀର୍ବାଦ, କୃପା ଓ ବର ସ୍ୱରୂପ ଶହେ ଶକ୍ତିଶାଳୀ ସନ୍ତାନର ଜନନୀ ହେବାର କୃପା ବର ମାଗିଥିଲେ। ଋଷି କଶ୍ୟପ ସ୍ୱୀକୃତି ପୂର୍ବକ ତଥାସ୍ତୁ କହିବା ପରେ ବରର ଆଶୀର୍ବାଦ ସ୍ୱରୂପ କଦ୍ରୁଙ୍କୁ ଶହେ ଅଣ୍ଡା ପ୍ରାପ୍ତ ହୋଇଥିଲା। ଏହା ଦେଖି ତାଙ୍କର ଅନ୍ୟତମ ପତ୍ନୀ ବିନତା ଋଷି କଶ୍ୟପଙ୍କୁ ବର ପ୍ରାର୍ଥନା କରିଥିଲେ। ବିନତା କିନ୍ତୁ ବର ସ୍ୱରୂପ ଦୁଇଟି ହେଲେ ମଧ ପୃଥିବୀର ସର୍ବଶକ୍ତିଶାଳୀ ସନ୍ତାନଙ୍କର ଜନନୀ ହେବାର ବର ପ୍ରାର୍ଥନା କରିଥିଲେ। ବିନତା ମଧ ତଥାସ୍ତୁର ଆଶୀର୍ବାଦ ପାଇ ତାଙ୍କୁ ଦୁଇଟି ଅଣ୍ଡା ପ୍ରାପ୍ତ ହୋଇଥିଲା। ତେବେ କିଛି ଦିନ ପରେ କଦ୍ରୁଙ୍କୁ ପ୍ରାପ୍ତ ହୋଇଥିବା ଅଣ୍ଡାରୁ ଶହେ ସର୍ପ ସନ୍ତାନ ଜନ୍ମ ହେବାର ଦେଖି ବିନତା ଚିନ୍ତିତ ଓ ଭାରାକ୍ରାନ୍ତ ହୋଇପଡ଼ିଥିଲେ। ତେବେ ଅଧୈର୍ଯ୍ୟ ହୋଇ ନିଜେ ପ୍ରାପ୍ତ ହୋଇଥିବା ଅଣ୍ଡାରୁ ସନ୍ତାନ ଉତ୍ପନ୍ନ ହେବାର ବିଳମ୍ବ ଦେଖି ଗୋଟିଏ ଅଣ୍ଡା ଭାଙ୍ଗି ଦେଇଥିଲେ ତେବେ ଯେଉଁ ଅଣ୍ଡାଟି ସେ ଭାଙ୍ଗିଥିଲେ ସେଥିରୁ ସନ୍ତାନର ମୁହଁ ପକ୍ଷୀ ପରି ଥିଲା କିନ୍ତୁ ବେକର ତଳ ଶରୀର ସଠିକ ଭାବେ ସଠିକ ରୂପ ମଧ ନେଇପାରି ନଥିଲା। ଅସମୟରେ ଅଣ୍ଡା ଭାଙ୍ଗିବାରୁ ପକ୍ଷୀ ପରି ଦୃଶ୍ୟମାନ ହେଉଥିବା କ୍ଷୁଦ୍ର ସାବକଟି ତତ୍‌କ୍ଷଣାତ ଆକାଶକୁ ଉଠିଯାଇ ତୀବ୍ର କ୍ରୋଧ ଓ ଅସନ୍ତୋଷ ବ୍ୟକ୍ତ କରି ମାତା ବିନତାଙ୍କୁ ସତର୍କତାର ସହିତ କହିଥିଲେ ଯେ ମୋତେ ଯେଉଁପରି ଅସମୟରେ ଏ ସୃଷ୍ଟିକୁ ଆଣିଲ ଦ୍ୱିତୀୟ ଅଣ୍ଡାକୁ ଭୁଲରେ ଆଦୌ ସେପରି କରିବ ନାହିଁ। ଅତ୍ୟନ୍ତ ଦୁଃଖିତ, ଭାରାକ୍ରାନ୍ତ ଓ ଶୋକରେ ବୁଡ଼ି ଯାଇଥିଲେ ବିନତା। ତେବେ ସେ ଗଭୀର ଆକାଶକୁ ଉଡ଼ି ଯାଇଥିବା ସାବକଟି ଥିଲା ଅରୁଣ। ଭାରତର ଅନେକ ପୁରାଣ ବସ୍ତୁର କଥନିକାରେ ସେ ସୂର୍ଯ୍ୟଙ୍କର ବାହାନ ସାଜିଥିଲେ। ତେବେ ପରବର୍ତ୍ତୀ ସମୟରେ ସଠିକ ଓ ନିର୍ଦ୍ଧାରିତ ସମୟରେ ଦ୍ୱିତୀୟ ଅଣ୍ଡାରୁ ଏକ ଉଜ୍ଜ୍ୱଳ ଆଭାରେ ବିକିରିତ ହୋଇଥିବା ସନ୍ତାନଟି ଆବିର୍ଭାବ ହୋଇଥିଲେ। ପକ୍ଷୀ ପରି ତାଙ୍କ ମୁଖ ମଣ୍ଡଳ ଥିଲେ ମଧ ତାଙ୍କ ଶରୀର କିନ୍ତୁ ଏକ ସମର୍ଥ ଦିବ୍ୟ ସୌନ୍ଦର୍ଯ୍ୟର ତେଜଦୀପ୍ତ ବଳବାନ ପୁରୁଷ ପରି ସେ ଦେଖାଯାଉଥିଲେ। ସେ ଥିଲେ ସ୍ୱୟଂ ଗରୁଡ଼। ଗରୁଡ଼ଙ୍କ ଆବିର୍ଭାବ ଓ ଜନ୍ମ ସମୟକୁ ନେଇ କେବଳ ଗରୁଡ଼ ପୁରାଣ ନୁହେଁ ଅନେକ ପୁରାଣରେ ଏ ବିଷୟରେ ଲେଖା ଅଛି।



ପରବର୍ତ୍ତୀ ସମୟରେ ଅର୍ଥାତ୍ ଗରୁଡ଼ ଜନ୍ମ ହେବାବେଳକୁ କଦ୍ରୁ ଓ ତାଙ୍କର ଶହେ ସନ୍ତାନ ବିନତାଙ୍କୁ କାରାଗାରରେ ବନ୍ଦୀ କରି ରଖିଥିଲେ। ନିଜ ମାତାଙ୍କ ବନ୍ଦିନୀ ଜୀବନରୁ ମୁକ୍ତି ପାଇବା ପାଇଁ କଦ୍ରୁଙ୍କ ନିକଟକୁ ଗରୁଡ଼ ଯାଇ ବିନୀତ ପ୍ରାର୍ଥନା କରିଥିଲେ। ତେବେ କଦ୍ରୁଙ୍କ ସର୍ତ୍ତ ରହିଥିଲା ସ୍ୱର୍ଗରୁ ଅମୃତ କଳସ ଆଣି ପାରିଲେ ତୁମ ମାତା ମୁକ୍ତ ହୋଇପାରିବେ। ଗରୁଡ଼ କଠୋର ପରୀକ୍ଷାକୁ ସାମ୍ନା କରି ନିଜ ମାଆଙ୍କୁ ବନ୍ଦିନୀ ଜୀବନରୁ ମୁକ୍ତ କରିବା ପାଇଁ ସ୍ୱର୍ଗଲୋକ ପହଞ୍ଚି ଅମୃତ କଳସ ଚୋରାଇ ଆଣିବାକୁ ପଛଘୁଞ୍ଚା ଦେଇନଥିଲେ ଏବଂ ଏଥିପାଇଁ ଗରୁଡ଼ଙ୍କର ଦେବରାଜ ଇନ୍ଦ୍ର ଓ ବରୁଣଙ୍କ ସହ ଘମାଘୋଟ ଯୁଦ୍ଧ ହୋଇଥିଲା ଏବଂ ଯୁଦ୍ଧରେ ଗରୁଡ଼ ବିଜୟ ପ୍ରାପ୍ତ ହୋଇଥିଲେ ତେବେ ସମସ୍ତ ଦେବତାମାନେ ମିଶି ଏହାର ଆଶୁ ସମାଧାନ ଓ ଉପାୟ ନିମିତ୍ତ ଭଗବାନ ବିଷ୍ଣୁଙ୍କ କୃପା ପ୍ରାର୍ଥୀ ହୋଇଥିଲେ। ତେବେ ଯେଉଁ ସମୟରେ ଗରୁଡ଼ ଅମୃତ ନେଇ ପଳାୟନ କରିଥିଲେ ତା ମଧ୍ୟରୁ ଚାରି ବୁନ୍ଦା ପ୍ରୟାଗରାଜ, ହରିଦ୍ୱାର, ନାସିକ ଓ ଉଜ୍ଜୟିନୀରେ ପଡ଼ିଥିଲା। ତେଣୁ ପୃଥିବୀଲୋକରେ ଏହି ଅମୃତ ପଡ଼ିଥିବା ଚାରଟି ସ୍ଥାନ ଅତ୍ୟନ୍ତ ପବିତ୍ର ଓ ଆଧାତ୍ମିକ ଶକ୍ତିରେ ପରିପୂର୍ଣ୍ଣ ଭାବେ ପ୍ରତୀୟମାନ ହୋଇ ସେହିଠାରେ ପରବର୍ତ୍ତୀ ସମୟରେ କୁମ୍ଭମେଳା ଆୟୋଜିତ ହେଉଛି। ତେବେ ଗରୁଡ଼ କାହାଣୀର କଥା କିନ୍ତୁ ସରିନାହିଁ। ଭଗବାନ ବିଷ୍ଣୁ ଗରୁଡ଼ଙ୍କ ଉପରେ ପ୍ରହାର କରିବା ବେଳେ ଗୋଟିଏ କଥା ଲକ୍ଷ୍ୟ କରିଥିଲେ ଯେ ଗରୁଡ଼ ଅମୃତ କଳସ ଧାରଣ କରି ପଳାୟନ କରିଥିଲେ ମଧ ସେ କିନ୍ତୁ ଖୋଦ ଅମୃତକୁ ପାନ କରିନଥିଲେ। ଏହାର କାରଣ ଗରୁଡ଼ ସବିଶେଷ ଭାବେ ବିଷ୍ଣୁଙ୍କୁ କହିବା ପରେ ଭଗବାନ ବିଷ୍ଣୁ ଗରୁଡ଼ଙ୍କୁ ଅମୃତ କଳସ ନେବା ପାଇଁ ଦିବ୍ୟ ଆଶୀର୍ବାଦ ଓ କୃପା ପ୍ରଦାନ କରିଥିଲେ। ତେବେ ତାଙ୍କର ସର୍ତ୍ତ ରହିଥିଲା ଯେ ଅମୃତକୁ ଯଥାର୍ଥ ଓ ସଠିକ ସ୍ଥାନରେ ପହଞ୍ଚାଇବା ପରେ ବିଷ୍ଣୁଙ୍କର ବାହାନ ଭାବେ ଗରୁଡ଼ ଦାୟିତ୍ୱ ନ୍ୟସ୍ତ ହେଲେ। ଗରୁଡ଼ ଏପରି ଆଜ୍ଞା ଶୁଣିବା ମାତ୍ରେ ତତକ୍ଷଣାତ ଆନନ୍ଦରେ ରାଜି ହୋଇଯାଇଥିଲେ। ସର୍ତ୍ତ ଅନୁଯାୟୀ ଗରୁଡ଼ ଅମୃତ କଳସ ଭୂମି ଉପରେ ସ୍ଥାପନ କରି ନିଜ ମାଆଙ୍କୁ ବନ୍ଦିନୀ ଜୀବନରୁ ମୁକ୍ତ କରାଇବାକୁ ସକ୍ଷମ ହୋଇଥିଲେ କିନ୍ତୁ କଦ୍ରୁ ଓ ତାଙ୍କ ଶହେ ପୁତ୍ର ଏହି ଅମୃତ ନିକଟରେ ଯୋଜନାବଦ୍ଧ ଭାବେ ପହଞ୍ଚି ପୂର୍ବରୁ ଭଗବାନ ବିଷ୍ଣୁ ମାୟା ଜାଲରେ ସେହି ଅମୃତ କୁମ୍ଭକୁ ଅଦୃଶ୍ୟ କରାଇ ଦେଇଥିଲେ। କୁମ୍ଭମେଳାର ଆଲୋଚନା ଓ ପ୍ରୟାଗରାଜର ବିଶ୍ୱ ପ୍ରସିଦ୍ଧ ଭବ୍ୟ କୁମ୍ଭରେ ବୁଡ଼ ଦେବା ସମୟରେ ଅନେକ ଶ୍ରଦ୍ଧାଳୁ ସେଠାରେ ଗରୁଡ଼ ପୁରାଣ ପାଠ କରନ୍ତି। ବିଶ୍ୱାସ ରହିଛି କୁମ୍ଭମେଳାରେ ଗରୁଡ଼ ପୁରାଣ ପାଠଦ୍ୱାରା ଜଣେ ମୋକ୍ଷ ପ୍ରାପ୍ତ ହେବା ସହ ତା ଜୀବନ ଦିବ୍ୟତାରେ ଭରିଯାଏ। ଭାରତୀୟ ପୁରାଣ ଓ ଆଧାତ୍ମିକ କଥାବସ୍ତୁ ଆମ ମାନଙ୍କୁ ଏହି ଶିକ୍ଷା ଦିଏ ଯେ ସତ କାର୍ଯ୍ୟରେ ଏବଂ ସଂସାରର ମଙ୍ଗଳ ସାଧନ ନିମିତ୍ତ ଯେଉଁ କାର୍ଯ୍ୟ କଲେ ମଧ ଭଗବାନଙ୍କ ଆଶୀର୍ବାଦ ମିଳିଥାଏ। ସମାଜ କଲ୍ୟାଣ ଓ ଜଗତ କଲ୍ୟାଣ ସହ ଲୋକ କଲ୍ୟାଣ ଦ୍ୱାରା ଏ ଜୀବନର ଅସଲ ମୋକ୍ଷ ଓ ମୁକ୍ତି ମିଳିଥାଏ ବୋଲି ଗରୁଡ଼ ପୁରାଣର ତାତ୍ତ୍ୱିକ ଆଲୋଚନା ଆମ ସମସ୍ତଙ୍କୁ ଏହି ଆଧାତ୍ମିକ ବାର୍ତ୍ତା ଦେଇଥାଏ।


ଆବାହକ, ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ
ଧବଳେଶ୍ୱର ଗଡ଼ା, କଟକ


# କେଉଁ କାରଣରୁ ହ୍ୱାଇଟ ଡିସ୍‌ଚାର୍ଜ ?




ଡାକ୍ତର କାନ୍ତୀ ନାୟକ


ମହିଳାଙ୍କ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ରକ୍ତହୀନତା ଯେପରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ଠିକ ସେହିପରି ସ୍ୱାସ୍ଥ୍ୟହାନୀ କ୍ଷେତ୍ରରେ ହ୍ୱାଇଟ ଡିସଚାର୍ଜର ମଧ ଭୂମିକା ରହିଛି। ହ୍ୱାଇଟ ଡିସଚାର୍ଜ ବା ଧଳା ସ୍ରାବ ଅବା ଶ୍ୱେତ ପ୍ରଦର ଝିଅମାନଙ୍କ ଠାରେ ଦେଖାଯାଏ। ଏହା ସାମାନ୍ୟ ହେଲେ ଚଳିବ କିନ୍ତୁ ଏହା ଅତ୍ୟଧିକ ହେଲେ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଫଳରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ଏବେ ଆସନ୍ତୁ ଜାଣିବା କାହିଁକି ହୁଏ ଏହି ସମସ୍ୟା। ସବୁଠାରୁ ପ୍ରମୁଖ କାରଣ ହେଉଛି ବ୍ୟାକ୍ଟେରିଆ ଇନଫେକ୍ସନ : ଯୌନାଙ୍ଗ ସଫା ଓ ସୁତୁରା ନ କରିବା ହେତୁ ବ୍ୟାକ୍ଟେରିଆ କିମ୍ବା ଫଙ୍ଗଲ ଇନଫେକ୍ସନ ହୋଇଥାଏ। ଫଳରେ ହ୍ୱାଇଟ ଡିସଚାର୍ଜ ହୋଇଥାଏ। ଏଣୁ ସର୍ବଦା ଯୌନାଙ୍ଗ ସଫାସୁତୁରା ପ୍ରତି ଧ୍ୟାନ ଦିଅନ୍ତୁ। ହର୍ମୋନ ସମସ୍ୟା : ହର୍ମୋନ ସମସ୍ୟା ଯୋଗୁଁ ମଧ ହ୍ୱାଇଟ ଡିସଚାର୍ଜ ହୋଇଥାଏ। ଋତୁସ୍ରାବ ଓ ଗର୍ଭ ଧାରଣ ଏବଂ ମେନୋପଜ ସମୟରେ ହର୍ମୋନରେ ଅସନ୍ତୁଳନ ଦେଖାଯାଏ। ଯାହାଦ୍ୱାରା ହ୍ୱାଇଟ ଡିସଚାର୍ଜ ହୋଇଥାଏ। ଏଥିରେ ହେଳା ନକରି ଡାକ୍ତରଙ୍କ ପରାମର୍ଶ ନେବା ଦରକାର। ବାରମ୍ବାର ଗର୍ଭପାତ କଲେ : ବାରମ୍ବାର ଗର୍ଭପାତ କରିବା ଦ୍ୱାରା ଗର୍ଭାଶୟ ଓ ପରିସ୍ରା ଦ୍ୱାର ଇନଫେକ୍ସନ ହୋଇଥାଏ। ଏହାର ପ୍ରଭାବରେ ହ୍ୱାଇଟ ଡିସଚାର୍ଜର ମାତ୍ରା ବଢ଼ିଯାଏ। ଯାହାକି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ, ତେଣୁ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ଚିକିତ୍ସାରେ ରୁହନ୍ତୁ।

ସେହିପରି ଡାଇବେଟିସ ପରି ରୋଗ ହେବା ଦ୍ୱାରା ଯୌନାଙ୍ଗ ଇନଫେକ୍ସନ ଅଧିକ ହୋଇଥାଏ। ଏହାଦ୍ୱାରା ହ୍ୱାଇଟ ଡିସଚାର୍ଜ ହୁଏ। ଏଣୁ ଡାକ୍ତରଙ୍କ ପରାମର୍ଶ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ। ଅସ୍ୱାସ୍ଥ୍ୟକର ଖାଦ୍ୟ ମଧ ଅନ୍ୟ ଏକ ପ୍ରମୁଖ କାରଣ। ଅଧିକ ତେଲ ମସଲା, ଜଙ୍କଫୁଡ, ତୈଳାକ୍ତ ଖାଦ୍ୟ ଓ ଚର୍ବି ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଏବଂ ଅଧିକ ଉପବାସ ରଖିବା ଦ୍ୱାରା ମଧ ହ୍ୱାଇଟ ଡିସଚାର୍ଜ ହୋଇଥାଏ। ଏଣୁ ଏସବୁ ଖାଦ୍ୟରୁ ଦୂରେଇ ରୁହନ୍ତୁ। ସେହିପରି ଅନେକଙ୍କ କ୍ଷେତ୍ରରେ ମାମୁଲି ଲାଗୁଥିଲେ ବି ଆଭ୍ୟନ୍ତରଣୀୟ ଅଙ୍ଗରେ କ୍ଷତ ମଧ ଏକ ବଡ଼ କାରଣ। ଗର୍ଭ ନିରୋଧକ ଉପାୟ ଅବଲମ୍ବନରେ କୌଣସି କ୍ଷତ ଅବା ଭୁଲ ଉପାୟରେ ଶାରୀରିକ ସମ୍ପର୍କ ରଖିବା ଦ୍ୱାରା ଆଭ୍ୟନ୍ତରଣୀୟ ଅଙ୍ଗରେ କ୍ଷତ ହୋଇପାରେ। ଏହାଦ୍ୱାରା ମଧ ହ୍ୱାଇଟ ଡିସଚାର୍ଜ ହୋଇଥାଏ। ଗର୍ଭନିରୋଧକ ଉପାୟ ବିଷୟରେ ପ୍ରମୁଖ ଜାଣିବା କଥାଟି ହେଉଛି ଗର୍ଭନିରୋଧକ ଗୋଳି ଓ ଗର୍ଭନିରୋଧକ ଅନ୍ୟାନ୍ୟ ଉପାୟ ଅବଲମ୍ବନ କରିବା ଦ୍ୱାରା ଯୌନାଙ୍ଗ ଓ ଗର୍ଭାଶୟ ଇନଫେକ୍ସନ ହୋଇଥାଏ। ଏହାଦ୍ୱାରା ହ୍ୱାଇଟ ଡିସଚାର୍ଜ ହୋଇଥାଏ।



ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ମନେରଖନ୍ତୁ। ଯୌନାଙ୍ଗ ସଫା ସୁତୁରା ଉପରେ ଧ୍ୟାନ ଦିଅନ୍ତୁ। ଯୌନାଙ୍ଗର ଅଂଶକୁ ଫିଟିକିରି କିମ୍ବା ବୋରିକ୍ସ ପାଉଡର ପାଣିରେ ଧୁଅନ୍ତୁ। ଉତ୍ତମ କ୍ୱାଲିଟ ଅଣ୍ଡରଗାରମେଣ୍ଟ ବ୍ୟବହାର କରନ୍ତୁ। ଏହାକୁ ମଧ ସଫା ସୁତୁରା କରନ୍ତୁ। ଅପରିଷ୍କାର ଅଣ୍ଡରଗାରମେଣ୍ଟ ପିନ୍ଧନ୍ତୁ ନାହିଁ। ଉତ୍ତମ ଖାଦ୍ୟ ଖାଆନ୍ତୁ। ପ୍ରଚୁର ପାଣି ପିଅନ୍ତୁ। ସବୁଜ ପନିପରିବା, ସାଲାଡ଼, ଆଇରନ ଓ ପ୍ରୋଟିନ ଯୁକ୍ତ ଖାଦ୍ୟ ପ୍ରଚୁର ମାତ୍ରାରେ ଖାଆନ୍ତୁ। ଜଙ୍କଫୁଡ, ଅଧିକ ତେଲ ମସଲା, ମିଠା, କୋଲ୍ଡ ଡ୍ରିଙ୍କସ ପରି ଖାଦ୍ୟ ଖାଆନ୍ତୁ ନାହିଁ। ସହଜରେ ସୁଚାରୁରୂପେ ହଜମ ହୋଇପାରୁଥିବା ଖାଦ୍ୟ ଖାଆନ୍ତୁ। ଚିନ୍ତା କରନ୍ତୁ ନାହିଁ। ଧୂମପାନ, ଆଲକୋହଲ ପରି ବଦଭ୍ୟାସ ଠାରୁ ଦୂରେଇ ରୁହନ୍ତୁ। ସାବଧାନତାର ସହିତ ଶାରୀରିକ ସମ୍ପର୍କ ରଖନ୍ତୁ। ଯଦି ଅଧିକ ଡିସଚାର୍ଜ ହେଉଛି ତେବେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସାମାନ୍ୟ ହେଉଥିଲେ ବ୍ୟସ୍ତ ହୁଅନ୍ତୁ ନାହିଁ। ଡିସଚାର୍ଜ ଧଳା ପରିବର୍ତ୍ତେ ହଳଦିଆ, ଲାଲ କିମ୍ବା ଅନ୍ୟାନ୍ୟ କୌଣସି ରଙ୍ଗର ହେଉଥିଲେ ଡାକ୍ତରଙ୍କ ଚିକିତ୍ସାରେ ରୁହନ୍ତୁ। ଡିସଚାର୍ଜ ସମୟରେ କୁଣ୍ଡାଇ ହେବା, ପୋଡିବା ଅବା ଦରଜ ପରି ସମସ୍ୟା ଦେଖାଦେଉଥିଲେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାର ଅଭିଜ୍ଞ ଡାକ୍ତର କିମ୍ବା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଡିସଚାର୍ଜ ସମୟରେ ଦୁର୍ଗନ୍ଧ ହୋଇଥିଲେ ପତଳା କିମ୍ବା ଅତ୍ୟଧିକ ଗାଢ଼ ଡିସଚାର୍ଜ ହେଉଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏଭଳି ବିଭିନ୍ନ ସମସ୍ୟା ଦେଖାଯାଉଥିଲେ ହେଳା ନକରି ଡାକ୍ତରଙ୍କ ଚିକିତ୍ସାରେ ରହିବାକୁ ଭୁଲନ୍ତୁ ନାହିଁ। ହ୍ୱାଇଟ ଡିସଚାର୍ଜ ଅଧିକ ହେଉଥିଲେ ଏବଂ ଚିକିତ୍ସାରେ ନରହିଲେ, ଏହା ଶରୀରକୁ ଦୁର୍ବଳ କରିଦେବ। ଏହାର ପ୍ରଭାବରେ ଓଜନ କମିଯିବ। ତ୍ୱଚା ଶୁଖିଯିବ। ଚିନ୍ତା ବଢ଼ିଯିବ ଓ ଅଧିକ ଚିଡ଼ିଚିଡ଼ା ଲାଗିବ। ଏଣୁ ପ୍ରଥମରୁ ଏହାକୁ ଦୂର କରିବା ପାଇଁ ଡାକ୍ତରଙ୍କ ଚିକିତ୍ସାରେ ରୁହନ୍ତୁ। ସୋସିଆଲ ମିଡ଼ିଆ ବା ଅନ୍ୟ କାହାଙ୍କ କଥା ଶୁଣି ମନଇଛା ମେଡ଼ିସିନ ଗ୍ରହଣ କରନ୍ତୁ ନାହିଁ। ଡାକ୍ତରଙ୍କ ଉପରେ ଭରଷା ରଖନ୍ତୁ ଏବଂ ଆପଣ ଆପଣଙ୍କ ସର୍ବନିମ୍ନ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ଭଲ ରୁଟିନ ତିଆରି କରି ସେହିପରି ଜୀବନଚର୍ଯ୍ୟା ବିତାନ୍ତୁ। ବାଶୀ ଖାଦ୍ୟ, ଗରିଷ୍ଠ ଖାଦ୍ୟ, ଆମିଷ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ସମସ୍ୟାର ପ୍ରଥମ ଅବସ୍ଥାରୁ ହିଁ ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏ ସମସ୍ୟାରୁ ଉପଶମ ପାଇପାରିବେ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ
ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

## ବିବାହ ପୂର୍ବରୁ ଜୀବନ ହାରିଦେଲେ ଶିରିଶ ମହାରାଜ

**ନୂଆଦିଲ୍ଲୀ, ୫।୨:** ଜଗଦଗୁରୁ ଶ୍ରୀସନ୍ତ ତୁକାରାମ ମହାରାଜଙ୍କ ୧୧ତମ ବଂଶଜ ଶିରିଶ ମହାରାଜ ମୌର ଜୀବନ ହାରି ଦେଇଥିବାର ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ସେ ଏଭଳି ଏକ ପଦକ୍ଷେପ ଆର୍ଥିକ ବାଧା ପାଇଁ ନେଇଥିବା ମହାରାଜଙ୍କର ସମ୍ପର୍କୀୟମାନଙ୍କ ପକ୍ଷରୁ ପ୍ରକାଶ ପାଇଛି। ଶିରିଶ ମହାରାଜଙ୍କ ମୃତ୍ୟୁ ପରେ ପୁଲିସ ଘରୁ ମୃତଦେହ ଉଦ୍ଧାର କରିବା ସହିତ ସୁସାଇଡ୍ ନୋଟ ଜବତ କରିଛି। ପୁଲିସ ଜବତ କରିଥିବା ଶିରିଶ ମହାରାଜଙ୍କ ସୁଇସାଇଡ୍ ନୋଟରେ ଉଲ୍ଲେଖ ଅଛି କି, 'ଆର୍ଥିକ ପ୍ରତିବନ୍ଧକ ପାଇଁ ଜୀବନ ହାରିବା କୁ ବାଧ୍ୟ ହେଉଛି। ' ଶିରିଶ ମହାରାଜ ସନ୍ତ ତୁକାରମ ମହାରାଜଙ୍କ ୧୧ତମ ବଂଶଜ। ଶିରିଶଙ୍କ ବିବାହ ଏପ୍ରିଲ ଓ ମଇ ମାସରେ ସ୍ଥିର ହୋଇଥିଲା। କିନ୍ତୁ ଦୁଃଖର ବିଷୟ ବିବାହ ପୂର୍ବରୁ ଶିରିଶ ଜୀବନ ହାରି ଦେଇଛନ୍ତି। ସୂଚନାଯୋଗ୍ୟ, ଦେହରୋଡ଼ ପୁଲିସ ଶିରିଶଙ୍କ ଜୀବନ ହାରିବା ଘଟଣାର ଯାଞ୍ଚ କରୁଛି। ପୁଲିସ ସୂତ୍ରରୁ ପ୍ରକାଶ, 'ଶିରିଶ ମହାରାଜ ରାତିରେ ଖାଇପିଇ ତାଙ୍କ କୋଠରିକୁ ଶୋଇବାକୁ ଯାଇଥିଲେ। ସକାଳେ ଯେତେବେଳେ ତାଙ୍କ ପରିବାରଲୋକ ଉଠାଇବାକୁ ଯାଇଥିଲେ ଶିରିଶ ଆଉ ଉଠି ନଥିଲେ। ତେଣୁ ବାଧ୍ୟ ହୋଇ ପରିବାରଲୋକ କବାଟ ଭାଙ୍ଗି ଦେଇ ଦେଇଥିଲେ। ଭିତରକୁ ଯିବା ପରେ ଶିରିଶ ଅଚେତ ଅବସ୍ଥାରେ ପଡ଼ିଥିଲେ। ପରିବାରଲୋକ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେବାପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିବାଦୀୟ ମନ୍ତବ୍ୟ ପାଇଁ ଜୟା ବଚ୍ଚନଙ୍କୁ ଗିରଫ ଦାବି

**ନୂଆଦିଲ୍ଲୀ, ୫।୨:** ଜୟା ବଚ୍ଚନ କେବଳ ତାଙ୍କ ଅଭିନୟ ପାଇଁ ନୁହେଁ ବରଂ ଅନେକ ପ୍ରସଙ୍ଗରେ ରାଜନୈତିକ ବୟାନ ଦେବା କାରଣରୁ ଚର୍ଚ୍ଚାରେ ଥାଆନ୍ତି। ନିକଟରେ ଅଭିନେତ୍ରୀ ମହାକୁମ୍ଭରେ ଦଳାଚକଡ଼ା ପରିସ୍ଥିତି ସମ୍ପର୍କରେ କିଛି ବୟାନ ଦେଇଥିଲେ। ଏହି ବୟାନ ପାଇଁ କିଛି ଲୋକ ଜୟାଙ୍କୁ ଗିରଫ କରିବାକୁ ଦାବି କରୁଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ ଦଳାଚକଡ଼ାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମୃତଦେହ ଗଙ୍ଗାରେ ଫିଙ୍ଗି ଦିଆଯିବା ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ସମାଜବାଦୀ ପାର୍ଟି ନେତ୍ରୀ ଏବଂ ରାଜ୍ୟସଭା ସାଂସଦ ଜୟା ବଚ୍ଚନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ମିଡିଆ ଇନଚାର୍ଜ ଶରଦ ଶର୍ମା ଜୟା ବଚ୍ଚନଙ୍କ ମନ୍ତବ୍ୟକୁ ସମାଲୋଚନା କରି ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହିତ କହିଛନ୍ତି, "ମିଥ୍ୟା ଏବଂ ଅସତ୍ୟ ବୟାନ ଦେଇ ଚାଞ୍ଚଲ୍ୟ ସୃଷ୍ଟି କରିବା ପାଇଁ ଜୟା ବଚ୍ଚନଙ୍କୁ ଗିରଫ କରାଯିବା ଉଚିତ। କାରଣ ଜୟା ସଂସଦ ବାହାରେ ଗଣମାଧ୍ୟମକୁ କୁମ୍ଭମେଳାରେ ସୃଷ୍ଟି ହୋଇଥିବା ଦଳାଚକଡ଼ା ପରିସ୍ଥିତିରେ ମୃତ୍ୟୁ ହୋଇଥିବା ଲୋକଙ୍କ ମୃତ ଦେହକୁ ଗଙ୍ଗାରେ ଫିଙ୍ଗି ଦିଆଯାଇଛି। ଯେଉଁ କାରଣ ଗଙ୍ଗା ପ୍ରଦୂଷିତ ହୋଇଛି ବୋଲି କହିଥିଲେ। ' ଏହି କ୍ରମରେ ଅଭିନେତା ଏବଂ ବିଜେପି ସାଂସଦ ଅରୁଣ ଗୋଭିଲ ମଧ ଜୟା ବଚ୍ଚନଙ୍କ ମନ୍ତବ୍ୟକୁ ନିନ୍ଦା କରି କହିଛନ୍ତି, 'ଆମେ ଜୟାଙ୍କ ଦାବିକୁ ଗ୍ରହଣ କରିବୁ। ସେ କିନ୍ତୁ ଯାହା ମନ୍ତବ୍ୟ ଦେଇଛନ୍ତି ତାହାର ପ୍ରମାଣ ଦିଅନ୍ତୁ। ପ୍ରମାଣ ନଦେଇ ଏଭଳି ବିବାଦୀୟ ମନ୍ତବ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ।

## ଅନୁପ୍ରବେଶକାରୀଙ୍କୁ ଅଟକାଇଲେ ଯବାନ ବିଏସଏଫ୍ ଯବାନଙ୍କୁ ଆକ୍ରମଣ

**ନୂଆଦିଲ୍ଲୀ, ୫।୨:** ଭାରତ-ବାଂଲାଦେଶ ବର୍ଡର ବିଏସଏଫ୍ ଯବାନଙ୍କ ଉପରେ ଆକ୍ରମଣ କରିଛନ୍ତି ବାଂଲାଦେଶ ଅନୁପ୍ରବେଶକାରୀ। ପଶ୍ଚିମବଙ୍ଗ ବର୍ଡର ଦେଇ ଭାରତକୁ ଅବୈଧ ଭାବେ ପ୍ରବେଶ କରୁଥିବା ବେଳେ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ଅଟକାଇଥିଲେ ବିଏସଏଫ୍ ଯବାନ୍। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା। ଅନୁପ୍ରବେଶକାରୀଙ୍କ ସଂଖ୍ୟା ଅଧିକ ଥିଲା, ସମସ୍ତଙ୍କ ପାଖରେ ଠେଙ୍ଗା, ଲାଠି ଏବଂ ଅନ୍ୟ ମାରଣାସ୍ତ୍ର ରହିଥିଲା। ଅନୁପ୍ରବେଶକାରୀଙ୍କ ଆକ୍ରମଣରେ ଜଣେ ବିଏସଏଫ୍ ଯବାର ଗୁରୁତର ଭାବେ ଆହତ ହୋଇଛନ୍ତି। ବିଏସଏଫ ଯବାନ ନିଜକୁ ରକ୍ଷା କରିବା ପାଇଁ ଫାୟରିଂ ମଧ କରିଥିଲା। ଖବର ମୁତାବକ, ବାଂଲାଦେଶୀ କଟୁରୀ, ଧାରୁଆ ଅସ୍ତ୍ର ସମେତ ଅନ୍ୟ ଜିନିଷ ନେଇ ଆସିଥିଲେ। ମାତ୍ର ୬ ଘଣ୍ଟାରେ ଦୁଇଥର ବିଏସଏଫ ଯବାନଙ୍କ ଉପରେ ଆକ୍ରମଣ କରିଥିଲେ। ପ୍ରଥମେ ଅଧରାତିରେ କରିଥିବା ବେଳେ ଆଜି ସକାଳେ ଆଉଥରେ ଆକ୍ରମଣ କରିଛନ୍ତି। ବିଏସଏଫ୍ ଯବାନଙ୍କ କହିବା ଅନୁସାରେ କୌଣସି ଅପରାଧିକ କାର୍ଯ୍ୟ ଉଦ୍ଦେଶ୍ୟରେ ବାଂଲାଦେଶୀ ଅପରାଧୀମାନେ ଭାରତ ଭିତରକୁ ପ୍ରବେଶ କରୁଥିଲେ। ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଫାଙ୍କା ଗୁଳିଚାଳନା କରିଥିଲେ ବିଏସଏଫ୍ ଯବାନ। ଅନୁପ୍ରବେଶକାରୀଙ୍କ ସଂଖ୍ୟା ଅଧିକ ଥିବାରୁ ବିଏସଏଫ୍ ଯବାନଙ୍କ ଟିମକୁ ଘେରିଯାଇଥିଲେ ଆକ୍ରମଣ କରିଥିଲେ ଅପରାଧୀମାନେ। ଆତ୍ମରକ୍ଷା ପାଇଁ ବାଂଲାଦେଶୀଙ୍କ ଉପରେ ଗୁଳି ଚଳାଇଥିଲେ ଯବାନ। ଏହାପରେ ସେମାନେ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରେ ଜଣେ ଆହତ ବାଂଲାଦେଶୀକୁ ଅଟକ ରଖାଯାଇଥିବା ବେଳେ ଅସ୍ତ୍ରଶସ୍ତ୍ର ମଧ ଜବତ ହୋଇଛି। ଏହି ଘଟଣା ପରେ ସୀମାରେ କଡ଼ା ସୁରକ୍ଷା ଜାରି ରହିଛି। ବାଂଲାଦେଶୀ ଆକ୍ରମଣରେ ଆହତ ହୋଇଥିବା ଯବାନଙ୍କ ଚିକିତ୍ସା ଚାଲିଛି।

## ନକଲି ଭୋଟର ଟାର୍ଗେଟ ପୂରଣ କରୁଛନ୍ତି

### ମିଲ୍କିପୁରରେ ମତଦାନ ନେଇ ଅଖିଳେଶଙ୍କ ବଡ଼ ଅଭିଯୋଗ

**ଲକ୍ଷ୍ନୌ ୫।୨:** ଉତ୍ତର ପ୍ରଦେଶର ଅଯୋଧାର ମିଲ୍କିପୁର ଆସନରେ ଉପନିର୍ବାଚନ ମଧ୍ୟରେ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଅଖିଳେଶ ଯାଦବ ଏକ ଅଡିଓ ସେୟାର କରିଛନ୍ତି। ଅଖିଳେଶ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ୫୧ ସେକେଣ୍ଡର ଅଡିଓ ସେୟାର କରିଛନ୍ତି। ଯେଉଁଥିରେ ଟାର୍ଗେଟ ପୂରଣ ପାଇଁ ନକଲି ଭୋଟର ମତଦାନ କରୁଥିବା ବିଷୟରେ ସେ କହିଛନ୍ତି। କଥା ହେଉଥିବା ଲୋକମାନେ ପ୍ରିଜାଇଡିଂ ଅଫିସର ବୋଲି ଅଖିଳେଶ କହିଛନ୍ତି।

ଅଡିଓ ସେୟାର କରି ଅଖିଳେଶ ଲେଖିଛନ୍ତି, ଶାସକ ଦଳ ପାଇଁ ନକଲି ଭୋଟିଂର ଟାର୍ଗେଟ ପୂରଣ କରୁଥିବା ପ୍ରିଜାଇଡିଂ ଅଫିସରଙ୍କ ସତ୍ୟ ପ୍ରକାଶ କରିବା ପାଇଁ ଏହା ଏକ ଷ୍ଟିଙ୍ଗ୍ ଅପରେସନ୍। ସେମାନଙ୍କ ବୁଥ୍‌ରେ ନିର୍ବାଚନ ତୁରନ୍ତ ବାତିଲ କରାଯିବା ଉଚିତ୍ ଏବଂ ଅଡିଓ ପ୍ରମାଣ ଆଧାରରେ ସେମାନଙ୍କୁ ପ୍ରଥମେ ନିଲମ୍ବିତ କରାଯିବା ଉଚିତ୍ ତଥା ଉପଯୁକ୍ତ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ପରେ ବରଖାସ୍ତ କରାଯିବା ଉଚିତ୍।

ନିର୍ବାଚନ ଜାଲିଆତି ଏବଂ ଅଧିକାରୀଙ୍କ ଦ୍ୱାରା ହେରଫେରର ଏପରି ଆହୁରି ଭିଡିଓ ଏବଂ ଅଡିଓ ବାହାରକୁ ଆସୁଛି। ଯେତେବେଳେ ସେମାନେ ଚାକିରି ହରାଇବେ ଏବଂ ସମାଜରେ ବଦନାମ ହେବେ, ହୁଏତ ସେତେବେଳେ ସେମାନଙ୍କର ବିଶ୍ୱାସ ଏବଂ ବିବେକ ଜାଗ୍ରତ ହେବ ବୋଲି ଅଖିଳେଶ କହିଛନ୍ତି। ପୂର୍ବତନ ୟୁପି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ସରକାର ସେମାନଙ୍କୁ ବ୍ୟବହାର କରିବେ ଏବଂ ତା'ପରେ ଏହି ମାମଲାରୁ ହାତ ଧୋଇଦେବେ, ତା'ପରେ ସେମାନେ ଜେଲରେ ରହିବେ ଏବଂ ନିଜ ସମାଜ, ପରିବାର ଏବଂ ପିଲାମାନଙ୍କ ଦୃଷ୍ଟିରେ ଅପମାନର ଜୀବନ ବଞ୍ଚିବେ। ଆମେ ସେହି ସମସ୍ତ ସଚ୍ଚୋଟ ଏବଂ ସତ୍ୟବାଦୀ ଅଧିକାରୀଙ୍କୁ ଧନ୍ୟବାଦ ଦେଉଛୁ ଯେଉଁମାନେ ବିଜେପି ପାର୍ଟି ଅଫିସ ଦ୍ୱାରା ଦିଆଯାଇଥିବା 'ନକଲି ଭୋଟିଂ ଟାର୍ଗେଟ'କୁ ଗ୍ରହଣ କରିବାକୁ ମନା କରିଥିଲେ। ସୁପ୍ରିମକୋର୍ଟ ଏବଂ ନିର୍ବାଚନ କମିସନ ଗଣତନ୍ତ୍ରର ଏପରି ଶତ୍ରୁମାନଙ୍କ ପ୍ରତି ତୁରନ୍ତ ଦୃଷ୍ଟି ଦେବା ଉଚିତ୍ ବୋଲି ସେ ଭିଡିଓରେ କହିଛନ୍ତି।

# ସ୍କୁଲରେ ଆଖିବୁଜା ଗୁଳିକାଣ୍ଡ, ୧୦ ମୃତ

### ସୁଟର ବି ନିହତ

**ଷ୍ଟକ୍‌ହୋମ, ୫।୨:** ମଧ ସ୍ୱିଡେନର ଏକ ସ୍କୁଲରେ ଆଖିବୁଜା ଗୁଳିକାଣ୍ଡ ଘଟିଛି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ଗୁଳିକାଣ୍ଡରେ ଆକ୍ରମଣକାରୀ ମଧ ନିହତ ହୋଇଛି। ତେବେ ଘଟଣାରେ କେତେ ଜଣ ଆହତ ହୋଇଛନ୍ତି, ତାହାର ସଠିକ୍ ସୂଚନା ନାହିଁ। ପୋଲିସର କହିବା ହେଲା, ଜଣେ ଏକାକୀ ଶୁଟର ହିଁ ଏହି କାଣ୍ଡ ଘଟାଇଛି। କିନ୍ତୁ ଆକ୍ରମଣର ଉଦ୍ଦେଶ୍ୟ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଓରେବ୍ରୋ ଉପକଣ୍ଠରେ ଏହି ଘଟଣା ଘଟିଛି। ହଠାତ୍ ଆଖିବୁଜା ଗୁଳିକାଣ୍ଡକୁ ନେଇ ସେଠାରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ପାଇ ପୋଲିସ ତୁରନ୍ତ ପହଞ୍ଚିଥିଲା। ଘଟଣାଟି କିପରି ଘଟିଲା, ତାହାର ତଦନ୍ତ ଚାଲିଥିବା ପୋଲିସ ମୁଖ୍ୟ ରୋବର୍ଟୋ ଏଡ୍ ଫୋରେଷ୍ଟ କହିଛନ୍ତି। ଗୁଳିକାଣ୍ଡ ଘଟିଥିବା ସ୍ଥାନ ଷ୍ଟକହୋମଠାରୁ ପ୍ରାୟ ୨୦୦ କିଲୋମିଟର ଦୂରରେ ଅବସ୍ଥିତ। ଗୁଳିକାଣ୍ଡ ସ୍କୁଲ ଭିତରେ ହୋଇଛି ନା ବାହାରେ, ତାହା ଜଣାପଡ଼ି ନାହିଁ। ଯେଉଁ ସ୍କୁଲରେ ଏହି ଘଟଣା ଘଟିଛି, ସେଠାରେ ୨୦ ବର୍ଷରୁ ଅଧିକ ବୟସର ପିଲାମାନେ ପାଠ ପଢ଼ନ୍ତି। ସେପଟେ ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ଉଲ୍ଫ କ୍ରିଷ୍ଟରସନଙ୍କ ବୟାନ ସାମ୍ନାକୁ ଆସିଛି। ସେ କହିଛନ୍ତି ଯେ 'ଆଜି ଆମେ ନିର୍ଦ୍ଦୋଷମାନଙ୍କ ବିରୋଧରେ ଭୟଙ୍କର ଏବଂ ମରଣାନ୍ତକ ହିଂସା ଦେଖିଲୁ। ଏହି ଆକ୍ରମଣ ପୂରା ଦେଶକୁ ଦୋହଲାଇ ଦେଇଛି। ଏହା ସମଗ୍ର ସ୍ୱିଡେନ ପାଇଁ ଅତ୍ୟନ୍ତ ଦୁଃଖଦ ଦିନ'। ପୋଲିସ ମୁଖ୍ୟ କହିଛନ୍ତି, ଘଟଣାସ୍ଥଳରେ ଏତେ କ୍ଷୟକ୍ଷତି ହୋଇଛି ଯେ ମୃତକମାନଙ୍କ ସଂଖ୍ୟା ତୁରନ୍ତ କୁହାଯାଇ ପାରି ନ ଥିଲା। ଘଟଣାରେ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ। କାରଣ, ଅନେକ ଆହତଙ୍କ ଅବସ୍ଥା ବର୍ତ୍ତମାନ ଗମ୍ଭୀର ରହିଛି।



# ୧୦୪ ଫେରିଲେ ପ୍ରବାସୀ ଭାରତୀୟ



**ନୂଆଦିଲ୍ଲୀ, ୫।୨:** ଆମେରିକାରେ ବେଆଇନ ଭାବେ ରହୁଥିବା ୧୦୪ ଜଣ ଭାରତୀୟଙ୍କୁ ନେଇ ଏକ ଆମେରିକୀୟ ସାମରିକ ବିମାନ ବୁଧବାର ଦିନ ଶ୍ରୀ ଗୁରୁ ରାମଦାସ ଜୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛି। ଆମେରିକୀୟ ସାମରିକ ବିମାନ ସି-୧୭ ପଞ୍ଜାବ ଏବଂ ପଡ଼ୋଶୀ ରାଜ୍ୟରୁ ୧୦୪ ଜଣ ଅବୈଧ ପ୍ରବାସୀଙ୍କୁ ନେଇ ଆସିଛି । ଏହି ଲୋକଙ୍କ ମଧ୍ୟରେ ଅଧିକାଂଶ ପଞ୍ଜାବ, ହରିୟାଣା ଏବଂ ଗୁଜରାଟର। ଏହି ତାଲିକାରେ ପଞ୍ଜାବର ମୋଟ ୩୦ ଜଣ ଲୋକ ଅଛନ୍ତି। ପଞ୍ଜାବର ବିଭିନ୍ନ ଜିଲ୍ଲାରୁ ପୁଲିସ ବିମାନବନ୍ଦରରେ ପହଞ୍ଚିଛି। ଏହା ବ୍ୟତୀତ ଆମେରିକାରୁ ନିର୍ବାସିତ ଲୋକଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଲୋକମାନେ ମଧ ଅନ୍ତର୍ଭୁକ୍ତ। ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ କହିଛନ୍ତି ଯେ ରାଜ୍ୟ ସରକାର ପ୍ରବାସୀମାନଙ୍କୁ ସ୍ୱାଗତ କରିବେ ଏବଂ ବିମାନବନ୍ଦରରେ କାଉଣ୍ଟର ସ୍ଥାପନ କରିବେ। ମଙ୍ଗଳବାର ଦିନ ପଞ୍ଜାବ ପ୍ରବାସୀ ଭାରତୀୟ ବ୍ୟାପାର ମନ୍ତ୍ରୀ କୁଲଦୀପ ସିଂହ ଧାଲିୱାଲ ଆମେରିକା ସରକାରଙ୍କ ନିଷ୍ପତ୍ତି ଉପରେ ନିରାଶା ପ୍ରକାଶ କରି କହିଛନ୍ତି ଯେ ଦେଶର ଅର୍ଥନୀତିରେ ଅବଦାନ ରଖିଥିବା ଏହି ଲୋକମାନଙ୍କୁ ନିର୍ବାସିତ କରାଯିବା ପରିବର୍ତ୍ତେ ସ୍ଥାୟୀ ବାସସ୍ଥାନ ପ୍ରଦାନ କରାଯିବା ଉଚିତ ଥିଲା।

ପଞ୍ଜାବ ମନ୍ତ୍ରୀ କହିଛନ୍ତି ଯେ ଅନେକ ଭାରତୀୟ 'ୱାର୍କ ପରମିଟ୍'ରେ ଆମେରିକାରେ ପ୍ରବେଶ କରନ୍ତି ଏବଂ ପରେ ଏହାର ମିଆଦ ଶେଷ ହେବା ପରେ ସେମାନେ ଅବୈଧ ପ୍ରବାସୀ ହୋଇଯାଆନ୍ତି। ସେ କହିଛନ୍ତି ଯେ ଆମେରିକାରେ ରହୁଥିବା ପଞ୍ଜାବୀମାନଙ୍କ ଚିନ୍ତା ଏବଂ ସ୍ୱାର୍ଥ ବିଷୟରେ ଆଲୋଚନା କରିବା ପାଇଁ ସେ ଆସନ୍ତା ସପ୍ତାହରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ଭେଟିବାକୁ ଯୋଜନା କରୁଛନ୍ତି। ମନ୍ତ୍ରୀ କୁଲଦୀପ ସିଂହ ଧାଲିୱାଲ ମଧ ପଞ୍ଜାବୀମାନଙ୍କୁ ବେଆଇନ ଉପାୟରେ ବିଦେଶ ଯାତ୍ରା ନ କରିବାକୁ ନିବେଦନ କରିଥିଲେ ଏବଂ ବିଶ୍ୱବ୍ୟାପୀ ସୁଯୋଗର ସୁଯୋଗ ନେବା ପାଇଁ ଦକ୍ଷତା ଏବଂ ଶିକ୍ଷା ଆହରଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଲୋକମାନଙ୍କୁ ବିଦେଶ ଯାତ୍ରା କରିବା ପୂର୍ବରୁ ଆଇନଗତ ପ୍ରକ୍ରିୟା ବିଷୟରେ ଜାଣିବା, ଶିକ୍ଷା ଏବଂ ଭାଷା ଦକ୍ଷତା ହାସଲ କରିବାକୁ ଉତ୍ସାହିତ କରିଥିଲେ।

## ସ୍କୁଲ ବସ୍ ଓଲଟି ଜଣେ ମୃତ

**ଜୟପୁର, ୫।୨:** ରାଜସ୍ଥାନ ଜୟପୁରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ପ୍ରାଇଭେଟ ସ୍କୁଲ ବସ୍ ଅନିୟନ୍ତ୍ରିତ ହୋଇ ଓଲଟି ପଡିଛି। ଦୁଘର୍ଟଣାରେ ଜଣେ ପିଲାର ଜୀବନ ଚାଲିଯାଇଥିବା ବେଳେ ଅନେକ ଛାତ୍ର ଆହତ ହୋଇଛନ୍ତି। ବସରେ ୪୦ ଜଣ ପିଲା ରହିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଉତ୍ତେଜନା କରି ରାସ୍ତାରୋକ କରିଛନ୍ତି। ଖବର ମୁତାବକ, ୪୦ରୁ ଅଧିକ ପିଲା ଥିବା ଏକ ସ୍କୁଲ ବସ୍ ଅନିୟନ୍ତ୍ରିତ ହୋଇ ରାସ୍ତା କଡ଼ରେ ଓଲଟି ପଡିଥିଲା। ବସ୍ ଜୟପୁରର ଚୌମୁ ନିକଟରେ ହୋଇଛି। ବସ୍ ଓଲଟି ପଡିବା ଯୋଗୁଁ ପିଲାମାନଙ୍କ ଚିତ୍କାର ଶୁଣାଯାଇଥିଲା। ଘଟଣା ପରେ ସ୍ଥାନୀୟ ଲୋକ ତୁରନ୍ତ ଉଦ୍ଧାର କାର୍ଯ୍ୟ କରି ପୋଲିସକୁ ସୂଚନା ଦେଇଥିଲେ। ଦୁଘର୍ଟଣାରେ ଜଣେ ପିଲାର ଜୀବନ ଚାଲିଯାଇଥିବା ବେଳେ ଅନେକ ଛାତ୍ର ଆହତ ହୋଇଛନ୍ତି। ଆହତ ପିଲାଙ୍କୁ ବସ୍ରୁ ଉଦ୍ଧାର କରିଥିଲେ। ଏହାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ପିଲାଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକ ଉତ୍ତେଜିତ ହୋଇ ରାସ୍ତାରୋକ କରିଥିଲେ। ତେବେ ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି।

ସୂଚନାଯୋଗ୍ୟ, ରାଜସ୍ଥାନର ଜୟପୁର ଚୌମୁରେ ବସ୍ ଏକ ନିର୍ମାଣାଧୀନ କଲଭର୍ଟ ମଧ୍ୟରେ ପଶିଯାଇଥିଲା। ଦୁର୍ଘଟଣାରେ ୧୫ରୁ ଅଧିକ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ବସରେ ଥିବା ଜଣେ ଶିକ୍ଷକଙ୍କର ମୃତ୍ୟୁ ଘଟିଥିଲା। ୫୨ ନମ୍ବର ଜାତୀୟ ରାଜପଥର ଭୋଜଲାୱା କଟ୍ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ବସଟି ଏହି ରାସ୍ତା ଦେଇ ଯାଉଥିବା ବେଳେ ହଠାତ୍ ଏହାର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଫଳରେ ଏହା ଏକ ନିର୍ମାଣାଧୀନ କଲଭର୍ଟ ମଧ୍ୟରେ ପଶିଯାଇଥିଲା। ବସରେ ପାଖାପାଖି ୩୦ରୁ ୩୫ ପିଲା ଥିଲେ।

କଲଭର୍ଟ ସହ ଧକ୍କା ହେବା ପରେ ବସରେ ଥିବା ଜଣେ ଶିକ୍ଷକ ପଦାକୁ ବାହାରି ଆସି ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ୭୦ ବର୍ଷୀୟା ମହିଳା ତିରୁପତିଙ୍କୁ ଦାନ କଲେ ସବୁ ସଞ୍ଚୟ

**ନୂଆଦିଲ୍ଲୀ, ୫।୨:** ଜଣେ ୭୦ ବର୍ଷୀୟା ମହିଳା ନିଜର ସଞ୍ଚିତ ଅର୍ଥକୁ ତିରୁପତି ମନ୍ଦିରକୁ ଦାନ ଦେଇଛନ୍ତି । ସେ ସୋମବାର ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)ର ଶ୍ରୀ ଭେଙ୍କଟେଶ୍ୱର ସର୍ବ ଶ୍ରେୟସ୍ (ଏସଭି ବାଲାମନ୍ଦିର) ଟ୍ରଷ୍ଟକୁ ୫୦ ଲକ୍ଷ ଟଙ୍କା ଦାନ କରିଛନ୍ତି । ଏହା ତାଙ୍କର ୩୫ ବର୍ଷର ମୋଟ ସଞ୍ଚୟ ଥିଲା । ରେନିଗୁଣ୍ଟାର ସି ମୋହନା ମିଳିତ ଜାତିସଂଘ ସହ କୋସୋଭୋ, ଅଲବାନିଆ, ୟେମେନ, ସାଉଦି ଆରବ ଏବଂ ଭାରତରେ ବିଭିନ୍ନ ପଦବୀରେ ରହି ବିକାଶ ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କାର୍ଯ୍ୟ କରିବା ସମୟରେ ଏହି ଅର୍ଥରାଶି ସଞ୍ଚୟ କରିଥିଲେ । ମନ୍ଦିର ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ୭୦ ବର୍ଷୀୟା ଜଣେ ଦାତା ଗତ ୩୫ ବର୍ଷ ଧରି ବିଭିନ୍ନ ପଦବୀରେ ସେବା କରି ନିଜର ସଞ୍ଚିତ ଅର୍ଥକୁ ଦାନ କରିଛନ୍ତି। ସେ ଟିଟିଡି ଶିକ୍ଷାନୁଷ୍ଠାନରେ ପଢୁଥିବା ଅନାଥ ତଥା ଗରିବ ପିଲାମାନଙ୍କ କଲ୍ୟାଣ ପାଇଁ ଏହି ଦାନ ଦେଇଛନ୍ତି । ସେ ତିରୁମାଲାରେ ଟିଟିଡିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସିଏଚ୍ ଭେଙ୍କେୟା ଚୌଧୁରୀଙ୍କୁ ଏକ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଦାନ ଟଙ୍କା ପ୍ରଦାନ କରିଥିଲେ । ଟିଟିଡି ହେଉଛି ତିରୁପତିରେ ଭଗବାନ ଭେଙ୍କଟେଶ୍ୱର ମନ୍ଦିରର ସଂରକ୍ଷକ । ଆନ୍ଧ୍ରପ୍ରଦେଶର ତିରୁପତି ନିକଟ ତିରୁମାଲା ପାହାଡ଼ ଉପରେ ଭଗବାନ ଭେଙ୍କଟେଶ୍ୱରଙ୍କ ମନ୍ଦିର ରହିଛି । ଭଗବାନ ଭେଙ୍କଟେଶ୍ୱରଙ୍କୁ ଭେଙ୍କଟାଚଳପତି କିମ୍ବା ଶ୍ରୀନିବାସ ବାଲାଜୀ ନାମରେ ମଧ ଜଣାଯାଏ । ତିରୁପତି ମନ୍ଦିରର ପରିଚାଳନା ତିରୁମାଲା ତିରୁପତି ଦେବସ୍ଥାନମ୍ ଟ୍ରଷ୍ଟ ତରଫରୁ କରାଯାଇଥାଏ ।

## ତୁମ ବାପା ମୋ ସହ କାମ କରିଛନ୍ତି

### ■ ରାଗି ଗଲେ ଖଡ଼ଗେ

**ନୂଆଦିଲ୍ଲୀ, ୫।୨:** ରାଜ୍ୟସଭାରେ ଭାଷଣ ଦେଉଥିବା ସମୟରେ ନିଜ ରାଗ ଉପରୁ ନିୟନ୍ତ୍ରଣ ହରାଇ ବସିଲେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ। ବିଜେପି ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ର ଶେଖରଙ୍କ ପୁଅ ନୀରଜ ଶେଖର ତାଙ୍କ କଥାରେ ହସ୍ତକ୍ଷେପ କରିବା ପରେ ଖଡ଼ଗେ ରାଗି ଯାଇଥିବା ଦେଖିବାକୁ ମିଳିଛି। ଖଡ଼ଗେ ରାଗିଯିବା ସହ ଶେଖରଙ୍କୁ ମନେ ପକାଇ ଦେଇଥିଲେ ଯେ ସେ ତାଙ୍କ ପିତାଙ୍କ ସମସାମୟିକ ଏବଂ ତାଙ୍କୁ ପିଲାବେଳୁ ଦେଖି ଆସୁଛନ୍ତି ବୋଲି। ବିଜେପି ସାଂସଦଙ୍କ ଉପରେ ଗର୍ଜିବା ସହ ସେ ତାଙ୍କୁ ବସିବାକୁ ବି କହିଲେ। ଖଡ଼ଗେ ତାଙ୍କୁ କହିଲେ କି "ତୁମ ବାପା ମୋ ସହ କାମ କରୁଥିଲେ। ତୁମେ ମତେ କଣ କହିବ । ଚୁପ୍ ହୋଇ ନିଜ ଜାଗାରେ ବସ।" ଖଡଗେ ରାଗିଯାଇ ଏମିତି କହିବା ପରେ ପୂରା ରାଜ୍ୟସଭା କିଛି ମୁହୂର୍ତ୍ତ ଲାଗି ନୀରବ ହୋଇଥିଲା।

# ଦିଲ୍ଲୀ ନିର୍ବାଚନ: ସୀଲମପୁରରେ ହଙ୍ଗାମା

**ନୂଆଦିଲ୍ଲୀ, ୫।୨:** ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ମତଦାନ ସକାଳ ୭ଟାରୁ ଚାଲିଛି। ଏଥର ନିର୍ବାଚନରେ ଆମ ଆଦମୀ ପାର୍ଟି (ଆପ୍) ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ମଧ୍ୟରେ ସିଧାସଳଖ ପ୍ରତିଯୋଗିତା ହେବ ବୋଲି କୁହାଯାଉଛି। ତଥାପି, କଂଗ୍ରେସ ମଧ ଏହି ନିର୍ବାଚନରେ ନିଜର ସ୍ଥିତି ଖୋଜୁଥିବା ପରି ମନେ ହେଉଛି। ଏବେ ଏପରି ପରିସ୍ଥିତିରେ, ଦିଲ୍ଲୀବାସୀ କାହାକୁ ଆଶୀର୍ବାଦ କରିଛନ୍ତି ତାହା କେବଳ ୮ ଫେବୃଆରୀରେ ଜଣାପଡ଼ିବ। ସମସ୍ତ ୭୦ଟି ବିଧାନସଭା ନିର୍ବାଚନମଣ୍ଡଳୀର ୧୩,୭୬୬ଟି ମତଦାନ କେନ୍ଦ୍ରରେ ମତଦାନ ହେଉଛି, ଏହା ୬୯୯ ପ୍ରାର୍ଥୀଙ୍କ ନିର୍ବାଚନୀ ଭାଗ୍ୟ ନିର୍ଣ୍ଣୟ କରିବ। ଏହି ନିର୍ବାଚନରେ, ଯମୁନାର ପ୍ରଦୂଷିତ ଜଳ, ଦୁର୍ନୀତି ଏବଂ ଖରାପ ରାସ୍ତା ଭଳି ପ୍ରସଙ୍ଗ ସର୍ବାଧିକ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।



ସୂଚନାଯୋଗ୍ୟ, ଯଦି ଆମ୍ ଆଦମୀ ପାର୍ଟି ଏହି ନିର୍ବାଚନରେ ବିଜୟୀ ହୁଏ, ତେବେ ଏହା ଲଗାତାର ତୃତୀୟ ଥର ପାଇଁ କ୍ଷମତାକୁ ଫେରିବ। ଯଦି ଆମେ ବିଜେପି ଏବଂ କଂଗ୍ରେସ ବିଷୟରେ କହିବା, ତେବେ ସେମାନେ ମଧ ଏହି ନିର୍ବାଚନରେ ବିଜୟୀ ହୋଇ କ୍ଷମତାକୁ ଫେରିବାକୁ ନିଶ୍ଚିତ ଭାବରେ ଚେଷ୍ଟା କରିବେ। ଦିଲ୍ଲୀରେ ବିଜେପି ୨୫ ବର୍ଷରୁ ଅଧିକ ସମୟ ଧରି କ୍ଷମତା ବାହାରେ ଥିବା ବେଳେ କଂଗ୍ରେସ ୨୦୧୩ ମସିହାରୁ କ୍ଷମତା ବାହାରେ ଅଛି। ଏଥର ଦିଲ୍ଲୀ ନିର୍ବାଚନରେ ୬୯୯ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ଶାନ୍ତିପୂର୍ଣ୍ଣ ଭାବରେ ମତଦାନ କରିବା ପାଇଁ, ୨୦୦ ରୁ ଅଧିକ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ମୁତୟନ କରାଯାଇଛି ଏବଂ ୩୫ ହଜାରରୁ ଅଧିକ ଦିଲ୍ଲୀ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଦିଲ୍ଲୀର ପ୍ରାୟ ୩୦୦୦ ମତଦାନ କେନ୍ଦ୍ରକୁ ସମ୍ବେଦନଶୀଳ ଘୋଷଣା କରାଯାଇଛି। ଯେଉଁଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତଥାପି ଦିଲ୍ଲୀର କିଛି ସ୍ଥାନରେ ଘମାସନ ପରିସ୍ଥିତି ସୃଷ୍ଟି ହୋଇଛି। ଆପ୍ ଏବଂ ବିଜେପି ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଛି। ସୀଲମପୁରରୁ ଖବର ଆସୁଛି ଯେ ବୁର୍ଖା ପିନ୍ଧିଥିବା କିଛି ମହିଳା ନକଲି ଭୋଟ ଦେଇଛନ୍ତି, ଏଥି ଯୋଗୁଁ ସେଠାରେ ସ୍ଲୋଗାନ ଦିଆଯାଇଛି। ସୀଲମପୁରରେ ବୁର୍ଖା ପିନ୍ଧି ନକଲି ଭୋଟିଂ ହେଉଥିବା ଅଭିଯୋଗ କରିଛି ବିଜେପି। ସେପଟେ ସୌରଭ ଭରଦ୍ୱାଜ ଏବଂ ମନୀଷ ସିସୋଦିଆ ବିଜେପି ସମର୍ଥକମାନଙ୍କ ଉପରେ ଟଙ୍କା ବାଣ୍ଟୁଥିବାର ଅଭିଯୋଗ ଆଣିଛନ୍ତି। ସୂତ୍ର ଅନୁସାରେ, ବିଜେପି ପ୍ରାର୍ଥୀ ଅଭିଯୋଗ କରିଥିଲେ ଯେ ବ୍ରହ୍ମପୁରୀର ଆର୍ଯ୍ୟନ ପବ୍ଲିକ୍ ସ୍କୁଲରେ ସ୍ଥାପିତ ବୁଥରେ ନକଲି ଭୋଟିଂ ହେଉଛି, ଯାହା ପରେ ଆପ୍, କଂଗ୍ରେସ ଏବଂ ବିଜେପି କର୍ମୀ ମୁହାଁମୁହିଁ ହୋଇଥିଲେ। ଘମାଘୋଟ ପରେ ସେଠାରେ ହାତାହାତି ହୋଇଥିବା କୁହାଯାଉଛି। ତଥାପି, ପରେ ପୋଲିସ ହସ୍ତକ୍ଷେପ କରି ପରିସ୍ଥିତିକୁ ଶାନ୍ତ କରିଥିଲା।

## ଭାରତ ପାଇଁ ବିପଦ ଆଣିବ ହମାସ କାର୍ଯ୍ୟକଳାପ !

**ନୂଆଦିଲ୍ଲୀ, ୫।୨:** ଇସ୍ରାଏଲ ଓ ହମାସ ଭିତରେ ଯୁଦ୍ଧ ବିରାମ ହୋଇସାରିଛି। ଏହାପରେ ହମାସ ଏଭଳି କିଛି କରିବାକୁ ଯାଉଛି, ଯାହା ଭାରତ ପାଇଁ ବିପଦ ଆଣିବ। ରିପୋର୍ଟ ମୁତାବକ ଜୈଶ-ଏ-ମହମ୍ମଦ ଓ ଲସ୍କର-ଏ-ତୋଇବା ପାକିସ୍ତାନ ଦଖଲରେ ଥିବା କାଶ୍ମୀରର ପିଓକେରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି। ଏହି ବୈଠକରେ ହମାସର କିଛି ମୁଖ୍ୟ ନେତୃତ୍ୱ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜୈଶ ଆତଙ୍କୀ ସଂଗଠନର ମୁଖ୍ୟ ମସୁଦ ଅଜହର ବି ରହିବେ। ଏହି କାର୍ଯ୍ୟକ୍ରମ ରାୱଲକୋଟରେ ହେବ, ଏହି ସ୍ଥାନ ଆତଙ୍କୀମାନଙ୍କ ପାଇଁ ଲଂଚପ୍ୟାଡ ଭଳି କାମ କରିଥାଏ। ଏବେଠାରୁ ଏହି ସ୍ଥାନରେ ହମାସ ନେତାଙ୍କର ପୋଷ୍ଟର ଲାଗିସାରିଲାଣି। ସେପଟେ ଜମ୍ମୁ-କାଶ୍ମୀରରେ ଲଗାତର ଭାବେ ସେନାର ଚାପ ପଡୁଥିବାରୁ ଜୈଶ ଭଳି ଆତଙ୍କୀ ସଂଗଠନ ଦୁର୍ବଳ ହୋଇସାରିଛି। ଏହି କାରଣରୁ ଆତଙ୍କୀ ସଂଗଠନ ସ୍ଥାନୀୟ ଲୋକଙ୍କ ସମର୍ଥନ ଯୋଗାଡ କରିବାକୁ ହମାସର ସହାୟତା ଲୋଡିଛି। ପିଓକେରେ ସାବିର ସହିଦ ଷ୍ଟାଡିୟମ, କାଶ୍ମୀର ସଲିଡାରୀ ଆଣ୍ଡ ଅଲ ଅକସା ଫ୍ଲଡ କନଫରେନ୍ସ ନାମରେ ଫେବୃଆରୀ ୫ ତାରିଖ ଅର୍ଥାତ ଆଜି ଏହି ବୈଠକ କରାଯାଇଛି। ହମାସ ନେତାମାନଙ୍କ ପିଓକେରେ ଉପସ୍ଥିତି ଭାରତ ପାଇଁ ଶୁଭ ଖବର ନୁହେଁ। ଏବେ ସମୟ ଆସିଛି ଭାରତ ବି ହମାସକୁ ଏକ ଆତଙ୍କୀ ସଂଗଠନ ଭାବେ ଘୋଷଣା କରିବାର। କାରଣ ଏପର୍ଯ୍ୟନ୍ତ ଭାରତ ହମାସକୁ ଏକ ଆତଙ୍କୀ ସଂଗଠନ ଭାବେ ଗ୍ରହଣ କରିନାହିଁ।

# ଗାଜା ଷ୍ଟ୍ରିପ୍ ଦଖଲ କରିବାକୁ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଯୋଜନା

**ୱାଶିଂଟନ, ୫।୨:** ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଡୋନାଲ୍ଡ ଟ୍ରମ୍ପ ଫେବୃଆରି ୪ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସେ ଗାଜା ଷ୍ଟ୍ରିପରୁ ପାଲେଷ୍ଟାଇନମାନଙ୍କୁ ଅପସାରଣ କରି ପୁନଃନିର୍ମାଣ ପାଇଁ ଏକ ଯୋଜନା ଉପସ୍ଥାପନ କରିଛନ୍ତି। ଏହା ଅନ୍ତର୍ଗତ ୨୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ୧୪୦ ବର୍ଗ ମାଇଲ ପରିବ୍ୟାପ୍ତ ଏହି ଷ୍ଟ୍ରିପ୍ ଉପରେ ଆମେରିକାର ଅଧିକାର ରହିବ। ଟ୍ରମ୍ପଙ୍କ ଏହି ଯୋଜନାକୁ ନେଇ ଆରବ ଦେଶଗୁଡ଼ିକ ଏବଂ ଡେମୋକ୍ରାଟିକ୍ ପାର୍ଟିର ସାଂସଦମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ନିନ୍ଦା ମଧ କରିଛନ୍ତି। ଡେମୋକ୍ରାଟିକ୍ ସେନେଟର କ୍ରିସ୍ ମର୍ଫି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି,ଗାଜାରେ ଆମେରିକାର ଆକ୍ରମଣ ଫଳରେ ହଜାର ହଜାର ଆମେରିକୀୟ ସୈନିକଙ୍କ ହତ୍ୟା ହେବ ଏବଂ ମଧ୍ୟପ୍ରାଚ୍ୟରେ ଏକ ନୂତନ ଯୁଦ୍ଧ ଆରମ୍ଭ ହେବ ଯାହା ଦଶନ୍ଧି ଧରି ଚାଲିପାରେ। ଏହା ଏକ ଖରାପ ଚିନ୍ତାଧାରା। ଗତ ବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ଯେକୌଣସି ପ୍ରକାରର ଯୁଦ୍ଧର ଚିନ୍ତାଧାରାକୁ ସମାଲୋଚନା କରୁଥିଲେ, କିନ୍ତୁ ରାଷ୍ଟ୍ରପତି ହେବା ପରେ ସେ ଗ୍ରୀନଲ୍ୟାଣ୍ଡ, କାନାଡା, ପାନାମା କେନାଲ୍ ଏବଂ ଏବେ ଗାଜା ଷ୍ଟ୍ରିପକୁ ଦଖଲ କରିବା ବିଷୟରେ କହିଛନ୍ତି। ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠୁଛି ଯେ, ଯଦି ଆମେରିକା ଗାଜା ଷ୍ଟ୍ରିପକୁ ତାର ସୈନ୍ୟ ପଠାଏ, ତେବେ ଏହା କ'ଣ ଆଫଗାନିସ୍ତାନକୁ ସୈନ୍ୟ ପଠାଇବାର ଭୁଲ ପରି ହେବ? ବର୍ଷ ବର୍ଷ ଧରି ଯୁଦ୍ଧ ଲଢ଼ିବା, ଶହ ଶହ ସୈନିକଙ୍କୁ ହରାଇବା ଏବଂ କୋଟି କୋଟି ଡଲାର ନଷ୍ଟ କରିବା ପରେ ଶେଷରେ ଆମେରିକାକୁ ୨୦୨୧ ମସିହାରେ ଆଫଗାନିସ୍ତାନରୁ ପ୍ରତ୍ୟାହାର କରିବାକୁ ପଡିଥିଲା। ପୁଣିଥରେ ତାଲିବାନ ଦେଶକୁ ନିୟନ୍ତ୍ରଣ କରିଥିଲା। ଆମେରିକା ସର୍ବଦା ପାଲେଷ୍ଟାଇନ ପ୍ରତି '୨-ରାଷ୍ଟ୍ର ସମାଧାନ'କୁ ସମର୍ଥନ କରିଆସିଛି, ଏବଂ ଟ୍ରମ୍ପଙ୍କ ଗାଜା ଯୋଜନା ଆମେରିକାର ବୈଦେଶିକ ନୀତିରେ ଏକ ଅସାଧାରଣ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରୁଛି। ଏପର୍ଯ୍ୟନ୍ତ, ଆମେରିକାରେ ଡେମୋକ୍ରାଟିକ୍ ପାର୍ଟି ଏବଂ ରିପବ୍ଲିକାନ୍ ପାର୍ଟି ପ୍ରଶାସନ ଗାଜା ଏବଂ ୱେଷ୍ଟ ବ୍ୟାଙ୍କରେ ଏକ ପାଲେଷ୍ଟାଇନ୍ ରାଷ୍ଟ୍ର ପ୍ରତିଷ୍ଠାକୁ ସମର୍ଥନ କରିଆସିଛନ୍ତି। ଅର୍ଥାତ୍, ଆମେରିକା ଇସ୍ରାଏଲ ଏବଂ ପାଲେଷ୍ଟାଇନ ନାମରେ ଦୁଇଟି ଦେଶ ରଖିବାର ନୀତି ଅନୁସରଣ କରିଆସୁଛି। କିନ୍ତୁ, ଡୋନାଲ୍ଡ ଟ୍ରମ୍ପ ଗାଜା ଦଖଲ ଏବଂ ସେନା ପଠାଇବାର ଯୋଜନା ଉପସ୍ଥାପନ କରିଛନ୍ତି, ଯାହା ଆଶ୍ଚର୍ଯ୍ୟଜନକ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଯଦି ଆମେରିକା ପ୍ରକୃତରେ ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ପାଳନ କରି ଗାଜାକୁ ନିଜର ସୈନ୍ୟ ପଠାଏ, ତେବେ ଏକ ସ୍ୱତନ୍ତ୍ର ପାଲେଷ୍ଟାଇନ ସୃଷ୍ଟି କରିବାର ସମସ୍ତ ଆଶା ମଉଳିଯିବ। ଆମେରିକାର ଆରବ ମିତ୍ରମାନେ ଦୂରେଇ ଯିବେ, ଏବଂ ପୂର୍ବରୁ ଅଶାନ୍ତ ମଧ୍ୟପ୍ରାଚ୍ୟ ଅଧିକ ଅସ୍ଥିର ହୋଇଯିବ। ଡୋନାଲ୍ଡ ଟ୍ରମ୍ପଙ୍କ ଯୋଜନାକୁ ଅନେକ ଗଣତାନ୍ତ୍ରିକ ନେତା ସମାଲୋଚନା କରିଛନ୍ତି ଏବଂ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଯଦି ଟ୍ରମ୍ପ ଏହି ନିଷ୍ପତ୍ତି ନିଅନ୍ତି, ତେବେ ଏହା ଆଫଗାନିସ୍ତାନ ପରି ଏକ ଭୁଲ ହେବ।



ଆମେରିକା ୨୦୦୧ ମସିହାରେ ଆଫଗାନିସ୍ତାନକୁ ନିଜର ସେନା ପଠାଇଥିଲା ଏବଂ ଏହି ଯୁଦ୍ଧ ପ୍ରାୟ ୨୦ ବର୍ଷ ଧରି ଚାଲିଥିଲା, ଯାହାର ପରିଣାମ କେବଳ ଆଫଗାନିସ୍ତାନ ପାଇଁ ନୁହେଁ ବରଂ ଆମେରିକା ପାଇଁ ମଧ ବିନାଶକାରୀ ପ୍ରମାଣିତ ହୋଇଥିଲା। ଯେତେବେଳେ ଆମେରିକା ଆଫଗାନିସ୍ତାନ ଉପରେ ଆକ୍ରମଣ କଲା, ସେତେବେଳେ ଏହା ତାଲିବାନ ଦ୍ୱାରା ଶାସିତ ହୋଇଥିଲା ଏବଂ ଆମେରିକୀୟ ସେନା କାବୁଲ ଛାଡିବା ସମୟରେ ଆଫଗାନିସ୍ତାନ ପୁଣି ଥରେ ତାଲିବାନ ଦ୍ୱାରା କବଜା ହୋଇଗଲା। ୯/୧୧ ଆକ୍ରମଣ ପରେ ଆଫଗାନିସ୍ତାନ ଯୁଦ୍ଧରେ ଆମେରିକା ନାଟୋ ସୈନ୍ୟଙ୍କ ନେତୃତ୍ୱ ନେଇଥିଲା। ସେତେବେଳେ ଆମେରିକାର ରାଷ୍ଟ୍ରପତି ଥିଲେ ଜର୍ଜ ଡବ୍ଲୁ. ବୁଶ। ଆମେରିକା ସେହି ଯୁଦ୍ଧର ନାମ ଦେଇଥିଲା 'ଆତଙ୍କବାଦ ବିରୁଦ୍ଧରେ ଯୁଦ୍ଧ'। ଆଫଗାନିସ୍ତାନ ଉପରେ ଆକ୍ରମଣ କରିବା ପୂର୍ବରୁ, ଆମେରିକା ତାଲିବାନକୁ ଆମେରିକା ଉପରେ ଆତଙ୍କବାଦୀ ଆକ୍ରମଣ କରିଥିବା ଅଲକାଏଦା ମୁଖ୍ୟ ଓସାମା ବିନ୍ ଲାଡେନକୁ ହସ୍ତାନ୍ତର କରିବାକୁ କହିଥିଲା। ତାଲିବାନ ବିନ୍ ଲାଡେନଙ୍କୁ ହସ୍ତାନ୍ତର କରିବାକୁ ମନା କରିବା ପରେ, ଆମେରିକା ଆଫଗାନିସ୍ତାନ ଉପରେ ଆକ୍ରମଣ କରି ତାଲିବାନ ସରକାରକୁ ଗାଦିଚ୍ୟୁତ କରିଥିଲା। ଏହି ସମୟ ମଧ୍ୟରେ, ଆଫଗାନିସ୍ତାନରେ ଏକ ଆମେରିକା ସମର୍ଥିତ ସରକାର ପ୍ରତିଷ୍ଠିତ ହୋଇଥିଲା ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକୁ ବିତାଡ଼ିତ କରାଯାଇଥିଲା। କିନ୍ତୁ ଆଫଗାନ ଯୁଦ୍ଧର ପରିଣାମ ଏହି ହେଲା ଯେ ଆମେରିକା ଶେଷରେ ତାଲିବାନ ସହିତ ଏକ ଶାନ୍ତି ଚୁକ୍ତି କରିବାକୁ ବାଧ ହେଲା। ସେହି ଚୁକ୍ତି ଅନୁଯାୟୀ, ଆମେରିକୀୟ ସେନାକୁ ଆଫଗାନିସ୍ତାନ ଛାଡିବାକୁ ପଡିଲା ଏବଂ ତାଲିବାନ ପୁଣି ଥରେ ଦେଶ ଉପରେ ନିୟନ୍ତ୍ରଣ ହାସଲ କଲା। ତାଲିବାନ ଆମେରିକାର ଶାନ୍ତି ସର୍ତ୍ତାବଳୀକୁ ଘୋର ଉଲ୍ଲଂଘନ କରିଛି। ଆଫଗାନିସ୍ତାନରେ ମହିଳା ଶିକ୍ଷା ବନ୍ଦ କରିଦିଆଯାଇଛି ଏବଂ ସେମାନଙ୍କର ସମସ୍ତ ଅଧିକାର ଛଡ଼ାଇ ନିଆଯାଇଛି। ଦେଶରେ ଏକ ଅତ୍ୟନ୍ତ ମୌଳବାଦୀ ସରକାର ଅଛି।

ଆଫଗାନିସ୍ତାନରୁ ପ୍ରତ୍ୟାହାର କରିବା ସମୟରେ, ଆମେରିକୀୟ ସେନା ଆଫଗାନିସ୍ତାନରେ କୋଟି କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ଛାଡି ଯାଇଥିଲା, ଯାହା ବର୍ତ୍ତମାନ ତାଲିବାନ ଦ୍ୱାରା ନିୟନ୍ତ୍ରିତ ହେଉଛି। ତେବେ ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି ଯେ, ଗାଜା ଷ୍ଟ୍ରିପକୁ ସୈନ୍ୟ ପଠାଇ, ଆମେରିକା କ'ଣ ଆଫଗାନିସ୍ତାନ ପରି ଭୁଲ କରିବ।

## ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍

# ଦ୍ୱିତୀୟ ସ୍ଥାନକୁ ଉଠିଲେ ଅଭିଷେକ ଶର୍ମା

**ନୂଆଦିଲ୍ଲୀ, ୫।୨:** ଇଂଲଣ୍ଡ ବିପକ୍ଷ ଶେଷ ଟି-୨୦ ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ କରିଥିବା ଭାରତୀୟ ଟିମ୍‌ର ଅଭିଷେକ ଶର୍ମାଙ୍କୁ ନେଇ ଚର୍ଚ୍ଚା ଲାଗି ରହିଛି। ବିଶ୍ୱ କ୍ରିକେଟରେ ଝଡ଼ ସୃଷ୍ଟି କରିଛନ୍ତି ଅଭିଷେକ ଶର୍ମା। ଆଇପିଏଲରେ ତାଙ୍କର ଦ୍ରୁତ ଇନିଂସ ଏବଂ ଟି-୨୦ରେ ଭାରତୀୟ ଦଳ ପାଇଁ ତାଙ୍କର ଚମତ୍କାର ପ୍ରଦର୍ଶନ ମାଧମରେ, ୨୪ ବର୍ଷୀୟ ଖେଳାଳି ବହୁତ ଭଲ ଫର୍ମରେ ଅଛନ୍ତି। ସେ ଇଂଲଣ୍ଡ ବିପକ୍ଷରେ ପଞ୍ଚମ ଟି-୨୦ରେ କମାଲ ପ୍ରଦର୍ଶନ ମାଧମରେ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ୱାଙ୍ଖେଡେ ଷ୍ଟାଡିୟମରେ ଇଂଲଣ୍ଡ ବିପକ୍ଷରେ ୫୪ ବଲରୁ ୧୩୫ ରନର ଇନିଂସ ଖେଳି ଅଭିଷେକ ଆଇସିସି ପୁରୁଷ ଟି୨୦ ବ୍ୟାଟିଂ ରାଙ୍କିଂରେ ଏକ ବଡ଼ ଲମ୍ଫ ମାରିଛନ୍ତି।

ୱାଙ୍ଖେଡେରେ ତାଙ୍କର ଚମତ୍କାର ପ୍ରଦର୍ଶନ ଯୋଗୁଁ ଅଭିଷେକ ୩୮ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟର ଟ୍ରାଭିସ୍ ହେଡ୍ ୮୫୫ ରେଟିଂ ସହିତ ନମ୍ବର ୧ ସ୍ଥାନରେ ଅଛନ୍ତି। ଅଭିଷେକ ଶର୍ମାଙ୍କ ରେଟିଂ ୮୨୯ ରହିଛି। ପୂର୍ବରୁ ଦ୍ୱିତୀୟ



ସ୍ଥାନରେ ଥିବା ତିଲକ ବର୍ମା ଗୋଟିଏ ସ୍ଥାନ ତଳକୁ ଖସି ଯାଇଛନ୍ତି ଏବଂ ବର୍ତ୍ତମାନ ୮୦୩ ରେଟିଂ ସହିତ ତୃତୀୟ ସ୍ଥାନରେ ଅଛନ୍ତି। ଫିଲ୍ ସଲ୍ଟ ଏବଂ ସୂର୍ଯ୍ୟକୁମାର ଯାଦବ ଯଥାକ୍ରମେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଅଛନ୍ତି। ନିଜର ଦକ୍ଷତାକୁ ଆହୁରି ବଢ଼ାଇବା ସହ ଅଭିଷେକ ଶର୍ମା ଶୀର୍ଷ ସ୍ଥାନ ଅଧିକାର କରିବାକୁ ଆଶାବାଦୀ ଥିବା କୁହାଯାଉଛି। ନିକଟ ଭବିଷ୍ୟତରେ ଭାରତୀୟ ଦଳ କୌଣସି ଟି-୨୦ ଖେଳିବାର କାର୍ଯ୍ୟକ୍ରମ ନଥିବାରୁ, ୨୪ ବର୍ଷୀୟ ଖେଳାଳିଙ୍କୁ ଅପେକ୍ଷା କରିବାକୁ ପଡିବ। ଇଂଲଣ୍ଡ ବିପକ୍ଷରେ ୫ଟି ଟି-୨୦ ଖେଳିବା ସହ ଅଭିଷେକ ଶର୍ମା ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର ରହିଛନ୍ତି। ୨୭୯ ରନ ସ୍କୋର କରି, ସେ ଜସ୍ ବଟଲରଙ୍କଠାରୁ ଅଧିକ ରନ ସଂଗ୍ରହ କରିଛନ୍ତି, ଯିଏ ୫ଟି ଇନିଂସରେ ୧୪୬ ରନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ, ଅଭିଷେକ ୫୪ ବଲରୁ ୧୩୫ ରନର ଇନିଂସ ଟି-୨୦ ଫର୍ମାଟରେ ଜଣେ ଭାରତୀୟ ପୁରୁଷ ଖେଳାଳିଙ୍କ ଦ୍ୱାରା କରାଯାଇଥିବା ସର୍ବାଧିକ ବ୍ୟକ୍ତିଗତ ସ୍କୋର।

## ରାହୁଲ ଦ୍ରାବିଡଙ୍କ କାର୍‌କୁ ଧକ୍କା ଦେଲା ଅଟୋ, ଡ୍ରାଇଭର ସହିତ ହେଲା ଯୁକ୍ତିତର୍କ : ଭିଡିଓ ଭାଇରଲ



**ନୂଆଦିଲ୍ଲୀ,୫।୨:** ଭାରତୀୟ କ୍ରିକେଟ ଟିମର ପୂର୍ବତନ ଖେଳାଳି ତଥା କୋଚ୍ ରାହୁଲ ଦ୍ରାବିଡ ପୁଣିଥରେ ଚର୍ଚ୍ଚାରେ । ରାହୁଲ ଦ୍ରାବିଡଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି । ଯେଉଁଥିରେ ସେ ଏକ ଅଟୋ ଡ୍ରାଇଭର ସହିତ ଯୁକ୍ତିତର୍କ କରୁଥିବାର ନଜର ଆସିଛନ୍ତି । ଏହି ଭିଡିଓ ବେଙ୍ଗାଲୁରୁର ବୋଲି ଜଣାପଡିଛି। ଖବର ମୁତାବକ, ଦ୍ରାବିଡଙ୍କ କାର୍ ଲୋଡିଂ ଅଟୋ ସହିତ ସାମାନ୍ୟ ଧକ୍କା ହୋଇଥିଲା । ଧକ୍କା ହେବା ଫଳରେ ଦ୍ରାବିଡଙ୍କ କାର୍ ଚେପା ହୋଇଥିବା ଦ୍ରାବିଡ ଭିଡିଓରେ କହୁଥିବାର ଶୁଣିବାକୁ ମିଳିଛି । ଯାହାକୁ ନେଇ ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା । ଗତକାଲି ସନ୍ଧ୍ୟା ୬.୩୦ ସମୟରେ ବେଙ୍ଗାଲୁରୁରେ ଏଭଳି ଘଟଣା ଘଟିଥିଲା । ତେବେ ଏହାକୁ ନେଇ କୌଣସି ପୋଲିସ ଅଭିଯୋଗ ହୋଇନାହିଁ ।

# ଚାମ୍ପିଅନ୍ସ ଟ୍ରଫିରେ ବୁମ୍‌ରାଙ୍କ ନାମ ନଥିବାରୁ ଟେନ୍‌ସନ୍‌ରେ ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ,୫।୨:** ଚାମ୍ପିଅନ୍ସ ଟ୍ରଫି ୨୦୨୫ ପୂର୍ବରୁ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳିବ। ଏହି ସିରିଜ ପାଇଁ ଷ୍ଟାର ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ବିସିସିଆଇ ଘୋଷଣା କରିବା ପରେ ଭାରତୀୟ ଦଳ ପାଇଁ ଅପଡେଟ ଦଳ ପ୍ରକାଶ ପାଇଛି। ତେବେ ଦଳରେ ଏକ ଉଲ୍ଲେଖନୀୟ କଥା ହେଉଛି ଯଶପ୍ରୀତ ବୁମ୍‌ରାଙ୍କ ନାମ ନଥିବାରୁ ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ଆକାଶ ଚୋପ୍ରାଙ୍କ ମନରେ ପ୍ରଶ୍ନ ଉଠିଛି। ତାଙ୍କ ଚିନ୍ତା ବାସ୍ତବରେ ସମସ୍ତଙ୍କ ଚିନ୍ତା ବଢାଇଦେଇଛି ।

ସୂଚନାଯୋଗ୍ୟ, ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଶେଷ ମ୍ୟାଚ ପାଇଁ ବୁମରାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ତେବେ ନୂଆ ଦଳ ପ୍ରକାଶ ପାଇବା ପରେ ତୃତୀୟ ଦିନିକିଆରୁ ବୁମ୍‌ରାଙ୍କ ନାମ ମଧ ବାଦ ପଡ଼ିଥିଲା। ଟିମ ଇଣ୍ଡିଆର ଅପଡେଟେଡ ସ୍କାଡ ଜାରି ହେବା ପରେ ଆକାଶ ଚୋପ୍ରା ତାଙ୍କର ଏକ୍ସ ଆକାଉଣ୍ଟରେ ଲେଖିଛନ୍ତି, ବୁମରାଙ୍କ ନାମ ଅପଡେଟ ସ୍କାଡରେ ନାହିଁ। ଶେଷ ଦିନିକିଆ ପାଇଁ ମଧ ନୁହେଁ। ସିରାଜ ପୂର୍ବରୁ ଦଳରେ ନାହାନ୍ତି। ଇଂଲଣ୍ଡ ସିରିଜ୍‌ରେ ରାଣାଙ୍କୁ ଡେବ୍ୟୁ କରିବାର ଉପାୟ ଖୋଜନ୍ତୁ। ଯଦିଓ, ମୁଁ ଜାଣିନାହିଁ କିପରି... ଅର୍ଶଦୀପ କେବଳ କିଛି ଦିନିକିଆ ଖେଳିଛନ୍ତି ଏବଂ ଶାମି ଫେରିବା ରାସ୍ତାରେ ଅଛନ୍ତି। ତିନି ଜଣ ସିମର ଖେଳିବେ?

ଭାରତ ଏବଂ ଇଂଲଣ୍ଡ ମଧରେ ଖେଳାଯିବା ତିନି ମ୍ୟାଚ ଦିନିକିଆ ସିରିଜର ଆରମ୍ଭ ୬ ଫେବୃଆରୀରୁ ହେବ। ସେହିପରି ସିରିଜର ଶେଷ ମୁକାବଲା ୧୨ ଫେବୃଆରୀରେ ଖେଳାଯିବ।



## ଚମ୍ପିଅନ୍ସ ଟ୍ରଫି ପୂର୍ବରୁ ଅଷ୍ଟ୍ରେଲିଆକୁ ଝଟକା

# ଖେଳିବେନି ପାଟ୍ କମିନ୍ସ!

**ନୂଆଦିଲ୍ଲୀ,୫।୨:** ୧୯ ତାରିଖରୁ ଚମ୍ପିଅନ୍ସ ଟ୍ରଫି ଆରମ୍ଭ ହେବ। ଆଉ ମଝିରେ ହାତ ଗଣତି ଦିନ ରହିଛି। ଏହା ପୂର୍ବରୁ ଅଷ୍ଟ୍ରେଲିଆକୁ ବଡ ଝଟକା ଲାଗିଛି। କଙ୍ଗାରୁ ଦଳକ୍ୟାପ୍ଟେନ ତଥା ଦ୍ରୁତ ବୋଲର ପାଟ୍ କମିନ୍ସ ଏବେ ଯାଏ ଫିଟ୍ ହୋଇ ନାହାନ୍ତି। ତେଣୁ ସେ ଚମ୍ପିଅନ୍ସ ଟ୍ରଫି ଖେଳି ନ ପାରନ୍ତି। ତେବେ ତାଙ୍କ ସ୍ଥାନରେ ଷ୍ଟିଭ ସ୍ମିଥ ଓ ଟ୍ରେଭିସ ହେଡ୍ ଦଳର ନେତୃତ୍ୱ ନେଇ ପାରନ୍ତି। ହେଡ୍ କୋଚ୍ ମ୍ୟାକଡୋଲ୍ଡଙ୍କ ପକ୍ଷରୁ ଏହି ସୂଚନା ମିଳିଛି। ପାଟ୍ କମିନ୍ସଙ୍କ ଆହତ ସମସ୍ୟାକୁ ନେଇ ମୁଖ୍ୟ କୋଚ୍ କହିଛନ୍ତି, କମିନ୍ସ ସୁସ୍ଥ ହୋଇନାହାନ୍ତି। ତେଣୁ ସେ ଦ୍ରୁତ ବୋଲିଂ କରିବାକୁ ସକ୍ଷମ ନୁହଁନ୍ତି। ଚମ୍ପିଅନ୍ସ ଟ୍ରଫି ପର୍ବରୁ ଯଦି ସେ ସୁସ୍ଥ ନ ହୁଅନ୍ତି ତେବେ ମ୍ୟାଚ ଖେଳିବେ ନାହିଁ । ସମ୍ପୂର୍ଣ୍ଣ ସୁସ୍ଥ ନ ହୋଇଥିବାରୁ ତାଙ୍କର ଚମ୍ପିଅନ୍ସ ଟ୍ରଫି ଖେଳିବା ସମ୍ଭାବନା କମ୍ ରହିଛି। କମିନ୍ସଙ୍କ ବଦଳରେ ଆମେ ଆଉ ଜଣେ ଅଧିନାୟକ ଖୋଜୁଛୁ। ତାଙ୍କ ସ୍ଥାନରେ ଷ୍ଟିଭ ସ୍ମିଥ କିମ୍ବା ହେଡ୍ ଦଳର ନେତୃତ୍ୱ ନେଇପାରନ୍ତି। ଆସନ୍ତା ଫେବୃଆରୀ ୧୯ ତାରିଖରୁ ଚମ୍ପିଆନ୍ସ ଟ୍ରଫି ଆରମ୍ଭ ହେବ। ମୋଟ ୮ଟି ଦଳ ମଧରେ ୧୫ଟି ମ୍ୟାଚ ଖେଳାଯିବ। ୮ଟି ଦଳକୁ ୨ଟି ଗ୍ରୁପରେ ଭାଗ କରାଯାଇଛି। ଗ୍ରୁପ-ଏ ରେ ଭାରତ, ପାକିସ୍ତାନ ସମେତ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ରହିଛନ୍ତି। ଗ୍ରୁପ-ବିରେ ଅଷ୍ଟ୍ରେଲିଆ, ସାଉଥ ଆଫ୍ରିକା, ଆଫଗାନିସ୍ତାନ ଓ ଇଂଲଣ୍ଡ ରହିଛନ୍ତି। ପ୍ରତି ଟିମ୍ ପରସ୍ପର ବିପକ୍ଷରେ ୩ଟି ଲେଖାଏଁ ମ୍ୟାଚ ଖେଳିବେ।

## ଭାରତୀୟ ଦିନିକିଆ ଦଳରେ ବରୁଣ



**ନାଗପୁର, ୫।୨:** ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜରେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଫର୍ମରେ ଥିବା ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ ଦଳରେ ସାମିଲ କରାଯାଇଛି। କୋଲକାତା ନାଇଟ ରାଇଡର୍ସ (କେକେଆର)ର ଏହି ରହସ୍ୟମୟ ସ୍ପିନର ତାଙ୍କ ଫର୍ମକୁ ବଜାୟ ରଖନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଚାହେଁ। ଚାମ୍ପିୟନ୍ସ ଟ୍ରଫିକୁ ଦୃଷ୍ଟିରେ ରଖି ଏହା କରାଯାଇଥିବା କୁହାଯାଉଛି। ଚାମ୍ପିୟନ୍ସ ଟ୍ରଫି ଲାଗି ଘୋଷଣା କରାଯାଇଥିବା ଖେଳାଳି ତାଲିକାରେ ୪ ସ୍ପିନର ସ୍ଥାନ ପାଇଛନ୍ତି। ସେମାନଙ୍କ ମଧରୁ ଜଣଙ୍କୁ ବାଦ୍ ଦେଇ ଚକ୍ରବର୍ତ୍ତୀଙ୍କୁ ସାମିଲ କରାଯାଇପାରେ ବୋଲି ଶୁଣାଯାଉଛି। ସମ୍ଭବତଃ କୁଲ୍‌ଦୀପ ଯାଦବ ଓ ୱାଶିଂଟନ ସୁନ୍ଦରଙ୍କ ମଧରୁ ଜଣକୁ ବାଦ୍ ଦେଇ ତାଙ୍କ ସ୍ଥାନରେ ନିଆଯାଇ ପାରେ। ଚାମ୍ପିୟନ୍ସ ଟ୍ରଫି ପାଇଁ ଏପର୍ଯ୍ୟନ୍ତ ଭାରତର ଚୂଡ଼ାନ୍ତ ଦଳ ଘୋଷଣା କରାଯାଇ ନାହିଁ। ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆରେ ଚକ୍ରବର୍ତ୍ତୀଙ୍କ ପ୍ରଦର୍ଶନ କିପରି ରହୁଛି ଚାମ୍ପିୟନ୍ସ ଟ୍ରଫିରେ ସ୍ଥାନ ମିଳିବା ତା' ଉପରେ ସବୁ ନିର୍ଭର କରୁଛି। ଇଂଲଣ୍ଡ ବିପକ୍ଷ ୫ ଅନ୍ତର୍ଜାତୀୟ ଟି୨୦ରେ ଚକ୍ରବର୍ତ୍ତୀ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଭାରତର ଅପ୍‌ଡେଟେଡ ଦଳ: ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, କେ.ଏଲ୍ ରାହୁଲ (ଉଇକେଟକିପର), ରିଷଭ ପନ୍ତ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବିନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କୁଲ୍‌ଦୀପ ଯାଦବ, ହର୍ଷିତ ରାଣା, ହମ୍ମଦ ଶାମି, ଅର୍ଶଦୀପ ସିଂ ଓ ବରୁଣ ଚକ୍ରବର୍ତ୍ତୀ।



# ଇତିହାସ ରଚିଲେ ରଶିଦ ଖାନ

## ଟି-୨୦ରେ ଅକ୍ତିଆର କରିଛନ୍ତି ସର୍ବାଧିକ ୱିକେଟ

**କାବୁଲ,୫।୨:** ଆଫଗାନିସ୍ତାନର ଷ୍ଟାର ସ୍ପିନର ରଶିଦ ଖାନ ଟି-୨୦ କ୍ରିକେଟରେ ସର୍ବାଧିକ ଉଇକେଟ ନେବାର ବିଶ୍ୱ ରେକର୍ଡ କରିଛନ୍ତି। ସେ ୱେଷ୍ଟଇଣ୍ଡିଜର ପୂର୍ବତନ ଅଲରାଉଣ୍ଡର ଡ୍ୱେନ ବ୍ରାଭୋଙ୍କୁ ପଛରେ ପକାଇ ସର୍ବାଧିକ ଉଇକେଟ ନେବାର ରେକର୍ଡ କରିଛନ୍ତି। ରଶିଦ ବର୍ତ୍ତମାନ ଏସଏ୨୦ରେ ଖେଳୁଛନ୍ତି, ଯାହା ମାଧମରେ ସେ ସର୍ବାଧିକ ଟି-୨୦ ଉଇକେଟ ପାଇଁ ଟାଇଟଲ ହାସଲ କରିଛନ୍ତି। ସୂଚନାଯୋଗ୍ୟ ଯେ, ରଶିଦ ଏସଏ୨୦ରେ ଏମଆଇ କେପଟାଉନର ନେତୃତ୍ୱ ନେଉଛନ୍ତି। ଟୁର୍ନାମେଣ୍ଟର ପ୍ରଥମ କ୍ୱାଲିଫାୟର ମ୍ୟାଚ ପାର୍ଲ ରୟାଲ୍ସ ଓ ଏମଆଇ କେପଟାଉନ ମଧରେ ଖେଳାଯାଇଥିଲା। ଏହି ମ୍ୟାଚରେ ରଶିଦ ପ୍ରଥମ ଉଇକେଟ ନେବା ମାତ୍ରେ ବ୍ରାଭୋଙ୍କ ରେକର୍ଡ ଭାଙ୍ଗିଥିଲେ। ବ୍ରାଭୋ ତାଙ୍କ ଟି-୨୦ କ୍ୟାରିୟରରେ ୬୩୧ ଉଇକେଟ ନେଇଥିବା ବେଳେ ରଶିଦ ଏବେ ୬୩୩ ଉଇକେଟ ନେଇଛନ୍ତି। ୧୦ ବର୍ଷରୁ କମ ସମୟ ମଧରେ ରଶିଦ ଏହି ସଫଳତା ହାସଲ କରିଛନ୍ତି। ଅକ୍ଟୋବର ୨୦୧୫ରେ ଜିମ୍ବାୱେ ବିପକ୍ଷରେ ରସିଦ ଟି-୨୦ ପଦାର୍ପଣ କରିଥିଲେ, ଯେଉଁଠାରେ ସେ ମାତ୍ର ୧ଟି ଉଇକେଟ ନେଇଥିଲେ। ଏବେ ୧୦ ବର୍ଷରୁ କମ ସମୟ ମଧରେ ସେ ଟି-୨୦ କ୍ରିକେଟରେ ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇଛନ୍ତି। ଗତବର୍ଷ (୨୦୨୪) କ୍ରିକେଟରୁ ଅବସର ନେଇଥିବା ଡ୍ୱେନ ବ୍ରାଭୋ ୨୦୦୬ ଫେବ୍ରୁଆରୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-୨୦ ପଦାର୍ପଣ କରିଥିଲେ। ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ ପହଞ୍ଚିବା ପାଇଁ ବ୍ରାଭୋଙ୍କୁ ପ୍ରାୟ ୧୮ ବର୍ଷ ସମୟ ଲାଗିଥିବା ବେଳେ ରସିଦ ଖାନ ୧୦ ବର୍ଷରୁ କମ ସମୟ ମଧରେ ଅଧିକ ସଂଖ୍ୟା ହାସଲ କରିଛନ୍ତି।

ସୂଚନାଯୋଗ୍ୟ, ବ୍ରାଭୋ ୫୮୨ ଟି-୨୦ ମ୍ୟାଚ ରେ ୨୪.୪୦ ହାରରେ ୬୩୧ ଉଇକେଟ ନେଇଛନ୍ତି। ଅପରପକ୍ଷରେ ରଶିଦ ମାତ୍ର ୪୬୧ ମ୍ୟାଚରେ ୧୮.୦୭ ହାରାହାରିରେ ୬୩୩ ଉଇକେଟ ନେଇଛନ୍ତି। ତାଲିକାର ତୃତୀୟ ସ୍ଥାନରେ ୱେଷ୍ଟଇଣ୍ଡିଜର ସୁନୀଲ ନାରିନ ରହିଛନ୍ତି, ଯିଏ ଏପର୍ଯ୍ୟନ୍ତ ୫୭୩ ଉଇକେଟ ନେଇଛନ୍ତି। ତାଙ୍କ ପଛକୁ ଦକ୍ଷିଣ ଆଫ୍ରିକାର ଇମ୍ରାନ ତାହିର ଚତୁର୍ଥ ଓ ବାଂଲାଦେଶର ସାକିବ ଅଲ ହାସନ ପଞ୍ଚମ ସ୍ଥାନରେ ରହିଛନ୍ତି।

### ଟି-୨୦ରେ ସର୍ବାଧିକ ଉଇକେଟ ନେଇଥିବା ଖେଳାଳି

ରଶିଦ ଖାନ (ଆଫଗାନିସ୍ତାନ): ୬୩୩ ଉଇକେଟ
ଡ୍ୱେନ ବ୍ରାଭୋ (ୱେଷ୍ଟଇଣ୍ଡିଜ): ୬୩୧ ଉଇକେଟ
ସୁନୀଲ ନାରାୟଣ (ୱେଷ୍ଟଇଣ୍ଡିଜ): ୫୭୩ ଉଇକେଟ
ଇମ୍ରାନ ତାହିର (ଦକ୍ଷିଣ ଆଫ୍ରିକା): ୫୩୧ ଉଇକେଟ
ସାକିବ ଅଲ ହାସନ (ବାଂଲାଦେଶ): ୪୯୨ ଉଇକେଟ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମୃଦ୍ଧ...

ବ୍ୟବସ୍ଥା ରହିଛି। ପ୍ରତ୍ୟେକ ପ୍ରକଳ୍ପର ସର୍ବନିମ୍ନ ମୂଲ୍ୟ ୩ ଲକ୍ଷ ଟଙ୍କା ରହିବ । ଅର୍ଥାଭାବରୁ କୌଣସି ଯୋଜନାକୁ ଅଣଦେଖା କରାଯିବ ନାହିଁ। ପୂର୍ବରୁ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯେଉଁ ପ୍ରକଳ୍ପ ଗୁଡିକରେ ସର୍ବନିମ୍ନ ୨୦ ପ୍ରତିଶତ ବ୍ୟୟ ହୋଇଥିବ, ସେଗୁଡିକ ମଧ୍ୟ ଏହି ଯୋଜନାରେ ସମ୍ପୂର୍ଣ୍ଣ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ କହିଥିଲେ ଯେ, ବିକାଶ ଓ ରାଜନୀତିକୁ ସବୁବେଳେ ଅଲଗା ରଖିବାକୁ ପଡିବ । କିନ୍ତୁ, ଆମ ଦେଶରେ ଦୁଇଟି ଯାକ ଏମିତି ଛନ୍ଦା ଛନ୍ଦି ହୋଇଛନ୍ତି ଯେ ଯେତେ ଚେଷ୍ଟା କଲେ ମଧ୍ୟ ଏହା ଅଲଗା ହୋଇପାରୁନାହିଁ । ଆମ ପାଇଁ ବିକାଶ ନିର୍ବାଚନ ସର୍ବସ୍ୱ ନୁହେଁ । ଆମ ସରକାରଙ୍କ ସବୁ କାର୍ଯ୍ୟକ୍ରମରେ ଲୋକଙ୍କ ମତାମତ ଓ ଲୋକଙ୍କ ଭାଗିଦାରୀ ରହିଛି। ଏହି ଯୋଜନାରେ ପ୍ରକଳ୍ପ ପାଣ୍ଠି, ଜିଲ୍ଲା ପରିଷଦକୁ ପ୍ରଦାନ କରାଯିବ ଏବଂ ଜିଲ୍ଲା ପରିଷଦ ମାଧ୍ୟମରେ ଏହା ବ୍ଲକ ଓ ଗ୍ରାମ ପଞ୍ଚାୟତକୁ ଜନସଂଖ୍ୟା ଆଧାରରେ ଆବଣ୍ଟନ କରାଯିବ । ଆମର ଏହି ଯୋଜନାରେ ଆଦିବାସୀ ଉନ୍ନୟନ ଉପରେ ଫୋକସ ରଖାଯାଇଛି । ମଞ୍ଜୁର ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାଇଁ ଉଦ୍ଦିଷ୍ଟ । ସ୍ୱଚ୍ଛତା ବଜାୟ ରଖିବାକୁ ଜିଲ୍ଲାପାଳମାନେ ଜିଲ୍ଲାସ୍ତରରେ ହେଉଥିବା କାର୍ଯ୍ୟର ତଦାରଖ କରିବେ ଏବଂ ପ୍ରକଳ୍ପ ଗୁଡିକର ନିୟମିତ ସମୀକ୍ଷା କରିବେ ।

ଦେଶରେ ଏବେ ମଧ୍ୟ ୬୫ ପ୍ରତିଶତ ଲୋକେ ଗ୍ରାମାଞ୍ଚଳରେ ବସବାସ କରୁଥିବାବେଳେ, ଓଡ଼ିଶାରେ ଏହା ପ୍ରାୟ ୮୧ ପ୍ରତିଶତ। ତେଣୁ, ଗ୍ରାମାଞ୍ଚଳରେ ବିକାଶ ବିନା ରାଜ୍ୟର ବିକାଶ ଅସମ୍ଭବ। ଏହାକୁ ଆଧାର କରି ସମୃଦ୍ଧ ଓଡ଼ିଶା, ୨୦୩୬ର ପରିକଳ୍ପନା କରାଯାଇଛି ଏବଂ ଓଡ଼ିଶାର ପ୍ରାୟ ୬୦ ହଜାର ଗ୍ରାମରେ ବିକାଶର ଗଙ୍ଗାକୁ ପ୍ରବାହିତ କରିବା ପାଇଁ ସରକାର ଅଣ୍ଟା ଭିଡିଛନ୍ତି । 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଏହି ପରିକଳ୍ପନାର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ।

ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ, ଗ୍ରାମୀଣ ଓଡ଼ିଶାର ଜୀବନଧାରଣର ମାନ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗ୍ରାମୀଣ ଭିତ୍ତିଭୂମିର ବିକାଶ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଗ୍ରାମାଞ୍ଚଳର ଭିତ୍ତିଭୂମି ତଥା ରାଜ୍ୟର ସାମଗ୍ରିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ଆମ ସରକାରଙ୍କ "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନା ଲୋକଙ୍କପାଇଁ ଉତ୍ସର୍ଗୀକୃତ । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ, ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂହ, ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନସିଂ ପ୍ରମୁଖ ଗ୍ରାମାଞ୍ଚଳ ଜୀବନଧାରଣ ମାନରେ ଏହି ଯୋଜନା ଅଭୂତପୂର୍ବ ପରିବର୍ତ୍ତନ ଆଣିବ ବୋଲି ମତ ଦେଇଥିଲେ ।

### ଦିଲ୍ଲୀରେ...

୬୨ଟି ଓ ବିଜେପି ୮ଟି ଆସନରେ ବାଜିମାତ କରିଥିଲା। ୨୦୨୫ରେ ବିଜେପି ଜିତିବା ସହ ୨୭ ବର୍ଷ ପରେ କ୍ଷମତାକୁ ଫେରିବ ବୋଲି ଅଧିକାଂଶ ଏକଜିଟ ପୋଲରେ କୁହାଯାଇଛି। ୨୭ ବର୍ଷ ପରେ ବିଜେପି ଦିଲ୍ଲୀରେ ପଦ୍ମ ଫୁଟାଇବାକୁ ସକ୍ଷମ ହେବ। କିନ୍ତୁ ମ୍ୟାଟ୍ରିଜ ନାମକ ସଂସ୍ଥା ଦିଲ୍ଲୀରେ କାଣ୍ଟେ କା ଟକ୍କର ହେବ ବୋଲି ଆକଳନ କରିଛି। ସେହିପରି ୱି ପ୍ରିସାଇଡ କହିଛି ଯେ ବିଜେପି ୧୮ରୁ ୨୩, ଆପ୍ ୪୬ରୁ ୫୨ ଓ କଂଗ୍ରେସ ଶୂନରୁ ୧ଟି ଆସନ ଜିତିବ।

ଦିଲ୍ଲୀ ବିଧାନସଭାର ମୋଟ ଆସନ ସଂଖ୍ୟା ୭୦। ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୩୬। ଚୂଡ଼ାନ୍ତ ଫଳାଫଳ ପୂର୍ବରୁ ଆଜି ଏକଜିଟ ପୋଲ ରେଜଲ୍ଟ ସାମ୍ନାକୁ ଆସିଛି। ୱିପ୍ରେସାଇଡ୍ ଏବଂ ମାଇଣ୍ଡ ବ୍ରିଙ୍କ୍ ସର୍ଭେକୁ ଛାଡିଦେଲେ, ଅନ୍ୟ ୮ ସର୍ଭେରେ ଭାଜପା ଦିଲ୍ଲୀରେ ସରକାର ଗଠନ କରିପାରେ ବୋଲି ଆକଳନ କରାଯାଇଛି। ମାତ୍ର ଏକଜିଟ୍ ପୋଲଗୁଡ଼ିକ ଚୂଡ଼ାନ୍ତ ଫଳାଫଳ ନୁହେଁ, କେବଳ ଆକଳନ। ୮ ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳରେ ପ୍ରକୃତ ଚିତ୍ର ସ୍ପଷ୍ଟ ହେଇଯିବ।

ସୂଚନାଯୋଗ୍ୟ, ଦିଲ୍ଲୀରେ ମୋଟ ୭୦ଟି ବିଧାନସଭା ଆସନ ରହିଛି, ଯେଉଁଠାରେ ୬୯୯ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ଏଥର ୯୬ ଜଣ ମହିଳା ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଦିଲ୍ଲୀରେ ମୋଟ ୧,୫୬,୧୪,୦୦୦ ଭୋଟର ଅଛନ୍ତି, ଯେଉଁଥିରୁ ୮୩,୭୬,୧୭୩ ପୁରୁଷ ଏବଂ ୭୨,୩୬,୫୬୦ ମହିଳା, ଯେତେବେଳେ ଅନ୍ୟାନ୍ୟ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି ୧,୨୬୭। ଦିଲ୍ଲୀରେ ଆମ ଆଦମୀ ପାର୍ଟି ଏବଂ କଂଗ୍ରେସ ସମସ୍ତ ୭୦ ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, କିନ୍ତୁ ଭାଜପା ୬୮ ଟି ଆସନରେ ଭାଗ୍ୟ ପରୀକ୍ଷା କରୁଛି। ଭାଜପା ଏହାର ସହଯୋଗୀ ଦଳ ପାଇଁ ଦୁଇଟି ଆସନ ଛାଡିଥିଲା, ଯେଉଁଥିରେ ଦେଓଲି ଆସନରୁ ଏଲ୍‌ଜେପି ଏବଂ ବୁରାରି ଆସନରୁ ଜେଡିୟୁ ନିର୍ବାଚନ ଲଢୁଛି।

### କୋଇଲା...

ଟଙ୍କା ପଇଠ କରିବାର ଥିଲେ ମଧ୍ୟ ତାହା କରୁନଥିଲା । ଝାରସୁଗୁଡାର ଆଞ୍ଚଳିକ ପରିବେଶ ଅଧିକାରୀ ମଧ୍ୟ ଏଥିପ୍ରତି ଆଖିବୁଜି ଦେଇଥିଲେ ।

ସରୋଜ ଜିଲ୍ଲାପାଳ ଥିବାବେଳେ ମନ୍ତ୍ରୀ ନବ ଦାସଙ୍କ ରୋଷେୟାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା । ସେତେବେଳେ ଏହାକୁ ନେଇ ନାନା ଗୁଜବ ଉଠିଥିବାବେଳେ ଜିଲ୍ଲାପାଳଙ୍କ ପ୍ରଭାବରେ ମାମଲାଟି ଚପିଯାଇଥିବା ନେଇ ଚର୍ଚ୍ଚା ଚାଲିଥିଲା । ଏହାପରେ ଖୋଦ୍ ମନ୍ତ୍ରୀ ନବ ଦାସ ବି ଗୁଳିମାଡରେ ମୃତ୍ୟୁବରଣ କଲେ । ଏହି ହତ୍ୟାକାଣ୍ଡ ପଛରେ କୋଇଲା ସିଣ୍ଡିକେଟର ହାତ ଥିବା ନେଇ ଆଜି ବି ସନ୍ଦେହ ହେଉଛି। ଜଣେ ମନ୍ତ୍ରୀଙ୍କୁ ଦିନ ଦ୍ୱିପ୍ରହରରେ ହତ୍ୟା କରାଯାଇଥିଲେ ମଧ୍ୟ ସେତେବେଳର ଜିଲ୍ଲାପାଳ କିମ୍ବା ଏସ୍‌ପି କାହାରିକୁ ଏଥିପାଇଁ ଦାୟୀ କରାଯାଇନଥିଲା କି ଜଣେ ହେଲେ କାହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇନଥିଲା।

ମାମଲାଟି ରହସ୍ୟଘେରରେ ଥିବାବେଳେ ଏବେ ନବଦାସଙ୍କ ପରିବାର ଘଟଣାର ସିବିଆଇ ତଦନ୍ତ ଦାବି କରୁଛନ୍ତି । ବିଜେପିର କିଛି ନେତା ମଧ୍ୟ ସିବିଆଇ ତଦନ୍ତ ସପକ୍ଷରେ ଅଛନ୍ତି । ସିବିଆଇ ତଦନ୍ତ ହେଲେ କୋଇଲା ସିଣ୍ଡିକେଟ ସହିତ ତତ୍କାଳୀନ ଜିଲ୍ଲାପାଳ ତଥା ବର୍ତ୍ତମାନର ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ ସାମଲ ବି ତଦନ୍ତ ପରିସରକୁ ଆସିବେ ବୋଲି ଆରଟିଆଇ କର୍ମୀ କହୁଛନ୍ତି । ସମସ୍ତଙ୍କ ନଜର ସିବିଆଇ ତଦନ୍ତ ଉପରେ ଥିବାବେଳେ ଭୁବନେଶ୍ୱରରୁ ଝାରସୁଗୁଡା ପର୍ଯ୍ୟନ୍ତ ବିଭିନ୍ନ ଘଟଣାରେ ଜଡିତ ଏବଂ ବିଜେପିକୁ ପାଣି ପିଆଇଥିବା ଶ୍ରୀ ସାମଲ ରାଜ୍ୟର ସୂଚନା କମିଶନର ହେବାପାଇଁ ଆବେଦନ କରିଛନ୍ତି । ସବୁଠାରୁ କଡକଥା ହେଉଛି ତାଙ୍କୁ ଏହି ପଦରେ ବସାଇବାପାଇଁ ଶାସକଳର ଗୋଟିଏ ଗୋଷ୍ଠି ଦିନରାତି ଲାଗି ପଡିଛନ୍ତି । ଏହି ପ୍ରସଙ୍ଗରେ ସମସ୍ତଙ୍କ ନଜର ଏବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପରେ ରହିଛି ।

### ଦେଶବାସୀଙ୍କ...

ବିମାନବନ୍ଦରରେ ପହଞ୍ଚି ଡିପିଏସ୍ ହେଲିପ୍ୟାଡରେ ପହଞ୍ଚିଥିଲେ। ସେଠାରୁ ଏରିଆଲ ଘାଟ ଯାଇ ଡଙ୍ଗା ଯୋଗେ ମହାକୁମ୍ଭକୁ ଯାଇଥିଲେ। ମହାସ୍ନାନ ପରେ ସିଧାସଳଖ ଦିଲ୍ଲୀ ଫେରିଯାଇଥିଲେ।

ପ୍ରୟାଗରାଜର ମହାକୁମ୍ଭରେ ଆସି ମୁଁ ଆଶୀର୍ବାଦପ୍ରାପ୍ତ ହୋଇଛି । ସଙ୍ଗମରେ ସ୍ନାନ ହେଉଛି, ଈଶ୍ୱରୀୟ ସଂଯୋଗର ଏକ ମୁହୂର୍ତ୍ତ ଏବଂ ଏଥିରେ ଅଂଶଗ୍ରହଣ କରିଥିବା କୋଟି କୋଟି ଲୋକଙ୍କ ପରି ମୁଁ ମଧ୍ୟ ଭକ୍ତି ଭାବନାରେ ପରିପୂର୍ଣ୍ଣ ହୋଇଛି । ମା ଗଙ୍ଗା ସମସ୍ତଙ୍କୁ ଶାନ୍ତି, ଜ୍ଞାନ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୌହାର୍ଦ୍ଦ୍ୟର ଆଶୀର୍ବାଦ ଦିଅନ୍ତୁ ବୋଲି କାମନା କରିଛନ୍ତି ପ୍ରଧାନମନ୍ତ୍ରୀ।

ପ୍ରୟାଗରାଜ ମହାକୁମ୍ଭରେ ଆଜି ପବିତ୍ର ସଂଗମ ସ୍ନାନ ପରେ ପୂଜା-ଅର୍ଚ୍ଚନା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ମା ଗଙ୍ଗାଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇ ମନକୁ ଅସୀମ ଶାନ୍ତି ଓ ସନ୍ତୋଷ ମିଳିଛି । ତାଙ୍କ ନିକଟରେ ସମସ୍ତ ଦେଶବାସୀଙ୍କ ପାଇଁ ସୁଖ, ସମୃଦ୍ଧି, ଆରୋଗ୍ୟ ଏବଂ କଲ୍ୟାଣ କାମନା କରିଛି ବୋଲି ସେ କହିଛନ୍ତି ।

ବୁଡ଼ ପକାଇ ପୂଣ୍ୟ ଅର୍ଜିବାକୁ ପ୍ରୟାଗରାଜରେ କୋଟି କୋଟି ହିନ୍ଦୁଙ୍କ ପ୍ରାଣ ଓ ମନ। ସାଧୁ ସନ୍ଥ ଓ କୋଟି କୋଟି ସଂଖ୍ୟାରେ ଶ୍ରଦ୍ଧାଳୁ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଂଗମ ସ୍ଥଳରେ ବୁଡ଼ ପକାଉଛନ୍ତି। ଏଥିପାଇଁ ସଂଗମ ତଟରେ ଲାଗିଛି ସାଧୁ ସନ୍ଥ ଓ ଭକ୍ତଙ୍କ ଗହଳି। ବିଭିନ୍ନ ଆଖଡ଼ାର ସାଧୁ ସନ୍ଥଙ୍କ ହୋମ ଯଜ୍ଞ ଓ ମନ୍ତ୍ରଧ୍ୱନୀରେ କଂପୁଛି ଚଉଦିଗ। ୟୁପି ସରକାରଙ୍କ ପକ୍ଷରୁ ମହା ଆୟୋଜନ ସହ କଡ଼ା ସୁରକ୍ଷା ବ୍ୟବସ୍ଥା ବି ଗ୍ରହଣ କରାଯାଇଛି।

### ଚଳିବନି...

ହୋଇଯାଆନ୍ତି। ହେଲେ ତଳିଆ ନେତାଙ୍କ ମୁଣ୍ଡକୁ ନବାଡେଇ ଗୋଡକୁ ଚୁମୁଟି ଦେଲେ ବିଜେଡିର ରାଜନୈତକ ଉଦ୍ଦେଶ୍ୟ ହାସଲ ହୋଇପାରିବନି ବୋଲି ଆଉ ଜଣେ ବରିଷ୍ଠ ନେତା କହିଛନ୍ତି।

ଯେଉଁଥିପାଇଁ ଦଳର କିଛି ନେତା ବିଜେଡି ବିଭାଜନ ପାଇଁ ସଜବାଜ ହେଉଛନ୍ତି । ବିଜେଡିର ରାଜନୈତିକ ଆଭିମୁଖ୍ୟକୁ ପୁନର୍ଜୀବିତ କରିବାକୁ ହେଲେ ତାହା ହିଁ ଏକମାତ୍ର ବାଟ ବୋଲି ସେମାନେ କହୁଛନ୍ତି । ସର୍ବୋପରି ଯେଉଁମାନେ ବିଜେଡିର ବିପର୍ଯ୍ୟୟ ପାଇଁ ଦାୟୀ ସେମାନଙ୍କୁ ମଧ୍ୟ ଆଉ ନେତା ଭାବେ ଗ୍ରହଣ କରିବାକୁ ନାରାଜ ନେତା ଓ କର୍ମୀ ।

### ଭିଜିଲାନ୍ସ ଜାଲରେ...

ଆୟ ବର୍ହିଭୂତ ଠୁଳ ଅଭିଯୋଗରେ ଏକକାଳୀନ ୭ଟି ସ୍ଥାନରେ ରେଡ୍ କରିଥିଲା ।

ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର ଓ ସୁନ୍ଦରଗଡ଼ରେ ଚଢ଼ାଉ କରିଥିଲା ଭିଜିଲାନ୍ସ । ରେଡରେ ଜଣେ ଅତିରିକ୍ତ ଏସପି, ତିନି ଜଣ ଡ଼ିଏସପି, ୧୦ ଇନିସ୍ପେକ୍ଟର ଓ ଭିଜିଲାନ୍ସର ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ମଦପିଇ ପୁଅକୁ ଛୁରିରେ ଆକ୍ରମଣ

ହିଞ୍ଜିଳିକାଟୁ,୫।୨(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ହିଞ୍ଜିଳି ଥାନା ପୋଡିଙ୍ଗି ଗାଁରେ ବୁଧବାର ମଦନିଶାରେ ନାବାଳକ ପୁଅଙ୍କୁ ଛୁରିରେ ଆକ୍ରମଣ କରିଛନ୍ତି ବାପା। ଆକ୍ରମଣ ପରେ ଅଭିଯୁକ୍ତ ବାପା ଫେରାର ଅଛନ୍ତି। ହିଞ୍ଜିଳି ପୋଲିସ ଥାନାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ସହ ଅଭିଯୁକ୍ତ ବାପାଙ୍କୁ ଗିରଫ ପାଇଁ ଉଦ୍ୟମ ଚଳାଇଛି।

ପ୍ରକାଶ ଯେ, ହିଞ୍ଜିଳି ଥାନା ପୋଡିଙ୍ଗି ଗ୍ରାମର ମନୋଜ ବେହେରା ବିଭିନ୍ନ ସମୟରେ ମଦ୍ୟପାନ କରି ସ୍ତ୍ରୀ ବାସନ୍ତୀଙ୍କ ସହ ଘରେ ଗଣ୍ଡଗୋଳ କରନ୍ତି। ଗତ ୭ ମାସ ପୂର୍ବେ ସ୍ୱାମୀଙ୍କ ନିର୍ଯାତନା ସହ୍ୟ କରି ନ ପାରି ବାସନ୍ତୀ ୨ପୁଅ ଶିବ (୧୩) ଓ ସୁମନ(୧୦)ଙ୍କୁ ନେଇ ଭୁବନେଶ୍ୱର ଚାଲିଯାଇଥିଲେ। ସେଠାରେ ସେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଗତ ଶନିବାର ମନୋଜ ଭୁବନେଶ୍ୱରରେ ପହଞ୍ଚି ଭବିଷ୍ୟତରେ ପରିବାର ସହ କୌଣସି ଗଣ୍ଡଗୋଳ କରିବେ ନାହିଁ ବୋଲି ଜବାବ ରଖିଥିଲେ। ସ୍ୱାମୀଙ୍କ ଉପରେ ଭରସା ରଖି ବାସନ୍ତୀ ୨ ପୁଅକୁ ନେଇ ଗତ ସୋମବାର ପୋଡିଙ୍ଗି ଗାଁକୁ ଫେରିଥିଲେ। ମଙ୍ଗଳବାର କୌଣସି କଥାକୁ କେନ୍ଦ୍ର କରି ପୁଣି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିଥିଲା। ଏଥିରେ ମନୋଜ ଉତ୍ୟକ୍ତ ହୋଇ ପରିବାରର ସମସ୍ତଙ୍କୁ ହତ୍ୟା ପାଇଁ ଧମକ ଦେଇଥିଲେ। ବୁଧବାର ସାନପୁଅ ସୁମନ ସାଙ୍ଗମାନଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲେ। ସେହି ବାଟରେ ମନୋଜ ମଦ ନିଶାରେ ଚୂର ହୋଇ ହଠାତ୍ ସାନପୁଅ ସୁମନଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ନାବାଳକ ପୁଅ ସୁମନ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ। ସାଙ୍ଗମାନେ ପାଟିତୁଣ୍ଡ କରିବାରୁ ମନୋଜ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ବାସନ୍ତୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ସୁମନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୁମନଙ୍କ ମୁହଁ ଓ ଶରୀରର ବିଭିନ୍ନ ଅଂଶରେ ଆଘାତ ଲାଗିଛି। ସେ ଚିକିତ୍ସା ପରେ ବିପଦମୁକ୍ତ ଥିବା ଜଣାପଡିଛି। ଘଟଣା ନେଇ ବାସନ୍ତୀ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପାଇଁ ତନାଘନା ଚଳାଇଛି।

# କୁଆଖାଇରେ ବୁଡ଼ି ୨ ଛାତ୍ର ମୃତ

## ୪ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ବାଲିଅନ୍ତା,୫।୨(ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ଅଧୀନ ରଙ୍ଗବଜାର ସ୍ଥିତ କୁଆଖାଇ ନଦୀରେ ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ ୨ ଜଣ ଛାତ୍ରଙ୍କ ସଲିଳ ସମାଧି ଘଟିଛି। ମୃତ ଛାତ୍ର ଦ୍ୱୟ ହେଲେ ଏୟାରପୋର୍ଟ ଥାନା ଅଧୀନ ଗଙ୍ଗନଗର ୟୁନିଟ -୬ ଅଞ୍ଚଳ ପ୍ଲଟ ନଂ ୦୯/୪୦୬୨ ରେ ରହୁଥିବା ବୁଲୁ ସେନାପତିଙ୍କ ବଡ଼ପୁଅ ସିକୁନ ସେନାପତି(୧୫) ଓ କ୍ୟାପିଟାଲ ଥାନା ଅଧୀନ ୟୁନିଟ - ୬ କାଳିମନ୍ଦିର ବସ୍ତି ଅଞ୍ଚଳର ସୁଶାନ୍ତ ମହାଲିକଙ୍କ ଏକମାତ୍ର ପୁଅ ଦିବ୍ୟଜ୍ୟୋତି ମହାଲିକ। ପୁଲିସ ସୂଚନା ଅନୁସାରେ ଉଭୟ ସିକୁନ ଓ ଦିବ୍ୟଜ୍ୟୋତି ୧୦ମ ଶ୍ରେଣୀର ଛାତ୍ର। ସିକୁନ ୟୁନିଟ -୧ ଓ ଦିବ୍ୟଜ୍ୟୋତି ୟୁନିଟ-୬ ସରକାରୀ ହାଇସ୍କୁଲରେ ପଢ଼ନ୍ତି। ପିତୁକୋଲି ବସ୍ତି ଅଞ୍ଚଳରେ ଥିବା ଏକ କୋଚିଂ ସେଣ୍ଟରେ ପଢ଼ନ୍ତି। ଆଜି ସକାଳେ ସିକୁନ ଓ ଦିବ୍ୟଜ୍ୟୋତି ଘରୁ କୋଚିଂ ସେଣ୍ଟରକୁ ପାଢ଼ ପଢ଼ିବାକୁ ଆସିଥିଲେ। କ୍ଲାସ ସରବା ପରେ ଜଣେ ଶିକ୍ଷକଙ୍କ ସହିତ ଏକ ଡାଲା ଅଟୋରରେ ସରସ୍ୱତୀ ମୂର୍ତ୍ତି ଧରି କୁଆଖାଇକୁ ଆସିଥିଲେ। ସବୁ ସାଙ୍ଗ ମୂର୍ତ୍ତି ଧରି ପାଣି ଭିତରକୁ ଯାଇଥିଲେ। ହେଲେ ସିକୁନ ଓ ଦିବ୍ୟଜ୍ୟୋତି ଭାସି ଯାଇଥିଲେ। ସିକୁନ ଓ ଦିବ୍ୟଜ୍ୟୋତି ବୁଡ଼ି ଯାଉଥିବା ଦେଖି ଅନ୍ୟ ସାଙ୍ଗମାନେ ଚିତ୍କାର କରିଥିଲ। ଖବର ପାଇ ସ୍ଥାନୀୟ ଯୁବକ ପହଞ୍ଚି ଖୋଜାଖୋଜି କରିଥିଲେ। ହେଲେ ଉଦ୍ଧାର କରିବାରେ ସଫଳ ହୋଇନଥିଲେ। ପରେ ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି ଉଭୟ ସିକୁନ ଏବଂ ଦିବ୍ୟଜ୍ୟୋତିକୁ ଉଦ୍ଧାର କରିଥିଲେ। ବାଲିଅନ୍ତା ଥାନା ପୁଲିସ ଶବ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇ ଥିଲେ। ଏହା ସହିତ ଅଟୋ ଚାଳକ ଏବଂ ଟ୍ୟୁସନ ସାରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାର ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ୪ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

# ସାଇ ଗାୟତ୍ରୀ ପରିବାରର ପ୍ରସ୍ତୁତି ବୈଠକ

**ବୋରିଗୁମ୍ମା,୫।୨(ସଂଚାର ବ୍ୟୁରୋ):** ବୋରିଗୁମ୍ମା ସାଇ ଗାୟତ୍ରୀ ପରିବାର ର ପ୍ରସ୍ତୁତି ବୈଠକ ଆବାହକ ତଥା ପ୍ରେସ କ୍ଲବ ର ସଭାପତି ବିଜୟ ନାରାୟଣ ସାହୁ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।ଆସନ୍ତା ୮ ତାରିଖ ଦିନ ସାଇ ଗାୟତ୍ରୀ ପରିବାର ପକ୍ଷରୁ ସ୍ଥାନୀୟ ଭୈରବ ମନ୍ଦିର ପ୍ରାଙ୍ଗଣରେ ଶିଳାଲିପି ଜୀର୍ଣ୍ଣୋଧାର ସହ ସିମେଣ୍ଟ ଚେୟାର ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅବସରପ୍ରାପ୍ତ ଶିକ୍ଷକ ଙ୍କୁ ସମ୍ବର୍ଦ୍ଧନା,ନୂତନ ପ୍ରତିଭା ଙ୍କୁ ସମ୍ମାନ, ମେଧା ତଥା ଗରୀବ ଛାତ୍ର ଙ୍କୁ ଆର୍ଥିକ ଅନୁଦାନ ଦିଆଯିବ ର କାର୍ଯ୍ୟକ୍ରମ ରହିଛି। ଗରୀବ ଅସହାୟ ମାନଙ୍କୁ କମ୍ବଳ ଓ ପିଲା ମାନଙ୍କୁ ସ୍କୁଲ କିଟ୍ ପ୍ରଦାନ କରାଯିବ ବୋଲି ବୈଠରେ ନିଷ୍ପତ୍ତି ନିଆଗଲା।ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତାରପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା , ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ , ସଭାପତି ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଭୃଗୁ ବକ୍ସପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ନିଳଗିରି ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ଶିବିର



**ନୀଳଗିରି,୫।୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ପରିସରରେ ବୁଧବାର ତ୍ରୟଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଉକ୍ତ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବ୍ଲକର ୨୫ଟି ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମ ବ୍ୟକ୍ତି ଯଥା- ଅସ୍ଥିଶଲ୍ୟ ବିଭାଗରେ ୫୭୧ ଜଣ, ଚକ୍ଷୁବିଭାଗରେ ୧୫୦ ଜଣ, ନାସା କର୍ଣ୍ଣ ଓ ଗଳା ବିଭାଗରେ ୨୫୦ ଜଣ, ଏବଂ ମାନସିକ ଅନଗ୍ରସର ବିଭାଗରେ ୧୨୯ ଜଣ ମୋଟ ୧୧୪୦ ଜଣ ଭିନ୍ନକ୍ଷମ ନିଜନିଜର ପଞ୍ଜିକରଣ କରି ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇ ଯୋଗ୍ୟ ହିତାଧିକାରିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଉପଖଣ୍ଡ ଚିକିତ୍ସାଳୟ ଅସ୍ଥିଶଲ୍ୟ ବିଭାଗର ଡକ୍ଟର ଶୁଭମ ଚୌଧୁରୀ ଓ ଡକ୍ଟର ରଜତ ବେହେରା, ଭେଷଜ ବିଭାଗର ଡକ୍ଟର ଜେ.କେ ଦାସମହାପାତ୍ର, ଆଖି, କର୍ଣ୍ଣ ଓ ଗଳା ବିଭାଗର ଡାକ୍ତର ଗିରିଜା ଶଙ୍କର ମହାନ୍ତି, ଆଖି ଡାକ୍ତର ସୁଜିତ୍ ନାରାୟାଣ ମହାପାତ୍ର, ଏବଂ ମାନସିକ ଅନଗ୍ରସର ବିଶେଷଜ୍ଞ ଡାକ୍ତର ପ୍ରଦୀପ କୁମାର ନାୟକଙ୍କ ଦ୍ୱାରା ପରୀକ୍ଷାନିରୀକ୍ଷା କରାଯାଇ ଭିନ୍ନକ୍ଷମ ଚିହ୍ନଟ କରାଯାଇଥିଲା। ଉକ୍ତ ଶିବିରକୁ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କରାଯାଇଥିବା ବେଳେ ଭିନ୍ନକ୍ଷମ ଶିବିର ସଶକ୍ତିକରଣ ବିଭାଗର ଅଧିକାରି ଅଭିଷେକ ମୁକୁଲ ଦେ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଆକ୍ରମଣ ଅଭିଯୋଗରେ ୩ ଗିରଫ

**ବ୍ରହ୍ମପୁର,୫।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ତ୍ରିବେଣୀ ନଗର ଛକ ନିକଟରେ ରାଉତପେଣ୍ଠସାହିର ଦୁଇ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବଡ଼ ବଜାର ଥାନା ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ୩ଜଣ ହେଲେ ରାଉତପେଣ୍ଠସାହିର ଅଶୋକ କୁମାର ସାହୁ, ମହେଶ୍ୱର ସାହୁ ଓ ଶ୍ରୀରାମ ନଗର ଅଷ୍ଟମ ଲାଇନର ସୁକାନ୍ତ ସାହୁ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ହୋଇଥିବା ପୁଲିସ ତଦନ୍ତରେ ଜଣାପଡିଥିଲା । ସୂଚନାଯୋଗ୍ୟ ଯେ, ସ୍ଥାନୀୟ ରାଉତପେଣ୍ଠ ସାହିରେ ଲୋକନାଥ ମହାରଣା, ଶଙ୍କର ମହାରଣା ଓ ତାଙ୍କ ପରିବାର ଲୋକେ ରୁହନ୍ତି । ଏହି ସାହିରେ ଅଭିଯୁକ୍ତ ଅଶୋକ ସାହୁ ଓ ମହେଶ୍ୱର ସାହୁ ବି ରୁହନ୍ତି । ଗତ କିଛି ଦିନ ପୂର୍ବେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା । ସେହିପରି ଗତ ୩ ତାରିଖ ଅପରାହ୍ନ ସମୟରେ ଲୋକନାଥ ଓ ଭାଇ ଶଙ୍କର ଘରକୁ ଯାଉଥିବା ବେଳେ ତ୍ରିବେଣୀ ନଗର ଛକ ନିକଟରେ ଅଟକାଇ ଗାଳି ଗୁଲଜ କରିଥିଲେ। ପରେ ଲୋକନାଥ ଓ ଶଙ୍କରକୁ ଲୁହାରୋଡ଼ରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଉଭୟେ ଆହତ ହୋଇ ସିଟିହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରେ ଘଟଣାକୁ ନେଇ ବଡ଼ ବଜାର ଥାନାରେ ଅଭିଯୋଗ ହୋଇଥିଲା।

# ମାନବ ସେବା ହିଁ ମାଧବ ସେବାକୁ ସେବିକାମାନେ ବ୍ରତ ଭାବେ ଗ୍ରହଣ କରିବା ଦରକାର

**ବେତନଟୀ,୫।୨(ସଂଚାର ବ୍ୟୁରୋ):** ବେତନଟୀ କଲେଜ୍ ରୋଡ଼ ସ୍ଥିତ ନର୍ସିଂ ସ୍କୁଲ ଓ କଲେଜର ପ୍ରଥମ ବାର୍ଷିକ ଉତ୍ସବରେ ତାଲିମ ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ତାଲିମ ଉଦ୍ଦେଶ୍ୟରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜୀ ତାଙ୍କ ବକ୍ତବ୍ୟରେ ମାନବ ସେବା ହିଁ ମାଧବ ସେବା ବୋଲି ଉପଦେଶ ପ୍ରଦାନ କରିଥିଲେ। ଏହି ତାଲିମ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବାର୍ଷିକୋତ୍ସବ ରେ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ବସନ୍ତ କୁମାର ମହାନ୍ତ ଓ ପରିଚାଳନା କମିଟିର ସମ୍ପାଦକ ଇଞ୍ଜିନିଅର ଶିରୀଷ ଚନ୍ଦ୍ର ବାରିକଙ୍କ ପକ୍ଷରୁ ଆୟୋଜିତ ଉତ୍ସବରେ ରାଜ୍ୟ ମାନବାଧିକାର ମିଶନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଧଳ ମୁଖ୍ୟବକ୍ତା ଓ ମହିଳା ବିଭାଗର ଅଧ୍ୟକ୍ଷା ଆରତୀ ମଙ୍ଗରାଜ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ କହିଥିଲେ କି ଉତ୍ସର୍ଗକୃତ ସେବା ମନୋବୃତ୍ତି ନେଇ କାମ କଲେ ଭଗବାନଙ୍କ ଆର୍ଶୀବାଦ ମିଳିଥାଏ ଏବଂ ସେବା ହିଁ ମଣିଷର କର୍ତ୍ତବ୍ୟ ବୋଲି ଉଦବୋଧନ ଦେଇଥିଲେ। ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯିବା ପରେ ଉତ୍ସବ ଅତିଥିମାନଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ବେତନଟୀ ଭଳି ଅଞ୍ଚଳରେ ଏଭଳି ତାଲିମ ଓ ଫାର୍ମାସୀ ଶିକ୍ଷାନୁଷ୍ଠାନ ଦୁଇ ସହଯୋଗୀଙ୍କ ଉଦ୍ୟମରେ ପ୍ରତିଷ୍ଠା ହୋଇ ପାରିଥିବାରୁ ଏବଂ ଭବିଷ୍ୟତରେ ଏଠାରୁ ଶିକ୍ଷା ପ୍ରାପ୍ତ ହୋଇ ଆତ୍ମନିଯୁକ୍ତି ପାଇପାରିବା ପାଇଁ ଏହି ଅନୁଷ୍ଠାନ ପକ୍ଷରୁ ସୁଯୋଗ ପ୍ରଦାନ କରାଯାଇ ପାରିଥିବାରୁ ଏହାର ଅଧ୍ୟକ୍ଷ ଓ ନିର୍ଦ୍ଦେଶକଙ୍କ ଉଦ୍ୟମକୁ ସାଧୁବାଦ ଜ୍ଞାପନ କରାଯିବା ସହିତ ସ୍ୱାଗତ କରାଯାଇଥିଲା।

# ରକେଟ ବେଗରେ ହେବ ଗ୍ରାମାଞ୍ଚଳର ବିକାଶ

- ଗାଁ ଛୁଇଁବ ବିକାଶର ଶିଖର
- ଶୁଭାରମ୍ଭ ହେଲା ବିକଶିତ ଗାଁ, ବିକଶିତ ଓଡିଶା



**କାକଟପୁର /ଅସ୍ତରଙ୍ଗ,୫।୨(ସଂଚାର ବ୍ୟୁରୋ):** ବିକଶିତ ଗାଁ ବିକଶିତ ଓଡିଶା ସାଜିବ ମାଧ୍ୟମ। ବିକଶିତ ଗାଁ ବିକଶିତ ଓଡିଶା ଜରିଆରେ ସୁଦୃଢ ହେବ ଓଡିଶା ଅର୍ଥନୀତି ର ମେରୁଦଣ୍ଡ। ପ୍ରତି ପଂଚାୟତରେ ଗଡିବ ବିକାଶର ଗାଡି, ଖର୍ଚ୍ଚ ହେବ କୋଟି କୋଟି ଟଙ୍କା। ନିଜ ଗାଁର ବିକାଶର ଚିତ୍ର ନିଜେ ଆଙ୍କିବେ ଗ୍ରାମବାସୀ। ଏଥିପାଇଁ ୫ବର୍ଷିଆ ଯୋଜନା ପ୍ରସ୍ତୁତି କରିଦେବାକୁ ଫେବୃଆରୀ ୧୫ତାରିଖ କଷ୍ଟ ମିଳିଛି। ପଂଚାୟତକୁ ଆବଣ୍ଟିତ ଅର୍ଥର ସର୍ବାଧିକ ୩୫ପ୍ରତିଶତ କେବଳ ରାସ୍ତା ନିର୍ମାଣ ଖର୍ଚ୍ଚ ହେବ। ଜଙ୍ଗଲ ଅଞ୍ଚଳରେ ଥିବା ଲୋକଙ୍କ ପାଇଁ ମେଟାଲିଂ ମାନର ରାସ୍ତା ନିର୍ମାଣ, ବ୍ଲକରେ ଇଣ୍ଟରନେଟ ସୁବିଧା ଥିବା ରିଡିଂ ରୁମ୍, ସବୁ ଧାର୍ମିକ ପୀଠର ବିକାଶ ସହ ଭୋଗ ମଣ୍ଡପ, ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଖର୍ଚ୍ଚ ହେବ ପାଣ୍ଠି। ପଂଚାୟତ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ପୋଖରୀ ଓ ନଦୀକୂଳରେ ଚେଞ୍ଜିଙ୍ଗ ରୁମ୍ ସେଡ ନିର୍ମାଣ ହେବ। ବୁଧବାର ଦିନ ଖୋର୍ଦ୍ଧା ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମ ଶୁଭାରମ୍ଭ ଦେଖିବା ସହ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଆଭାସୀ କାର୍ଯ୍ୟକ୍ରମ ରେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ଙ୍କ ସଭାପତିତ୍ୱ ରେ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ବ୍ଲକ ଉପାଧକ୍ଷ, ସିଡିପିଓ ମମତା ନାୟକ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଟିକିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।ଅନ୍ୟ ପଟେ କାକଟପୁର ବ୍ଲକ ପରିସରରେ ଶୁଭାରମ୍ଭ କାର୍ଯ୍ୟକ୍ରମ ପାଇଁ ଆୟୋଜନ ହୋଇଥିଲେ ମଧ୍ୟ କେବଳ ହାତ ଗଣତି ଲୋକ ଉପସ୍ଥିତ ଥିବା ବେଳେ ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ଙ୍କ ପ୍ରମୁଖୀ ଉପସ୍ଥିତ ଥିଲେ। ସଭା ରେ ଶତାଧିକ ଚୌକି ପଡ଼ିଥିଲେ ମଧ୍ୟ ପ୍ରଚାର ପ୍ରସାର ଅଭାବ ରୁ ଚୌକି ଖାଲିପଡିଥିଲା।




**ନାଉଗାଁ,୫।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଖୋର୍ଦ୍ଧା ଜିଲା ଜଙ୍କିଆ ବ୍ଲକରେ ଶୁଭାରମ୍ଭ କରିଥିବା ବେଳେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ପ୍ରତି ବ୍ଲକ ସ୍ତରରେ ଏହି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରାଯାଇଅଛି। ସେହି ପରିପ୍ରେକ୍ଷିରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ମଧ୍ୟ ଅଲାଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଛନ୍ତି। ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ନାଉଗାଁ ବ୍ଲକର ସମସ୍ତ ନିର୍ବାଚିତ ଜନ ପ୍ରତିନିଧି, ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ଶତାଧିକ ସଂଖ୍ୟାରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଏମବିକେ, ସିଆରପି ମାନେ ଯୋଗଦାନ କରିଥବାର ଦେଖାଯାଇଛି।




**ସୁନ୍ଦରଗଡ଼,୫।୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାର କିରେଇ ପଞ୍ଚାୟତ ପଡ଼ିଆରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ ହୋଇ ଯାଇଛି। ଏହି ଯୋଜନା ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ବିକାଶ ଧାରାକୁ ଆଗେଇ ନେବା ସହ ଗ୍ରାମ ଏବଂ ସହରରେ ଉପଲବ୍ଧ ହେଉଥିବା ବିଭିନ୍ନ ସେବା ଓ ସୁବିଧାର ଅନ୍ତରକୁ କମ କରିବାରେ ସାହାଯ୍ୟ କରିବ। ଗ୍ରାମାଞ୍ଚଳର ବିକାଶ ବିନା ଦେଶର ବିକାଶ ଅସମ୍ଭବ। ତେଣୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ଦୂରଦୃଷ୍ଟି ଦ୍ୱାରା ଆଜି ଦେଶରେ ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ ହୋଇପାରିଛି। ସ୍ୱଚ୍ଛ ଭାରତ ଅଭିଯାନ ହେଉ ବା ଉଜ୍ଜଳା ଯୋଜନାରେ ଏଲପିଜି ସଂଯୋଗ, ପକ୍କା ରାସ୍ତା ବା ସ୍ୱଚ୍ଛ ପାନୀୟ ଜଳ ହେଉ ଏଭଳି ଅନେକ ଜନ କଲ୍ୟାଣକାରୀ ଯୋଜନା ଦେଶରେ କାର୍ଯ୍ୟକାରୀ ହେଉଛି। ଯାହାକି ଗ୍ରାମାଞ୍ଚଳର ବିକାଶକୁ ନୂତନ ଗତି ଦେବାରେ ସହାୟକ ହୋଇଛି। ଲୋକଙ୍କ ସରକାର ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ନିର୍ମାଣ ପାଇଁ ପରିକଳ୍ପନା କରିଛନ୍ତି। ଏହାକୁ ସାକାର ରୂପ ଦେବା ନିମନ୍ତେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆଗାମୀ ୫ବର୍ଷ ପାଇଁ ମୋଟ ୫ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଯୋଜନା ମାଧ୍ୟମରେ ଶିକ୍ଷା, କ୍ରୀଡ଼ା, ଗମନାଗମନ, କ୍ଷୁଦ୍ର ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ସହ ସାଂସ୍କୃତିକ କେନ୍ଦ୍ର, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ଇତ୍ୟାଦି ନିର୍ମାଣ କରାଯିବ। ଯାହାକି ଲୋକଙ୍କ ଭାଗିଦାରୀ ଏବଂ ସରକାରଙ୍କ ସହଯୋଗ ଦ୍ୱାରା ଗ୍ରାମଞ୍ଚଳର ମୌଳିକ ଭିତ୍ତିଭୂମିକୁ ଆହୁରି ସୁଦୃଢ କରିବାରେ ସହାୟକ ହେବ।



**ନୟାଗଡ଼,୫।୨(ସଂଚାର ବ୍ୟୁରୋ):** ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମକୁ ଲୋକ ମାନେ ଏଲଇଡି ମାଧ୍ୟମରେ ଉପଭୋଗ କରିଛନ୍ତି । ଖୋର୍ଦ୍ଧା ଠାରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ । ଜିଲ୍ଲାର ସମସ୍ତ ବ୍ଲକ ମାନଙ୍କରେ ଏଲଇଡି ମାଧ୍ୟମରେ ଲୋକ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଯୋଜନା ଶୁଭାରମ୍ଭ ଅବସରରେ ପାଇକ ବିଦ୍ରୋହର ବୀର ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କହିଛନ୍ତି, ଖୋର୍ଦ୍ଧା ବୀର ପାଇକଙ୍କ ମାଟି । ପ୍ରତି ଗାଁକୁ ବିକଶିତ କରିବା ପାଇଁ ଏହି ଯୋଜନା ଶୁଭାରମ୍ଭ କରାଯାଇଛି । ଗାଁ ଓ ସହରରେ ଉପଲବ୍ଧ ହେଉଥିବା ବିଭିନ୍ନ ସେବା ଓ ସୁବିଧାର ଅନ୍ତରକୁ କମ୍ କରିବ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ । ଏହି କାର୍ୟ୍ୟକ୍ରମ ମାଧ୍ୟମରେ ଅନଗ୍ରସରତା ବିରୋଧରେ ଆରମ୍ଭ ହେବ ଜନ ଆନ୍ଦୋଳନ । ଗ୍ରାମସଭାରେ ଆଲୋଚନା ହୋଇ ସବୁ ନିଷ୍ପତ୍ତି ନିଆଯିବ । ୨୦୨୪-୨୫ରୁ ଆରମ୍ଭ ହୋଇ ୨୦୨୮-୨୯ ଯାଏଁ ଯୋଜନା ଚାଲିବ । ପ୍ରତିବର୍ଷ ହଜାରେ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ୫ ବର୍ଷ ପାଇଁ ୫ ହଜାର କୋଟି ବ୍ୟୟ ବରାଦ କରାଯାଇଛି । ଯଦି ଆବଶ୍ୟକ ହୁଏ, ତେବେ ଅଧିକ ବୃଦ୍ଧି କରାଯିବ । କଂକ୍ରିଟ, ପିଚୁ ରାସ୍ତା ତିଆରି ହେବ । ପେଭର ବ୍ଲକ ପଡ଼ିବ । ସେତୁ, କଲଭର୍ଟ ହେବ। କଲ୍ୟାଣ ମଣ୍ଡପ, ମାର୍କେଟ ସେଡ ହେବ । ଗାଁର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ଅର୍ଥ ଖର୍ଚ୍ଚ ହେବ । ଗାଁରେ କ୍ରୀଡା ଭିତ୍ତିଭୂମି ମଜଭୁତ ହେବ ।



**ବେତନଟୀ,୫।୨(ସଂଚାର ବ୍ୟୁରୋ):** ଓଡିଶାର ଡବଲ ଇଞ୍ଜିନ ସରକାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ନେତୃତ୍ୱରେ ଓଡିଶାର ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ପ୍ରସ୍ତୁତ କରିଥିବା ନୂତନ ଯୋଜନା ବିକଶିତ ଗାଁ ବିକଶିତ ଓଡିଶା ଏବଂ ସମୃଦ୍ଧ ଓଡିଶାର ପରିଭାଷା ଆଜି ବେତନଟୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଭର୍ଚୁଆଲ ମୋଡ ରେ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଶୁଭ ଉଦଘାଟନ ହୋଇ ଯାଇଛି। ଏହା ପୂର୍ବରୁ ବିଜେଡି ସରକାରଙ୍କ ସମୟରେ ମଧ୍ୟ ଆମ ଗାଁ ଆମ ବିକାଶ ଭଳି ଗ୍ରାମର ବିକାଶ ଓ ଗାଁ ଲୋକଙ୍କ ଭାଗୀଦାରି ପାଇଁ କାର୍ଯ୍ୟକାରୀ କରା ଯାଇଥିବା ଯାହାର ଚିହ୍ନ ବର୍ଣ୍ଣ ବେତନଟୀ ବ୍ଲକ ରେ ଖୋଜିଲେ ମଧ୍ୟ ମିଳିବ ନାହିଁ। ଏଣୁ ବିଜେଡି ସରକାରର ସ୍ୱପ୍ନ ସଫଳ ହୋଇ ପାରି ନ ଥିବା ବେଳେ ରାଜ୍ୟର ବିଜେପି ର ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ପୁଣି ପାଞ୍ଚ ବର୍ଷ ପାଇଁ ପାଞ୍ଚ ହଜାର କୋଟି ବର୍ଷ କୁ ଏକ ହଜାର କୋଟି ଟଙ୍କା ୩୧୪ ଟି ବ୍ଲକ ଅଧିନସ୍ଥ ସମସ୍ତ ଗ୍ରାମରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗାଁ ଲୋକ ମାନଙ୍କ ଦ୍ୱାରା ଗୃହୀତ ପ୍ରସ୍ତାବ ଗ୍ରାମ ସଭାରେ ଯାହା ସ୍ଥିର କରାଯିବ ସେହି ସବୁ ଉନ୍ନୟନ ମୂଳକ କାର୍ଯ୍ୟ ଗାଁ ଲୋକଙ୍କ ପାଇଁ କରାଯିବ ବୋଲି ଏହି ଯୋଜନାର ଲକ୍ଷ ଧାର୍ଯ୍ୟ କରାଯାଇଥିବା କୁହାଯାଇଛି।

## ସୁନ୍ଦରଗଡ ଜିଲ୍ଲାର ଜାତୀୟ ସିପକଟାକ୍ରୋ ଖେଳାଳୀଙ୍କ ପ୍ରତ୍ୟାବର୍ତ୍ତନ

**ସୁନ୍ଦରଗଡ,୫।୨(ସଂଚାର ବ୍ୟୁରୋ):** ଆନ୍ଧ୍ରପ୍ରଦେଶ ରାଜ୍ୟର ନନ୍ଦ୍ୟାଲ ଠାରେ ଜାନୁଆରୀ ୨୯ ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଜାତୀୟ ଜୁନିଅର ସିପକଟାକ୍ରୋ ପ୍ରତିଯୋଗିତା ଚାଲିଥିଲା। ଓଡ଼ିଶା ବାଳିକା ଦଳରେ ସୁନ୍ଦରଗଡ ଜିଲ୍ଲା ମହର୍ଷି ଦୟାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମଧୁସ୍ମିତା ଭିତ୍ରିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଅଲେଇକେରାର ସ୍ନେହା ଦୀପିକା ଟପ୍ପୋ ଓ ଶ୍ରୀୟା ଓରାମ ଭାଗ ନେଇଥିବା ବେଳେ ବାଳକ ଦଳରେ ଦୀପକ କିଶାନ ପ୍ରତିନିଧିତ୍ୱ କରୁଥିଲେ। ଟିମ୍ ଇଭେଣ୍ଟରେ ଉଭୟ ଦଳ କ୍ୱାଟର ଫାଇନାଲରେ ଯୋଗଦାନ କରିଥିବା ବେଳେ କ୍ୱାଡ଼ ଇଭେଣ୍ଟ ବାଳିକା ବିଭାଗରେ ଓଡ଼ିଶା ଦଳ ତିନି ନମ୍ବର ସ୍ଥାନ ପାଇ ବୋଞ୍ଜ ପଦକ ହାସଲ କରିଥିଲେ । ଉକ୍ତ ଟିମ ରେ ସୁନ୍ଦରଗଡର ମଧୁସ୍ମିତା ଭିତ୍ରିଆ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରୁଥିଲେ ।

# ଖୁସି ବାଣ୍ଟିଲେ କର୍କଟ ସହ ଲଢୁଥିବା କୁନି କୁନି ଶିଶୁ



**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ର‌୍ୟାମ୍ପରେ ଚାଲି ଚାଲି ଆସିଲେ କୁନି କୁନି ପିଲା। ସେମାନଙ୍କ ହସ ଥିଲା ନିଆରା। କର୍କଟ ପରି ଦୁଃସାଧ୍ୟ ରୋଗ ସହ ଯେ ସେମାନେ ଲଢୁଛନ୍ତି ତାହା କେବଳ ଜଣାପଡୁଥିଲା ତାଙ୍କ ହାତର ବ୍ୟାଣ୍ଡେଜରୁ। ମଙ୍ଗଳବାର ବିଶ୍ୱ କର୍କଟ ଦିବସ ଅବସରରେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। କ୍ୟାନ୍ସରରେ ପୀଡ଼ିତ ଥିବା ଏବଂ ରକ୍ତ କର୍କଟ ଭଳି ରୋଗ ସହ ଲଢୁଥିବା କୁନି କୁନି ପିଲା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସହ ର‌୍ୟାମ୍ପରେ ଆସି ହଲ୍‌ରେ ଉପସ୍ଥିତ ଥିବା ଦର୍ଶକଙ୍କ ମନ କିଣି ନେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବିଶିଷ୍ଟ ଓଲିଉଡ୍ ଅଭିନେତ୍ରୀ ଓ ସମାଜସେବୀ ସୁଶ୍ରୀ ବର୍ଷା ପ୍ରିୟଦର୍ଶିନୀ ଏହି ପିଲାମାନଙ୍କୁ ପ୍ରକୃତ ସୁପରଷ୍ଟାର ଓ ଯୋଦ୍ଧା ଭାବେ ଅବିହିତ କରିଥିଲେ। ମୁଁ ଖୁବ୍ ଭାଗ୍ୟବାନ ଯେ ମୁଁ ତୁମମାନଙ୍କୁ ଭେଟି ପାରିଲି ଏବଂ ତୁମମାନଙ୍କର ନିଷ୍ପାପ ହସ ମୋତେ ଖୁବ୍ ଆନନ୍ଦିତ କରିଛି ବୋଲି କହିବା ସହ ପିଲାମାନଙ୍କ ଦ୍ୱାରା ଆୟୋଜିତ ଏହି ଫ୍ୟାସନ୍ ଶୋ ଜୀବନ ବିଷୟରେ ଅନେକ ଶିକ୍ଷା ଦେଉଛି ବୋଲି ବର୍ଷା କହିଥିଲେ। ସମ୍ ହସ୍ପିଟାଲ୍‌ର ଅଙ୍କୋସାଇନ୍‌ସେସ୍ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ନିମନ୍ତେ ବିଶ୍ୱ କର୍କଟ ଦିବସର ଥିମ୍ ରହିଥିଲା 'ୟୁନାଇଟେଡ୍ ବାଏ ୟୁନିକ୍'। କାର୍ଯ୍ୟକ୍ରମରେ ପ୍ରାୟ ୮୦୦ରୁ ଅଧିକ କର୍କଟ ରୋଗରେ ଚିକିତ୍ସିତ ହେଉଥିବା ବ୍ୟକ୍ତି ଏବଂ ଏହି ହସ୍ପିଟାଲରୁ ଚିକିତ୍ସିତ ହୋଇ କ୍ୟାନ୍ସରକୁ ପରାସ୍ତ କରିଥିବା ଯୋଦ୍ଧା ଯୋଗ ଦେଇଥିଲେ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏହି ରୋଗ ସହ ଲଢୁଥିବା ରୋଗୀମାନଙ୍କୁ ପ୍ରକୃତ ଯୋଦ୍ଧା ବୋଲି କହିବା ସହ ହସ୍ପିଟାଲ୍ ପକ୍ଷରୁ ରୋଗର ପରୀକ୍ଷା ଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି ବୋଲି କହିଥିଲେ।

## ବ୍ରାଉନ୍ ସୁଗାର ଜବତ୍, ୨ ଗିରଫ



**ବ୍ରହ୍ମପୁର,୫।୨(ସଂଚାର ବ୍ୟୁରୋ):** ବ୍ରାଉନ ସୁଗର ବେପାରୀଙ୍କୁ କାବୁ କରିବାରେ ବ୍ରହ୍ମପୁର ଜିଲ୍ଲା ଅବକାରୀ ବିଭାଗ ସଫଳ ହୋଇଛି। ବିଭାଗର ଏନଫୋର୍ସ ମେଣ୍ଟ ସେଲ ଦ୍ୱାରା ଆଜି ଫାଷ୍ଟ ଗେଟ୍ ଅଟୋ ନଗର ଠାରେ ଚଢାଉ କରାଯାଇ ୫୦ ଗ୍ରାମ ବ୍ରାଉନ ସୁଗାର୍ ଜବତ୍ କରାଯାଇଛି। ଏଥିରେ ସମ୍ପୃକ୍ତ ଫାଷ୍ଟ ଗେଟ୍ ଅଞ୍ଚଳର ଦୁଇ ଯୁବକ ଶିବ ଭୂୟାଁ, ପ୍ରକାଶ ବେହେରାକୁ ଗିରଫ କରିଛି ଅବକାରୀ ବିଭାଗ। ସୂଚନା ଅନୁସାରେ ଗିରଫ ଦୁଇ ଅଭିଯୁକ୍ତ କଲିକତାରୁ ବ୍ରାଉନ ଶୁଗାର ଆଣି ବ୍ରହ୍ମପୁରର ଯୁବକ ମାନଙ୍କୁ ବିକ୍ରି କରୁଥିଲେ। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଟୋ ନଗର ଠାରେ ଚଢାଉ ବେଳେ ଏହି ଦୁଇ ଜଣଙ୍କୁ ଅବକାରୀ ବିଭାଗ ଧରିଛି। ଜବତ୍ ବ୍ରାଉନ ସୁଗରର ମୂଲ୍ୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଏକ ଆପଲ୍ ଆଇ ଫୋନ ଜବତ୍ ହୋଇଛି।

# ସ୍କୁଲ ଭ୍ୟାନ ଦୁର୍ଘଟଣାଗ୍ରସ୍ତ

**ବୋରିଗୁମ୍ମା,୫।୨(ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳ ସର୍ଗିଗୁଡା ଗାଁ ନିକଟରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଙ୍କୁ ନେଇ ଯାଉଥିବା ଇକୋ ଭ୍ୟାନ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାଇ ବୋରିଗୁମ୍ମା ସ୍କୁଲର ଛାତ୍ରଛାତ୍ରୀ ଙ୍କୁ ନେଇ ମୁଣ୍ଡାଗୁଡା ନିଜ ଗ୍ରାମକୁ ଫେରୁଥିବା ସମୟରେ ସକାଳ ୧୧ଘଣ୍ଟ ସମୟରେ ସର୍ଗିଗୁଡା ଗ୍ରାମ ନିକଟରେ ଦ୍ରୁତ ଗତିରେ ଭ୍ୟାନ ଟି ଯାଉଥିବା ସମୟରେ ନିୟନ୍ତ୍ରଣ ହରାଇ ସର୍ଗିଗୁଡା ନିକଟରେ ରୋଡ ରୁ ତଳକୁ ଓଲଟି ପଡିଥିଲା।ସ୍ଥାନୀୟ ଲୋକେ ଦୁର୍ଘଟଣା ସ୍ଥଳରେ ପହଂଚି ଭେନ ମଧ୍ୟ୍ୟରୁ ୧୦ଜଣ ଛାତ୍ରଛାତ୍ରୀ ଙ୍କୁ ଉଦ୍ଧାର କରି ବୋରିଗୁମ୍ମା ଗୋଷ୍ଠୀସ୍ୱାସ୍ୟ କେନ୍ଦ୍ର କୁ ପଠାଇଥିଲେ । ଜଣେ ଛାତ୍ରୀ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଏସଏଲଏନ ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇ ଥିବା ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା ଭେନ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଥିବା ଜଣାପଡିଛି ।

# ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ,୫ ଗୁରୁତର

**ବ୍ରହ୍ମପୁର,୫।୨(ସଂଚାର ବ୍ୟୁରୋ):** ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ୫ ଦାଦନ ଶ୍ରମିକ ଗୁରୁତର ହୋଇଛନ୍ତି । ସୁଦୂର ବେଙ୍ଗାଲୁରୁରେ ଏହି ଘଟଣା ଘଟିଛି। ବ୍ରହ୍ମପୁର ଅଞ୍ଚଳର ୫ ଜଣ ଶ୍ରମିକ ବେଙ୍ଗାଲୁରୁରେ ରହି କାମ କରୁଥିଲେ । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ପୋଲିସ ଜିଲ୍ଲା ଅନ୍ତର୍ଗତ କେ. ନୂଆଗାଁ ଥାନା ଅନ୍ତର୍ଗତ ଜେନାପୁର ଗ୍ରାମର ୫ ଜଣ ଯୁବକ ନିଜ ପେଟପାଟଣା ସକାଶେ ସୁଦୂର ବେଙ୍ଗାଲୁରୁରେ କାମଧନ୍ଦା କରିବା ସକାଶେ ଗତ ମାସରେ ଯାଇଥିଲେ । ସମସ୍ତ ଶ୍ରମିକ ସେଠାରେ ଗୋଟିଏ ସ୍ପେୟାର ପାର୍ଟସ କମ୍ପାନୀରେ କାମ କରି ଆସୁଥିଲେ । ଉକ୍ତ ଶ୍ରମିକ ମାନେ ନିଜ କାମଧନ୍ଦା ସାରି ନିଜ ରହିବା ଜାଗାରେ ରୋଷେଇ କରିବା ସକାଶେ ପ୍ରସ୍ତୁତ ହୋଇ ଗ୍ୟାସ୍ ଷ୍ଟୋଭ୍ ନିକଟରେ ଅଗ୍ନି ସଂଯୋଗ କରିବା ବେଳେ ହଠାତ ନିଆଁ ଲାଗିଯାଇଥିଲା । ଚାଁହୁ ଚାଁହୁ ନିଆଁ ସାରା ରୁମ୍‌ରେ ବ୍ୟାପି ଯାଇଥିଲା । ନିଆଁ ଭୟରେ ୫ ଜଣ ରୁମ୍‌ରୁ ବାହାରିବାକୁ ଚେଷ୍ଟା କରୁ କରୁ ଗୁରୁତର ଭାବରେ ପୋଡି ଯାଇଥିବା ସୂଚନା ମିଳିଛି । ଆହତ ମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକତ୍ସା ନିମନ୍ତେ ମେଡିକାଲ ପଠାଇଥିଲେ। ସମସ୍ତ ଶ୍ରମିକ ଚିକିଟି ଏନଏସି ଜେନାପୁର ଗ୍ରାମର ବୋଲି ଜଣାପଡିଛି। ଏପଟେ ଏହି ଦୁଃଖଦ ଖବର ପାଇ ପରିବାର ଲୋକ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଆହତ ମାନଙ୍କୁ ଦେଖିବାକୁ ପରିବାର ଲୋକ ବ୍ୟାକୁଳ ଅବସ୍ଥାରେ ରହିଛନ୍ତି ।

## ରେଳବିଭାଗର ନିରବତା

# କେବେ ଗଡ଼ିବ ରୁପସାରୁ ବାଲେଶ୍ୱର ମେମୁ ଟ୍ରେନ

- ଯାତାୟତରେ ହନ୍ତସନ୍ତ

**ବେତନଟୀ,୫।୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଏକ ବ୍ୟବସାୟିକ କ୍ଷେତ୍ରରପେଣ୍ଡସ୍ଥଳୀ ଭାବରେ ସାର ଓଡ଼ିଶାରେ ଖ୍ୟାତିଲାଭ କରିଛି। ମାତ୍ର ଏହି ଜିଲ୍ଲାର ଚଳପ୍ରଚଳ କରୁଥିବା ବାଲେଶ୍ୱର-ବାଙ୍ଗିରୀପୋଷି ମେମୁ ଲୋକାଲ ଟ୍ରେନଟି କରୋନା ମହାମାରୀ ପୂର୍ବରୁ ରୁପସାରୁ ବାଲେଶ୍ୱର ସକାଳ ଘ ୯.୩୦ ମି. ସମୟରେ ଯାଉଥିବାବେଳେ ମହାମାରୀ ପରଠୁଁ ଉକ୍ତ ମେମୁ ଟ୍ରେନଟି ଆଉ ବାଲେଶ୍ୱର ନଯାଇ ରୂପସା ଷ୍ଟେସନରେ ଅଟକି ରହି ସେଠାରୁ ବାଙ୍ଗିରୀପୋଷିଫେରୁଛି। ଯାହାକି ଗଣମାଧମରେ ବାରମ୍ବାର ଖବର ପ୍ରକାଶିତ ହେବା ରେଳବିଭାଗ ର ଏହି ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱନିରବତା କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବେତନଟୀରେ ବିଭିନ୍ନ ଅନୁଷ୍ଠାନ କଲେଜ, ତହସିଲ, ବ୍ଲକ, ରେଜେଷ୍ଟ୍ରି ଅଫିସ ଆଇ.ଟି.ଆଇ, କୃଷି ଅଫିସ, ଉଦ୍ୟାନ କୃଷିଧାନ ଫାଉଣ୍ଡେସନ, ନର୍ସିଂ କଲେଜ, ଫାର୍ମାସୀ, ଡି ଫାର୍ମ, ବ୍ୟାଙ୍କ, ଏପିଜେ ଅବଦୁଲ କାଲାମ ରେସିଡେନ୍ସିଆଲ କଲେଜ, ଏଣୁ କର୍ମଚାରୀମାନଙ୍କର ଯିବାଆସିବା ସହ ଦୈନିକ ମହିଳା ଓ ପୁରୁଷ ଶ୍ରମିକ ବାଲେଶ୍ୱର, ସୋର, ଭଦ୍ରକ, ମାର୍କଣା, ଆଦିକୁ ଯାତାୟତରେ ଘୋର ଅସୁବିଧାର ସମ୍ମୀଖୀନ ହେଉଛନ୍ତି। ଏପରିକି ଅଧିକ ବସ୍ ଭଡା କ୍ଷେତ୍ରରେ ମଧ୍ୟ କ୍ଷତି ସହି ଆସୁଛନ୍ତି। ଏହାସହିତ ମେମୁ ଟ୍ରେନ ଭୋର ୪ଟାରେ ଭଞ୍ଜପୁରରୁ ରୁପସା ଯାଉଥିବାବେଳେ ବେତନଟୀ ଭଳି ଅମୃତଭାରତ ଷ୍ଟେସନ ମାନ୍ୟତାପ୍ରାପ୍ତ ଥାଇ ଭୋର ୪ଟାରେ ଛିଡା ନ ହୋଇ ପରବର୍ତ୍ତୀ ଷ୍ଟେସନରେ ଯୁଗୋଳରେ ଛିଡା ହେବା ସମସ୍ତଙ୍କୁ ବିସ୍ମୀତ କରିଛି। ବିଶେଷକରି ସ୍ଥାନୀୟ ମାନ୍ୟବର ବାଲେଶ୍ୱର ସାଂସଦ ମହୋଦୟ ଏବିଷୟରେ ଅବଗତ ଥିବା ସତ୍ତ୍ୱେ କାହିଁକି ନିରବତା ଅବଲମ୍ବନ କରୁଛନ୍ତି ? କାହା ସ୍ୱାର୍ଥରେ। ଯାହାଫଳରେ ଦଣ୍ଡ ଭୋଗୁଛନ୍ତି ଶ୍ରମିକ ଓ ଯାତ୍ରୀଗଣ। ଏବେ ବୁଦ୍ଧିଜିବୀମହଳରେ ପ୍ରଶ୍ନ ଆସିଛି ଏ ନିତୀନିୟମ ପ୍ରକୃତରେ ରେଳବିଭାଗର ନା ଆଉ କାହାର ?ଏଣୁ ରେଳବିଭାଗ ମନ୍ତ୍ରୀ ଓ ବାଲେଶ୍ୱର ସାଂସଦ ମହୋଦୟଙ୍କୁ ଏବିଷୟ ପ୍ରତି ବ୍ୟକ୍ତିଗତ ଭାବେ ଧ୍ୟାନ ଦେବା ସହ ସର୍ବପ୍ରଥମେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୂର୍ବଭଳି ମେମୁ ଟ୍ରେନଟିକୁ ନିର୍ଦ୍ଧାରିତ ସମୟରେ ରୁପସାରୁ ବାଲେଶ୍ୱରକୁ ଯିବାଆସିବା କରିବା ସହିତ ଦୈନିକ ସକାଳ ୪ଟାରେ ବେତନଟୀ ଷ୍ଟେସନରେ ଛିଡ଼ା ହେବା ସହିତ ପୁରୀ ଶାଳିମାର ସ୍କୋଶାଲ ଟ୍ରେନଟିରେ ଅନ୍ୟୁନ ୨ଟି ସାଧାରଣ ବଗି ସଂଯୋଗ କରିବା ସହିତ ଉକ୍ତ ଟ୍ରେନକୁ ନିୟମିତ କରିବାକୁ ବେତନଟୀର ବୁଦ୍ଧୀଜିବୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷବ ମହୋଦୟଙ୍କୁ ଗୁହାରୀ କରିଛନ୍ତି।



# ବାରବାଟୀରେ ଟିକେଟ ପାଇଁ ଦଳାଚକଟା ; ୧୦ ଆହତ



**ଦିନମଜୁରିଆଙ୍କୁ ଧାଡ଼ିରେ ଛିଡ଼ା କରାଇଲେ ଦଲାଲ**

**କଟକ,୫।୨ (ସଂଚାର ବ୍ୟୁରୋ):** ଆରମ୍ଭ ହୋଇଛି ଅଫଲାଇନ୍ ଟିକେଟ ବିକ୍ରି । ଆସନ୍ତା ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ ପାଇଁ ଆଜିଠୁ ଆରମ୍ଭ ହୋଇଛି ଅଫଲାଇନ ଟିକେଟ ବିକ୍ରି । ଅଲାଇନ ଟିକେଟ ମାତ୍ର କେଇ ମିନିଟରେ ଶେଷ ହୋଇଯିବା ପରେ ଅଫଲାଇଟନ ଟିକେଟ ପାଇଁ କାଉଣ୍ଟର ଆଗରେ ଅସମ୍ଭାଳ ଭିଡ । ଦଳଚକଟା ପରିସ୍ଥିତି ଉପୁଜିଛି । ଉତ୍ସାହିତ ଫ୍ୟାନ୍ସଙ୍କ ଅସମ୍ଭବ ଭିଡ ପାଇଁ ନାକେଦମ ପୋଲିସ । ହଜାର ହଜାର କ୍ରିକେଟ ଫ୍ୟାନ୍ସ କାଉଣ୍ଟର ଆଗରେ ଲମ୍ବା ଲାଇନ ଲଗାଇଛନ୍ତି ଗତକାଲି ରାତିଠୁ। ଏପଟେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଛି । ଫେବୃଆରୀ ୯ ତାରିଖରେ ଖେଳାଯିବ ବହୁ ପ୍ରତିକ୍ଷୀତ ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ। ତେବେ ଦଳଚକଟାରେ ୧୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।

ବୁଧବାରଠୁ ଆରମ୍ଭ ହୋଇଥିବା ଅଫଲାଇନ ଟିକେଟ ପାଇଁ ଗତକାଲିଠୁ ମହିଳାଙ୍କ ସମେତ ପୁରୁଷମାନେ ଲମ୍ବା ଲାଇନରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା । ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ୪ଟି କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହୋଇଛି । ଏହା ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିଥିଲା ଓସିଏ ଓ କମିଶନରେଟ ପୋଲିସ । ଜଣେ ବ୍ୟକ୍ତି ପିଛା 2ଟି ଲେଖାଏଁ ଟିକେଟ ବିକ୍ରି କରିବାକୁ ଥିବାବେଳେ ଏଥିପାଇଁ ଫଟୋ ପରିଚୟ ପତ୍ର ଦେଖାଇବା ବାଧ୍ୟତାମୂଳକ କରାଯାଇଛି । ଆଜି ଏବଂ କାଲି ( ୫ ଏବଂ ୬ ତାରିଖ) ଦୁଇ ଦିନ ଧରି ଚାଲିବ ଅଫଲାଇନ ଟିକେଟ ବିକ୍ରି । ବୁଧବାରଠୁ ଆରମ୍ଭ ହୋଇଛି ଅଫ୍‌ଲାଇନ ଟିକଟ ବିକ୍ରି। କାଉଣ୍ଟରରେ ପ୍ରାୟ ୧୨ ହଜାର ଟିକଟ ବିକ୍ରି ହେବ । ବିରାଟ କୋହଲି, ରୋହିତ ଶର୍ମା, ଜୋସ ବଟଲରଙ୍କ ଭଳି ଖେଳାଳି ଆସୁଥିବାରୁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ। ଅନଲାଇନ୍‌ରେ ଟିକଟ କିଣିପାରିନଥିବା କ୍ରିକେଟ୍‌ପ୍ରେମୀ ଅଫ୍‌ଲାଇନ୍‌ରେ କିଣିବାକୁ ଲମ୍ବା ଲାଇନରେ ଠିଆ ହୋଇଛନ୍ତି । ଟିକେଟ ବିକ୍ରି ପାଇଁ ଚଳିତଥର ୪ଟି ଟିକେଟ କାଉଣ୍ଟର କରାଯାଇଛି । ଭିଡ଼ ନିୟନ୍ତ୍ରଣଠାରୁ ଆରମ୍ଭ କରି ବାରବାଟୀ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।ଗତ ଦୁଇ ତାରିଖ ଅପରାହ୍ଣ ୪ଟାରୁ ଆରମ୍ଭ ହୋଇଥିଲା ଅନଲାଇନ ଟିକେଟ ବିକ୍ରି । ଏହାର ମାତ୍ର କେଇ ମିନିଟରେ ସରିଗଲା ଅନଲାଇନ ଟିକେଟ। ୪ ହଜାର ଟିକେଟ ଅନଲାଇନରେ ବିକ୍ରି ହୋଇଛି।

"ଏକଜିଟ୍ ପଏଣ୍ଟ ନାହିଁ । ଯିଏ ଲାଇନରେ ଟିକେଟ ପାଇଁ ଠିଆ ହୋଇଛି, ତାର ବାହାରିବାର କୌଣସି ବ୍ୟବସ୍ଥା ନାହିଁ । ଅବ୍ୟବସ୍ଥା ପାଇଁ ଲୋକେ ବେହୋସ ହେଉଛନ୍ତି । ମୁଁ ଲାଇନରେ ଥିଲି କିନ୍ତୁ ଟିକେଟ ନ ନେଇ ଫେରୁଛି। ଏତେ ଅବ୍ୟବସ୍ଥାରେ ଟିକେଟ ନେଇ ମ୍ୟାଚ ଷ୍ଟାଡିୟମରେ ଦେଖିବା ଅପେକ୍ଷା ଘରେ ମ୍ୟାଚ ଦେଖିବା ବହୁତ ଭଲ," ବୋଲି କହିଛନ୍ତି ଜଣେ ଫ୍ୟାନ୍ସ ।ଏଠାରେ କୌଣସି ବି ଗୋଟିଏ ଜିନିଷ ସୁବନ୍ଦୋବସ୍ତ ହୋଇନାହିଁ । ଟିକେଟ କାଉଣ୍ଟର ଆଗରେ ଭିଡ ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ପୋଲିସ ପ୍ରଶାସନ ଏବଂ ଓସିଏ। ପୋଲିସ ଠିଆ ହୋଇ ସବୁ ଦେଖୁଛି କିନ୍ତୁ ଲୋକଙ୍କ ଭିଡ ଏଡାଇପାରୁନି କି ଠେଲାପେଲା ରୋକିବାରେ ସଫଳ ହୋଇନାହିଁ," ବୋଲି କହିଛନ୍ତି ଜଣେ ମହିଳା କ୍ରିକେଟ ଫ୍ୟାନ୍ସ ।

## ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତିରୁ ହଟିଲା ସ୍ଥଗିତାଦେଶ



**କଟକ,୬।୨ (ସଂଚାର ବ୍ୟୁରୋ):** ଓଡ଼ିଶା ହାଇକୋର୍ଟ ବୁଧବାର ତାଙ୍କର ପୂର୍ବ ସ୍ଥଗିତାଦେଶକୁ କୋହଳ କରିବା ସହିତ ୨୭୫୩ ଜଣ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବାକୁ ଅନୁମତି ଦେଇଛନ୍ତି। ଓଏସଏସଏସସି ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ଅନେକ ପ୍ରାର୍ଥୀ ଆବେଦନ ଦାଖଲ କରିବା ଏବଂ କିଛି ଅଭିଯୋଗ ଆଣିବା ପରେ କୋର୍ଟ ସୋମବାର ଓଡ଼ିଶା ସବ-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସଏସଏସସି)କୁ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କ ନିଯୁକ୍ତିକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ ଓଏସଏସଏସସି ୨୭୫୩ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ନିଯୁକ୍ତି ପାଇଁ ୨୯ ଏପ୍ରିଲ୍ ୨୦୨୩ରେ ଏକ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିଥିଲା ଏବଂ ସେପ୍ଟେମ୍ବର ୨୦୨୪ରେ ଫଳାଫଳ ଘୋଷଣା କରିଥିଲା। ତଥାପି, କିଛି ପ୍ରାର୍ଥୀ ୧୦୦ ମାର୍କ ପାଇଁ ଭୁଲ ଉତ୍ତର ପାଇଁ ନେଗେଟିଭ୍ ମାର୍କିଂ ଥିବା ଅଭିଯୋଗ କରି ହାଇକୋର୍ଟରେ ଆବେଦନ କରିଥିଲେ କିନ୍ତୁ ୧୩ ଟି ଉତ୍ତର ଭୁଲ ଥିବା ଅଭିଯୋଗ ହୋଇଥିଲା ଏବଂ ଆଠଟି ପ୍ରଶ୍ନର ଉତ୍ତର ଉପରେ କୌଣସି ସ୍ପଷ୍ଟତା ନଥିବା ଦାବି କରିଥିଲେ। ତଥାପି, କୋର୍ଟ ଆଜି ସ୍ଥଗିତାଦେଶକୁ କୋହଳ କରି ଓଡ଼ିଶା ସରକାରଙ୍କୁ ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବାର ପଥ ପ୍ରଶସ୍ତ କରିଛନ୍ତି। ଏହି ସମୟରେ, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡକ୍ଟର ସଞ୍ଜୁକ୍ତା ସାହୁ ଏକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ଫେବୃଆରୀ ୭ ତାରିଖରେ କ୍ୟାପିଟାଲ ହାଇସ୍କୁଲ ଖେଳ ପଡ଼ିଆରେ ଏକ ନିଯୁକ୍ତି ମେଳା ଆୟୋଜନ କରାଯିବ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାହ୍ଣ ୩.୩୦ ରେ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବେ।

## ନରସିଂହପୁରରେ ପୁଣି ଏକ ହାତୀର ମୃତ୍ୟୁ




**ଆଠଗଡ଼,୬।୨ (ସଂଚାର ବ୍ୟୁରୋ):** ନରସିଂହପୁରରେ ପୁଣି ଏକ ହାତୀର ମୃତ୍ୟୁ। ନରସିଂହପୁର ପୂର୍ବାଞ୍ଚଳ ରେଞ୍ଜ ଚତରାପଦା ସେକ୍ସନ କମ୍ପାଟମେଣ୍ଟ ୪ରେ ଏକ ୫ ବର୍ଷର ଦନ୍ତା ହାତୀର ସନ୍ଦେହ ଜଣକ ଭାବେ ମୃତ୍ୟୁ। ହାତୀଟିର ମୃତ୍ୟୁ ଦୁଇ ତିନି ଦିନ ତଳେ ହୋଇଥିବା ବେଳେ ମଙ୍ଗଳବାର ଘଟଣା ସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀଟିର ଗଳିତ ମୃତଦେହ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଛି।

## ବାଲି ଚାଲାଣ ବେଳେ ଚଢ଼ାଉ, ୫ ବାଲି ବୋଝେଇ ହାଇୱା ଜବତ




**ବାଲିପାଟଣା,୬।୨ (ସଂଚାର ବ୍ୟୁରୋ):** ବାଲିପାଟଣା ତହସିଲ, ବାଲିପାଟଣା ପୋଲିସ ଏବଂ ଖଣି ବିଭାଗର ମିଳିତ ଚଢ଼ାଉ । ଚଢ଼ାଉ ବେଳେ ୫ଟି ବାଲି ବୋଝେଇ ହାଇୱା ଜବତ ହୋଇଛି । ରାଜଧାନୀ ଉପକଣ୍ଠର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଏସବୁ ହାଇୱାକୁ ଜବତ କରିଛି ପୋଲିସ । ଚଢ଼ାଉରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଜଣାପଡ଼ିଥିଲା । ଆବଶ୍ୟକ କେ ଫର୍ମ ନଥିବାରୁ ୫ ହାଇୱାକୁ ଜବତ କରାଯାଇଛି । ବାଲିପାଟଣା ଏବଂ ବାଲିଅନ୍ତା ଅଞ୍ଚଳରେ ବେଆଇନ ଭାବେ ହାଇୱା ଯୋଗେ ଚୋରା ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଥିଲା । ଅଭିଯୋଗ ପରେ ବାଲିପାଟଣା ଏବଂ ବାଲିଅନ୍ତା ପୋଲିସ ତତ୍ପର ହେଇଥିଲେ । ମଙ୍ଗଳବାର ବିଳମ୍ବିତ ରାତିରେ ବାଲିପାଟଣା ପୋଲିସ, ବାଲିପାଟଣା ତହସିଲ ଏବଂ ଖଣି ସମ୍ପଦ ଅଧିକାରୀ ମିଳିତ ଭାବେ ଚଢ଼ାଉ କରିଥିଲେ ।

● ମଣପୁରମ ଫାଇନାନ୍ସରୁ ଡକାୟତି ଘଟଣା

## ମାସେ ପରେ ଧରାପଡିଲା ମୁଖ୍ୟ ଅଭିଯୁକ୍ତ



**ସମ୍ବଲପୁର,୫।୨(ସଂଚାର ବ୍ୟୁରୋ):** ସମ୍ବଲପୁର ମଣପୁରମ ଫାଇନାନ୍ସରୁ ଡକାୟତି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ । ଉତ୍ତମ ପାଣ୍ଡୱାନକୁ ଗୁଆହାଟୀରୁ ଗିରଫ କଲା ପୋଲିସ । ଆଜି ଉତ୍ତମକୁ କୋର୍ଟଚାଲାଣ କରାଯିବ। ଅଧିକ ପଚରାଉଚରା ପାଇଁ ୭ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି ଆଇଜି ହିମାଂଶୁ ଲାଲ ସୂଚନା ଦେଇଛନ୍ତି । ଡକାୟତି ଦିନ ଉତ୍ତମ ନିଜେ ସୁନା ବ୍ୟାଗ ଧରି ବାଇକରେ ବସି ଫେରାର ହୋଇଯାଇଥିଲା । ଦୀର୍ଘ ୧ ମାସ ପରେ ଉତ୍ତମକୁ ପୋଲିସର ସ୍ୱତନ୍ତ୍ର ଟିମ୍ ଗିରଫ କରିଛି । ସୂଚନା ଅନୁସାରେ ଗତ ୩ ତାରିଖ ଦିନ ୧୦ଟାରେ ବୁଢ଼ାରାଜା ସ୍ଥିତ ମଣପୁରମ ଫାଇନାନ୍ସରୁ ଡକାୟତି ହୋଇଥିଲା । ୬ ରୁ ୭ ଜଣ ହେଲମେଟ ପିନ୍ଧା ଡକାୟତ ଆସି ବନ୍ଧୁକ ମୁନରେ କମ୍ପାନୀର କର୍ମଚାରୀଙ୍କୁ ଧମକ ଦେଇ ୩୦ କେଜି ସୁନା ଓ ନଗଦ ୪ ଲକ୍ଷ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସମ୍ବଲପୁର ବୁଢାରଜା ମଣପୁରମ ଫାଇନାନ୍ସ ଲିମିଟେଡ଼ର ଆସିସଷ୍ଟାଣ୍ଟ ବ୍ରାଞ୍ଚ ହେଡ଼ ସୁଧୀର ନାଥ କହିବାନୁଯାୟୀ, ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଡକାୟତମାନେ ବନ୍ଧୁକ ବାହାର କରି ସମସ୍ତଙ୍କୁ ଧମକ ଦେବା ସହ ମାଡ଼ ମାରିଥିଲେ ଓ ଚୁପ ଚାପ ରହିବାକୁ କହିଥିଲେ । ଏହାପରେ ଆଉ ୪ ଜଣ ଡକାୟତ ମୁଖା ଓ ହେଲମେଟ ପିନ୍ଧି ବନ୍ଧୁକ ଧରି ଅଫିସକୁ ପଶିଥିଲେ । ବନ୍ଧୁକ ଦେଖାଇ ଆସିସଷ୍ଟାଣ୍ଟ ବ୍ରାଞ୍ଚ ହେଡ୍‌ଙ୍କୁ ଲକର ଖୋଲିବାକୁ କହିଥିଲେ। ଡକାୟତମାନେ ଲକରରୁ ପ୍ରାୟ ୨୯ କେଜି ସୁନା ଓ ୪ ଲକ୍ଷ ୮୧ ହଜାର ଟଙ୍କା ନେଇ ୩ ଟି ବାଇକ ଯୋଗେ ସେଠାରୁ ଅଇଁଠାପାଲି ଜାତୀୟ ରାଜପଥ ଆଡ଼କୁ ଫେରାର ହୋଇଯାଇଥିଲେ ।

## ପୁରୀରେ ଷୋଡ଼ଶ ଅର୍ଥ କମିଶନ ବଡ଼ଠାକୁରଙ୍କୁ କଲେ ଦର୍ଶନ

**ପୁରୀ,୫।୨(ସଂଚାର ବ୍ୟୁରୋ):** ପୁରୀରେ ଷୋଡ଼ଶ ଅର୍ଥ କମିଶନ । ବଡ଼ଦେଉଳ ଯାଇ ବଡ଼ଠାକୁରଙ୍କୁ ଦର୍ଶନ କରିଛନ୍ତି ଷୋଡ଼ଶ ଅର୍ଥ କମିଶନ ଅଧକ୍ଷ ଡ ଅରବିନ୍ଦ ପାନଗାରିଆ ଓ ୧୫ ଜଣିଆ ଟିମ୍। ସ୍ଥାନୀୟ ପ୍ରଶାସନ ପକ୍ଷରୁ କରାଗଲା ସ୍ୱାଗତ । ଖବର ଅନୁଯାୟୀ, ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ଷୋଡ଼ଶ ଅର୍ଥ କମିଶନ । ଏଥିରେ କମିଶନ ଅଧକ୍ଷ ଡ ଅରବିନ୍ଦ ପାନଗାରିଆ ଓ ୧୫ ଜଣିଆ ସଦସ୍ୟ ମଧ ଆସିଛନ୍ତି । ଏହିକ୍ରମରେ ବୁଧବାର ଦିନ ମଧାହ୍ନ ସମୟରେ ଷୋଡ଼ଶ ଅର୍ଥ କମିଶନ ଏବଂ ୧୫ ଜଣିଆ ଟିମ୍ ପୁରୀ ଗସ୍ତ କରିଥିଲେ । ପୁରୀ ଏସ୍‌ପି ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ଅଭିମୁଖେ ପାଛୋଟି ନେଇଥିଲେ । ଏହାପରେ ସମସ୍ତେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଏହି ଅବସୟରେ ପୁରୀ ଜିଲ୍ଲାପାଳ, ଏସ୍‌ପି, ଶ୍ରୀମନ୍ଦିର ପ୍ରଶାସନର ସଦସ୍ୟମାନେ ଉପସ୍ଥିତ ରହିଥିଲେ । ତେବେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନର କାର୍ଯ୍ୟକ୍ରମ ରହିଛି ।

## ରାଜଧାନୀରେ ଜନଜାତନା



**ଭୁବନେଶ୍ୱର,୬।୨ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ଶୈବ ପୀଠ ଲିଙ୍ଗରାଜମନ୍ଦିର ନିକଟରେ ଥିବା ହାଟସାହି ରାସ୍ତା ତଥା ମହତାବ ରୋଡ଼ରୁ ପୌର ଚିକିତ୍ସାଳୟକୁ ଯୋଡୁଥିବା ରାସ୍ତା, ସେହିପରି କେଉଟ ସାହିରୁ କୁମ୍ଭାର ସାହି ରାସ୍ତାରେ ପ୍ରତିଦିନ ରାସ୍ତାର ସଂକୀର୍ଣ୍ଣତାରୁ ଜନସମାଗମ ଲାଗି ରହୁଛି ଓ ପରେ ଦୁଇ ପଟରୁ ଆସୁଥିବା ଲୋକଙ୍କ ମଧ୍ୟରେ ଅକାରଣରେ ବିବାଦ ଆରମ୍ଭ ହୋଇ ଯାତାୟତ ଠପ ହେଇ ରହୁଛି। ଏ ବାବଦରେ ସ୍ଥାନୀୟ ଲିଙ୍ଗରାଜ ଥାନା ତଥା ଏୟାର ଫିଲ୍ଡ ଥାନାକୁ ଥରକୁଥର ଅବଗତ କରାଗଲେ ମଧ କାର୍ଯ୍ୟାନୁଷ୍ଠାନ ଶୂନ ରହିଛି। ପୂର୍ବରୁ ଏ ନେଇ ବାରମ୍ବାର ରାଜଧାନୀ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ପୂର୍ବତନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ତଥା ପୌର ମହାନଗର ନିଗମରେ ବି ଅବଗତ କରାଇଥିଲେ ମଧ ସବୁ ଫାଇଲ ତଥ୍ୟରେ ରହିଯାଇଛି। ଏବେ ଯେଉଁ କାମ ବି ହେଉଛି ତାକୁ ନେଇ ଶ୍ରୀ ମିଶ୍ର କହିଛନ୍ତି ଯଦି କୁମ୍ଭାର ସାହିର ଡ୍ରେନ କୁ ରାସ୍ତା ସହ ମିଶେଇ ଦିଆଯିବ ତେବେ ୨ ରୁ ୨.୫ଫୁଟ ରାସ୍ତା ବାହାରିଯାଆନ୍ତା। ବର୍ତ୍ତମାନ ଏ ଦିଗରେ କିଛି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନିଆଗଲେ ହୁଏତ ଭବିଷ୍ୟତରେ ଆଉ କିଛି ଟ୍ରାଫିକ ସମସ୍ୟା ଦେଖାଯିବ ନାହିଁ ବୋଲି ଶ୍ରୀ ମିଶ୍ର ଆଶାବ୍ୟକ୍ତ କରିଛନ୍ତି।

### ନାକ୍ ରେଟିଂ ଲାଞ୍ଚ ମାମଲା

## ସମ୍ବଲପୁର ପ୍ରଫେସରଙ୍କ ଘରେ ସିବିଆଇ ରେଡ୍

**ସମ୍ବଲପୁର,୫।୨(ସଂଚାର ବ୍ୟୁରୋ):** ନାକ୍ ରେଟିଂ ଲାଞ୍ଚ ମାମଲାରେ ଗିରଫ ହୋଇଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବୁଲୁ ମହାରଣାଙ୍କ ଘରେ ରେଡ୍ କରିଛି ସିବିଆଇ । ବୁର୍ଲା ସ୍ଥିତ ସରକାରୀ କ୍ୱାଟରରେ ଚଢ଼ାଉ କରିଛି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା। ଗତକାଲି(ମଙ୍ଗଳବାର) ସିବିଆଇର ୨ଜଣିଆ ଟିମ୍ ବୁର୍ଲା ଆସି ପ୍ରଫେସର ବୁଲୁ ମହାରଣାଙ୍କ ଭାଇଙ୍କଠୁ କ୍ୱାଟରର ଚାବି ଆଣି ତାଙ୍କ ଉପସ୍ଥିତିରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି । ଦିନ ପ୍ରାୟ ୧୧ଟାରେ ଏହି ଟିମ୍ ଆସି ଅପରାହ୍ନ ୨ଟା ପର୍ଯ୍ୟନ୍ତ ଯାଞ୍ଚ କରିଥିଲେ । ଏହାପରେ ସିବିଆଇ ଟିମ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ରଙ୍କୁ ଭେଟି କେତେକ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡିଛି । ପ୍ରଫେସର ବୁଲୁ ମହାରଣାଙ୍କ ଭାଇ ବିମଳ କୁମାର ମହାରଣା କହିଛନ୍ତି, "ଏହି ଟିମ ଭୁବନେଶ୍ୱରରୁ ଆସିଥିଲେ। ପାଖାପାଖି ଦିନ ୧୧ଟାରେ ପହଞ୍ଚି ସର୍ଚ୍ଚ କଲେ। ଏଠାରେ ଥିବା ୩ଟି ଆଲମିରା ଖୋଲି ଖୋଜାଖୋଜି କରିଥିଲେ। ଏଠାରେ ସେମାନେ କିଛି ପାଇଲେନି, କେବଳ କାଗଜପତ୍ରର ଫଟୋ ଉଠାଇ ନେଇଛନ୍ତି । ସେମାନେ ମୋତେ କିଛି ପଚରାଉଚରା କରିନଥିଲେ । ମୋତେ ଘର ଚାବି ବିଷୟରେ ପଚାରିଥିଲେ । ସେତେବେଳେ ମୋ ପାଖରେ କୌଣସି ଚାବି ନଥିଲା ମୋ ଭାଇ ପାଖରେ ଥିବ ବୋଲି କହିଥିଲି । ତାପରେ ଗୋଟିଏ ଦିନ ପରେ ଚାବି ମିଳିଲା, ତାପରେ ମୁଁ ତାଙ୍କୁ କଲ କରିଥିଲି। ଗତ ଥର ଆସିଥିବା ସମୟରେ ସେମାନେ ମୋତେ ଚାବି ମାଗିଥିଲେ। ସେତେବେଳେ ଚାବି ମୋ ପାଖରେ ନଥିଲା ମୋ ଭାଇଙ୍କ ପାଖରେ ଭୁବନେଶ୍ୱରରେ ଥିଲା ବୋଲି କହିଥିଲି। ସେତେବେଳେ ସେମାନେ କ୍ୱାଟରକୁ ସିଲ କରିଥିଲେ ।" ଏନେଇ ସିବିଆଇ ଅଧିକାରୀ କିଛି ପ୍ରତିକ୍ରିୟା ରଖିନାହାନ୍ତି। ସୂଚନାଯୋଗ୍ୟ ଯେ, ନାକ୍ ରେଟିଂ ପାଇଁ ଲାଞ୍ଚ କାରବାରରେ ସିବିଆଇ ଦ୍ୱାରା ଗତ ରବିବାର ଦିନ ୧୦ ଗିରଫ ହୋଇଥିବା ସୂଚନା ମିଳିଥିଲା । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରଫେସର ବୁଲୁ ମହାରଣା ମଧ ଅଛନ୍ତି। ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ସ୍ଥିତ ଏକ ଶିକ୍ଷା ଅନୁଷ୍ଠାନର ନାକ୍ ରେଟିଂ ବଢ଼ାଇବା ପାଇଁ ଲାଞ୍ଚ ମଗାଯାଇଥିବା ଅଭିଯୋଗରେ ଏହି ଗିରଫଦାରୀ ହୋଇଥିବା ସୂଚନା ମିଳିଥିଲା ।

### ସଡ଼କ ଦୁର୍ଘଟଣା ହ୍ରାସ କରିବାକୁ ମାନସମନ୍ଥନ

## ପରିବହନ ବିଭାଗ ଓ ପୋଲିସର ମିଳିତ ଏନଫୋର୍ସମେଣ୍ଟ ବୃଦ୍ଧି ନିଷ୍ପତ୍ତି



**ଆଇଆଇଟି ମାଡ୍ରାସ ଦ୍ୱାରା ଆଗାମୀ ୩ ବର୍ଷ ପାଇଁ ରୋଡମ୍ୟାପ**

**ଭୁବନେଶ୍ୱର,୬।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ପ୍ରଭାବୀ କରିବାକୁ ପୋଲିସ ମହାନିର୍ଦ୍ଦେଶକ ଓ୍ୱାଇବି ଖୁରାନିଆଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (କ୍ରାଇମ୍) ବିନୟତୋଷ ମିଶ୍ର, ପରିବହନ ଆୟୁକ୍ତ ତଥା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅମିତାଭ ଠାକୁରଙ୍କ ସମେତ ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲ୍ ସୁବ୍ରମନିଅନ ଉପସ୍ଥିତ ଥିଲେ ।

କ୍ରମାଗତ ଭାବେ ବଢୁଥିବା ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁସଂଖ୍ୟାକୁ ନେଇ ଡିଜିପି ଚିନ୍ତାବ୍ୟକ୍ତ କରିଥିଲେ । ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ଏନଫୋର୍ସମେଣ୍ଟକୁ ବୃଦ୍ଧି କରିବା ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ମିଳିତ ଭାବେ କଡ଼ାକଡ଼ି ଏନଫୋର୍ସମେଣ୍ଟ କରିବା ଉପରେ ସେ ପ୍ରାଧାନ୍ୟ ଦେଇଥିଲେ । ଓଡ଼ିଶାରେ ସଡ଼କ ସୁରକ୍ଷାକୁ ପ୍ରଭାବୀ କରିବା ପାଇଁ ଚୁକ୍ତିବଦ୍ଧ ହୋଇଥିବା ଆଇଆଇଟି ମାଡ୍ରାସ ପକ୍ଷରୁ ତିନି ବର୍ଷିଆ ଯୋଜନା ଉପସ୍ଥାପିତ ହୋଇଥିଲା । ଦୁର୍ଘଟଣା ହ୍ରାସ ପାଇଁ ଏନଫୋର୍ସମେଣ୍ଟ ଓ ସଚେତନତା ବ୍ୟତୀତ ଦୁର୍ଘଟଣା ଘଟିଲେ କିଭଳି ଜୀବନ ରକ୍ଷା ହୋଇପାରିବ ସେଥିପାଇଁ ମଧ ସ୍ୱାସ୍ଥ୍ୟ ବିଭାଗ ସହଭାଗିତାରେ ବିଶେଷ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ଟ୍ରମା କେୟାର ସେଣ୍ଟର ସହ ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି । ଏହାସହ ସଡ଼କ ନିର୍ମାଣକାରୀ ସଂସ୍ଥା ସହଭାଗିତାରେ ରାସ୍ତା ଇଞ୍ଜିନିୟରିଂ ଦିଗ ଉପରେ ମଧ ଗୁରୁତ୍ୱ ରହିବ ।

## ଜୋରଦାର ଗାଡ଼ି ଚେକିଂ

**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ଫେବୃଆରି ୧୦ରୁ ହେବ ବଡ଼ ଧରଣର ଧରପଗଡ଼। ଏନେଇ କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଗାଡ଼ି କାଚରେ କଳାଜରି, ଉଚ୍ଚ ଶବ୍ଦରେ ହର୍ଣ୍ଣ ଥିଲେ କଡ଼ା ଆକ୍ସନ ନିଆଯିବ। ସେହିପରି କଟକ ଓ ଭୁବନେଶ୍ୱରରେ ବ୍ୟାପକ ଚଢ଼ାଉ ହେବ। ୧୦ ପୂର୍ବରୁ ଏନେଇ ଗାଡ଼ି ଚାଳକ ସଚେତନ ହୋଇଯିବାକୁ ପୋଲିସ ପରାମର୍ଶ ଦେଇଛି। ସେହିପରି ଆଗ ଓ ପଛକାଚ ଦେଇ ଅତି କମରେ ୭୦ ପ୍ରତିଶତ ଦେଖାଯିବା ଜରୁରୀ। ବାମ ଓ ଡାହାଣ ପାର୍ଶ୍ୱ କାଚ ଦେଇ ଅତି କମରେ ୫୦ ପ୍ରତିଶତ ଦେଖାଯିବା ଜରୁରୀ ବୋଲି ସୂଚନା ମିଳିଛି।



## ବାଲୁଗାଁ-ପଲାସା ରେଳ ସେକ୍ସନ ପରିଦର୍ଶନ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ



**ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ):** ବାଲୁଗାଁ-ପଲାସା ରେଳପଥ ସେକ୍ସନକୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପରିଦର୍ଶନ କରିଛନ୍ତି । ସୁରକ୍ଷା ପଦକ୍ଷେପ, ଟ୍ରାଫିକ ଯାତାୟାତ ସୁବିଧା, ଯାତ୍ରୀ ସୁବିଧା ଏବଂ ଭିତ୍ତିଭୂମି ବିକାଶ କାର୍ଯ୍ୟର ନିରିକ୍ଷଣ କରିଥିଲେ। ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ପୁଙ୍ଖାନୁପୁଙ୍ଖ କାର୍ଯ୍ୟ ସମୀକ୍ଷା କରିଥିଲେ। ବିଶେଷକରି ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟ ଉପରେ ଧ୍ୟାନ ଦେଇଥିଲେ। ନିର୍ମାଣ କାର୍ଯ୍ୟ ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ସାମଗ୍ରିକ ଯାତ୍ରୀ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଏହି ଅତ୍ୟାବଶ୍ୟକ ଉନ୍ନୟନଗୁଡ଼ିକୁ ସମୟାନୁସାରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଫୁଙ୍କୱାଲ ରନିଙ୍ଗ ରୁମରେ ପ୍ରଦାନ କରାଯାଇଥିବା ପରିଷ୍କାର ପରିଚ୍ଛନ୍ନତା ଏବଂ ଖାଦ୍ୟ ସେବାର ଗୁଣବତ୍ତା ଉପରେ ମଧ ବିଶେଷ ଧ୍ୟାନ ଦେଇଥିଲେ। ସୋମପେଟା ଏବଂ ଇଚ୍ଛାପୁରମର ସେତୁ ପରିଦର୍ଶନ କରିଥିଲେ। ପଲାସା ଷ୍ଟେସନରେ ସେ ରେଳବାଇ କଲୋନି, କର୍ମଚାରୀଙ୍କ ପାଇଁ ରନିଙ୍ଗ ରୁମ୍ ଏବଂ ରୁଟ୍ ରିଲେ ଇଣ୍ଟରଲକିଂ (RRI) କୋଠା ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ, ସେ ରନିଙ୍ଗ ରୁମ୍ କର୍ମଚାରୀମାନଙ୍କୁ ସେମାନଙ୍କର ଉତ୍କୃଷ୍ଟ ରକ୍ଷଣାବେକ୍ଷଣ ଏବଂ ପରିଷ୍କାର ପରିଚ୍ଛନ୍ନତା ପାଇଁ ନଗଦ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ମହାପ୍ରବନ୍ଧକ ଫୁଙ୍କୱାଲ ପଲାସା ଏବଂ ଇଚ୍ଛାପୁରମରେ ଟ୍ରେନ ପରିଚାଳନାର ସୁରକ୍ଷା ଦିଗଗୁଡ଼ିକ ଯାଞ୍ଚ କରିଥିଲେ। ଯେଉଁଥିରେ ପଲାସା ନିକଟବର୍ତ୍ତୀ ସେତୁ, ଇଚ୍ଛାପୁରମ ୟାର୍ଡରେ ରେଳବାଇ କଲୋନି ଏବଂ ଟିଆରଡି ଡିପୋ ଅନ୍ତର୍ଭୁକ୍ତ। ସେ, ଯାତ୍ରୀ ସୁବିଧା ଏବଂ ବ୍ରହ୍ମପୁର ଷ୍ଟେସନରେ ଚାଲୁରହିଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକର ମଧ ସମୀକ୍ଷା କରିଥିଲେ। ଏହି ନୀରିକ୍ଷଣ ସମୟରେ, ଜନପ୍ରତିନିଧି ଏବଂ ବିଭିନ୍ନ ସଂଗଠନର ସଦସ୍ୟଙ୍କ ସହ ସାକ୍ଷାତ କରି ଅଞ୍ଚଳର ରେଳ ସେବାରେ ଆହୁରି ଉନ୍ନତି ପାଇଁ ସେ ପରାମର୍ଶ ସଂଗ୍ରହ କରିଥିଲେ। ଏହି ଯାଞ୍ଚ ସମୟରେ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍.ଏସ୍. ବଜୱା, ପୂର୍ବତଟ ରେ;ଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ଅନ୍ୟ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତରେ ସରକାରୀ ଯୋଜନା ତଦାରଖ କରିବେ ଆଇଏଏସ୍ ଅଫିସର



**ନୂଆଦିଲ୍ଲୀ, ୫।୧:** ଆଇଏଏସ୍ ବାବୁମାନେ ଦୁଇ ମାସରେ ଦୁଇ ଦିନ ନିଶ୍ଚିତ ଜିଲ୍ଲା ଗସ୍ତରେ ଯିବେ । ପଞ୍ଚାୟତକୁ ଯାଇ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ଅନୁଧାନ କରିବେ । ସ୍କୁଲରେ ମଧାହ୍ନଭୋଜନ ହେଉ ଅବା ଆହାର କେନ୍ଦ୍ରରେ ନିଶ୍ଚୟ ଖାଇବେ । ଖାଦ୍ୟର ମାନ ପରଖିବେ । ରାତି କାଟିବେ ।

ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ହିତାଧିକାରୀଙ୍କ ସହ ଖୋଲା ଆଲୋଚନା କରିବେ । ଭଲମନ୍ଦ ପଚାରି ବୁଝିବେ । ସରକାରଙ୍କ ପକ୍ଷରୁ ସଚିବମାନଙ୍କୁ ଏମିତି ଜାରି ହୋଇଛି ନିର୍ଦ୍ଦେଶ । ନୂଆ ସରକାର ଆସିବା ପରେ ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବାକୁ ବିଭାଗୀୟ ସଚିବମାନେ ଜିଲ୍ଲା ଗସ୍ତରେ ଯିବାକୁ ନିଷ୍ପତ୍ତି ହେଲା । ଏପରିକି ମନ୍ତ୍ରୀମାନଙ୍କୁ ମଧ ଦୁଇଟି ଲେଖାଏଁ ଜିଲ୍ଲାର ଦାୟିତ୍ୱ ଦିଆଗଲା । ମାତ୍ର ସରକାରୀ ନିର୍ଦ୍ଦେଶ କାଟୁ କଲାନି ।

ଅଧିକାଂଶ ଜିଲ୍ଲାକୁ ବାବୁମାନେ ଆଦୌ ଯାଇନାହାନ୍ତି । ଏହା ଗଣମାଧ୍ୟମରେ ଚର୍ଚ୍ଚା ପରେ ଏବେ ଉନ୍ନୟନ କମିଶନର ପୁଣି ଜାରି କରିଛନ୍ତି ନିର୍ଦ୍ଦେଶନାମା । ବିଭାଗୀୟ ବାବୁମାନେ ପଞ୍ଚାୟତକୁ ଯିବେ । ଯୋଜନାର ତଦାରଖ କରିବେ। ଅପହଞ୍ଚ ଓ ଆଦିବାସୀ ଅଞ୍ଚଳକୁ ଯାଇ ବିକାଶ କାମ କେଉଁଠି ପହଞ୍ଚିଛି, ତାକୁ ଦେଖିବେ । ସରକାରୀ ଯୋଜନାରେ ଲୋକେ ମୌଳିକ ସୁବିଧା ପାଉଛନ୍ତି ନା' ବଞ୍ଚିତ ଅଛନ୍ତି, ପଚାରି ବୁଝିବେ । ଅନାଥାଶ୍ରମ କିମ୍ବା ଆହାର କେନ୍ଦ୍ରରେ ବାବୁ ମଧାହ୍ନଭୋଜନ ଖାଇବେ । ଯାଞ୍ଚ କରିବେ ଖାଦ୍ୟର ଗୁଣବତ୍ତା ।

ପରିଷ୍କାର, ପରିଚ୍ଛନ୍ନତା ଓ ସୁରକ୍ଷା ଦିଗକୁ ପରଖିବେ । କାର୍ଯ୍ୟକାରୀ ହେଉଥିବା ଯୋଜନାର ଚିକିନିଖି ସମୀକ୍ଷା ହେବ । ଅଭିଯୋଗ ଶୁଣାଣିରେ କେତେ ସମାଧାନ ହୋଇଛି ତାହାକୁ ମଧ ଯାଞ୍ଚ କରିବେ ସଚିବ। ଜୁନ୍‌ରୁ ଜାନୁଆରୀ ୮ ମାସ ବିତିଲାଣି । ବିକଶିତ ଓଡ଼ିଶା ଗଠନ ପାଇଁ ଡବଲ ଇଞ୍ଜିନ ସରକାର ବହୁ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ମଧ ନେଇଛନ୍ତି । ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ସାଧାରଣ ଲୋକଙ୍କ ସହ ଶାସନକୁ ଯୋଡ଼ିବାକୁ ଅମଲାମାନେ ଲୋକଙ୍କ ପାଖକୁ ଯିବାର ଢେର ଆବଶ୍ୟକତା ରହିଛି ।

ଏହାକୁ ଦୃଷ୍ଟିରେ ରଖି ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଶାସନ ସଚିବ ଓ ବରିଷ୍ଠ ଅଧିକାରୀଙ୍କ ଜିଲ୍ଲା ଗସ୍ତ ନେଇ ବିସ୍ତୃତ ଗାଇଡଲାଇନ୍ ଆସିଛି। ବରିଷ୍ଠ ଅଧିକାରୀଙ୍କ ଭିତରେ ୩୦ ଜିଲ୍ଲା ବଣ୍ଟାଯାଇଛି । ସରକାର ପରାମର୍ଶ ଦେଇଛନ୍ତି, ୧୬ଜିଲ୍ଲାରେ ଥିବା ୨୯ଟି ଆକାଂକ୍ଷୀ ବ୍ଲକ୍ ବୁଲିବେ ବରିଷ୍ଠ ଅଧିକାରୀ। ଅନୁଗୁଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼ର ୮ଟି ଡିଏମ୍ଏଫ୍ ଜିଲ୍ଲାରେ ଖଣିଜ ପାଣ୍ଠି ଓ ଓମ୍ବାଡ୍‌ସି ପାଣ୍ଠିର କିଭଳି ବିନିଯୋଗ ହୋଇଛି, ତା'ର ସମୀକ୍ଷା କରିବେ।

ଜିଲ୍ଲାର ବନ୍ଦର, ବିମାନବନ୍ଦର, ଶିଳ୍ପପାର୍କ, ମେଡିକାଲ କଲେଜ ଓ ଜଳସେଚନ ପ୍ରକଳ୍ପର ସମୀକ୍ଷା କରିବେ। ଜିଲ୍ଲା ବୁଲିବା ସମୟରେ ଜିଲ୍ଲାପାଳ ଓ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରି ଯାହାସବୁ ସମସ୍ୟା ଥିବା ତାକୁ କେମିତି ହଟେଇ ବିକାଶ ଆଗକୁ ଯିବ ସେ ନେଇ ବାବୁମାନେ ପରାମର୍ଶ ଦେବେ। ଜିଲ୍ଲାରୁ ଫେରି ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଫେବ୍ରୁଆରୀ ଓ ମାର୍ଚ୍ଚ ମାସ ପାଇଁ ବରିଷ୍ଠ ଅଧିକାରୀ ଦେଓରଂଜନ କୁମାର ସିଂଙ୍କୁ ଜଗତସିଂହପୁର ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ସୁରେନ୍ଦ୍ର କୁମାରଙ୍କୁ ଯାଜପୁର, ଜି. ଥିଭାଥନନ୍‌ଙ୍କୁ ବଲାଙ୍ଗୀର, ହେମନ୍ତ ଶର୍ମା ସମ୍ବଲପୁର, ଡ. ଅରବିନ୍ଦ ପାଢ଼ୀ ପୁରୀ, ଚିତ୍ରା ଅରୁମୁଗମ୍ ଖୋର୍ଦ୍ଧା, ଶାଶ୍ୱତ ମିଶ୍ର ଢେଙ୍କାନାଳ, ସଂଜୟ କୁମାର ସିଂହ ନୟାଗଡ଼, ସୁରେଶ ବଶିଷ୍ଠ ମୟୂରଭଞ୍ଜ, ଶୁଭା ଶର୍ମା ମାଲକାନଗିରି, ଉଷା ପାଢ଼ୀ ଭଦ୍ରକ, ବଲୱନ୍ତ ସିଂହ କେନ୍ଦୁଝର, ଶାଳିନୀ ପଣ୍ଡିତ କଟକ, ଅରବିନ୍ଦ ଅଗ୍ରୱାଲ ରାୟଗଡ଼ା, ଗିରୀଶ ଏସ୍ଏନ୍ କଳାହାଣ୍ଡି, ଭାସ୍କରଜ୍ୟୋତି ଶର୍ମା ସୁନ୍ଦରଗଡ଼ ଏବଂ ଭୂପେନ୍ଦ୍ର ଏସ୍ ପୁନିଆଙ୍କୁ ଅନୁଗୁଳ ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ଅନ୍ୟ ଜିଲ୍ଲା ଦାୟିତ୍ୱ ମଧ ବରିଷ୍ଠ ବାବୁମାନଙ୍କ ମଧ୍ୟରେ ବଣ୍ଟନ କରିଛନ୍ତି ସରକାର ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଆଜିର ସୁନା ଦର

ଭାଙ୍ଗିଲା ରେକର୍ଡ। ଭାରତୀୟ ବଜାରରେ ୮୬ହଜାର ପାର୍ କଲା ସୁନା ଦର। ସୁନା ମୂଲ୍ୟ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ରେକର୍ଡ ୮୬ହଜାର ୨୪୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯ ହଜାର ୦୫୦ଟଙ୍କା ଛୁଇଁଛି। ୪ ଦିନରେ ୬୮୦୦ ଟଙ୍କା ମହଙ୍ଗା ହୋଇଛି। ସେହିପରି ରୁପା ୯୯, ୫୦୦ ଟଙ୍କାରେ ପହଞ୍ଚିଛି। ଇଣ୍ଟରନ୍ୟାସନାଲ ମାର୍କେଟରେ ଦରବୃଦ୍ଧି ଓଡ଼ିଶା ମାର୍କେଟରେ ପ୍ରଭାବ ପଡିଛି। ଏଭଳି ଦରବୃଦ୍ଧି ହେଲେ ଖୁବଶୀଘ୍ର ସୁନା ଦର ୧ଲକ୍ଷ ଛୁଇଁବ ବୋଲି ଆଶଙ୍କା କରୁଛନ୍ତି ବ୍ୟବସାୟୀ। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୯, ୦୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୬ ,୨୪୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୦୫୦ ଟଙ୍କା ଓ ୮୬,୨୪୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୨୦୦ ଟଙ୍କା ଓ ୮୬, ୩୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୦୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୨୪୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୦୫୦ ଟଙ୍କା ଓ ୮୬,୨୪୦ ଟଙ୍କା ରହିଛି।



# ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ। ତେବେ ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# ଏଟିଏମରୁ ଟଙ୍କା ଉଠାଇବା ଏବେ ପଡିପାରେ ମହଙ୍ଗା

ନୂଆଦିଲ୍ଲୀ,୫।୨: ଯଦି ଆପଣ ମଧ ପ୍ରତି ମାସରେ ଏଟିଏମରୁ ନଗଦ ଟଙ୍କା ଉଠାନ୍ତି କିମ୍ବା ଡିଜିଟାଲ ପେମେଣ୍ଟ ବ୍ୟବହାର କରିବା ପରିବର୍ତ୍ତେ ନଗଦ ପେମେଣ୍ଟ କରନ୍ତି, ତେବେ ଏହି ଖବର ଆପଣଙ୍କୁ ତାଜୁବ କରିପାରେ। କହିରଖୁଛୁ କି, ଏଟିଏମରୁ ଟଙ୍କା ଉଠାଇବା ଏବେ ମହଙ୍ଗା ହୋଇପାରେ। କାରଣ ରିଜର୍ଭ ବ୍ୟାଙ୍କ, ଏଟିଏମରୁ ଟଙ୍କା ଉଠାଇବା ପାଇଁ ଶୁଳ୍କ ବୃଦ୍ଧି କରିବାକୁ ଯାଉଛି। ଆସନ୍ତୁ ଜାଣିବା ପୂରା ଘଟଣା। ବର୍ତ୍ତମାନ, ରିଜର୍ଭ ବ୍ୟାଙ୍କ ମାସକୁ ୫ଥର ଟଙ୍କା ଉଠାଇବା ପାଇଁ ସୁବିଧା ଦେଉଥିଲା। ଏଥିରେ କୌଣସି ଅଲଗା ଚାର୍ଜ ପଡୁ ନ ଥିଲା। କିନ୍ତୁ ଏବେ ଆରବିଆଇ ଏହି ୫ଟି କାରବାର ପରେ ହେଉଥିବା ଟଙ୍କା ଉଠାଣ ଉପରେ ଚାର୍ଜ ଏବଂ ଏଟିଏମ ଇଣ୍ଟରଚେଞ୍ଜ ଫି ବୃଦ୍ଧି କରିବାକୁ ଯୋଜନା କରୁଛି।

## ଟ୍ରମ୍ପଙ୍କୁ ପାଲଟା ଜବାବ ଦେଲା ଚୀନ୍

# ଆମେରିକୀୟ ସାମଗ୍ରୀ ଉପରେ ୧୦ରୁ ୧୫% ଶୁଳ୍କ ଲାଗୁ ପାଇଁ ଘୋଷଣା



ବେଜିଂ, ୫।୨: ଚୀନ୍ ଆମେରିକା ଉପରେ ନୂତନ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଏହି ଶୁଳ୍କ ଫେବୃଆରୀ ୧୦ ତାରିଖରୁ ଆମେରିକୀୟ ଉତ୍ପାଦଗୁଡ଼ିକ ଉପରେ କାର୍ଯ୍ୟକାରୀ ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଏହାର ଉତ୍ପାଦ ଉପରେ ଲାଗୁ ହୋଇଥିବା ଶୁଳ୍କ ପ୍ରତି ଜବାବରେ ଚୀନ୍ ଏହି ପଦକ୍ଷେପ ନେଇଛି। ଆମେରିକା ଚୀନ୍ ଉତ୍ପାଦ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରିଛି। ଏହାର ଜବାବରେ ଚୀନ୍ ମଧ ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରିଛି। ମଙ୍ଗଳବାର ଦିନ ଚୀନ୍ ଅର୍ଥ ମନ୍ତ୍ରଣାଳୟ ଆମେରିକୀୟ ଉତ୍ପାଦ ଉପରେ ୧୦ ରୁ ୧୫ ପ୍ରତିଶତ ଶୁଳ୍କ ଲଗାଇବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛି।

ବେଜିଂର ଶୁଳ୍କ ଆମେରିକାରୁ ଚୀନ୍‌ର ବଡ କାର, ପିକଅପ୍ ଟ୍ରକ୍, ଏଲଏନଜି, ଅଶୋଧିତ ତେଲ ଏବଂ କୃଷି ଯନ୍ତ୍ରପାତି ଆମଦାନୀକୁ ପ୍ରଭାବିତ କରିବ। ଚୀନ୍ କୋଇଲା ଏବଂ ପ୍ରାକୃତିକ ଗ୍ୟାସ ଉପରେ ୧୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଏବଂ ପେଟ୍ରୋଲିୟମ୍, କୃଷି ଉପକରଣ, ଉଚ୍ଚ ନିର୍ଗମନ ଯାନ ଏବଂ ପିକଅପ୍ ଟ୍ରକ୍ ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛି। ଚୀନ୍ କିଛି ପ୍ରମୁଖ ଖଣିଜ ପଦାର୍ଥର ରପ୍ତାନି ଉପରେ ନିୟନ୍ତ୍ରଣ ଲାଗୁ କରିଛି। ଏହା ସହିତ, ଗୁଗୁଲ୍ ଏବଂ କିଛି ଆମେରିକୀୟ କମ୍ପାନି ବିରୁଦ୍ଧରେ ତଦନ୍ତ ଆରମ୍ଭ ହୋଇଛି।

ଆମେରିକା ଏବଂ ଚୀନ୍ ପରସ୍ପର ଉପରେ ଶୁଳ୍କ ଲଗାଇବା ଯୋଗୁ, ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ବିବାଦ ବୃଦ୍ଧି ପାଇଛି। ଏହି କାରଣରୁ ଆଗାମୀ ଦିନରେ ଆମେରିକା ଏବଂ ଚୀନ୍ ମଧରେ ବାଣିଜ୍ୟିକ ଯୁଦ୍ଧ ତୀବ୍ର ହେବାର ସମ୍ଭାବନା ରହିଛି। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ ଏହି ଉତ୍ତେଜନା ଆରମ୍ଭ ହୋଇଥିଲା। ଆମେରିକା ଅନେକ ଦେଶ ଉପରେ ଶୁଳ୍କ ଲାଗୁ କରିଛି। ଏହି ଦେଶଗୁଡ଼ିକରେ ଚୀନ୍ ମଧ ଅନ୍ତର୍ଭୁକ୍ତ।

ଆମେରିକା ପକ୍ଷରୁ ଚୀନ୍ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିବା ପରେ ଚୀନ୍ ଅସନ୍ତୋଷ ପ୍ରକାଶ କରିଛି। ଚୀନ୍‌ର ଅର୍ଥ ମନ୍ତ୍ରଣାଳୟ କହିଛି ଯେ, ଆମେରିକା ଦ୍ୱାରା ଏକପାଖିଆ ଶୁଳ୍କ ଲାଗୁ କରିବା ଡବ୍ଲୁଟିଓ ନିୟମର ଖୋଲା ଉଲ୍ଲଂଘନ। ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଚୀନ୍ ଏବଂ ଆମେରିକା ମଧରେ ସ୍ୱାଭାବିକ ଅର୍ଥନୈତିକ ଏବଂ ବାଣିଜ୍ୟିକ ସହଯୋଗକୁ ଦୁର୍ବଳ କରିବାର ଆଶଙ୍କା ରହିଛି। ଚୀନ୍ ଆମେରିକୀୟ ଟେକ୍ ଜ୍ୟାଣ୍ଟ୍ ଗୁଗୁଲ୍ ବିରୋଧରେ ଏକାଧିକାର ବିରୋଧୀ ତଦନ୍ତ ଆରମ୍ଭ କରିଛି। ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ ରପ୍ତାନି ନିୟନ୍ତ୍ରଣ ତାଲିକାରେ ଟଙ୍ଗଷ୍ଟନ, ଟେଲୁରିୟମ୍, ବିସମୁଥ୍, ମୋଲିବଡେନମ୍ ଏବଂ ଇଣ୍ଡିୟମ୍ ଯୋଡିଛି। ଚୀନ୍ ଆମେରିକାର ପୋଷାକ କମ୍ପାନି ପିଭିଏଚ ଏବଂ ବାୟୋଟେକ୍ନୋଲୋଜି କମ୍ପାନି ଇଲୁମିନାକୁ ଏହାର ଅବିଶ୍ୱାସ ସଂସ୍ଥା ତାଲିକାରେ ଯୋଡିଛି। ଚୀନ୍ ସରକାର କହିଛନ୍ତି ଯେ, ଏହି ସଂସ୍ଥାଗୁଡ଼ିକ ଚୀନ୍ ଉଦ୍ୟୋଗଗୁଡ଼ିକ ସହିତ ସାଧାରଣ କାରବାରରେ ବାଧା ସୃଷ୍ଟି କରୁଛନ୍ତି ଏବଂ ସେମାନଙ୍କ ବିରୁଦ୍ଧରେ ପକ୍ଷପାତମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ସେନ୍‌ସେକ୍ସ ୧୩୯୭ ପଏଣ୍ଟ ବଢ଼ିଲା

## ନିବେଶକଙ୍କୁ ୪.୭ ଲକ୍ଷ କୋଟି ଫାଇଦା

ମୁମ୍ବାଇ, ୫।୨: କାନାଡା ଓ ମେକ୍ସିକୋ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ବର୍ତ୍ତମାନ ସମୟ ପାଇଁ ସ୍ଥଗିତ ରଖିବା ପରେ ଭାରତୀୟ ଷ୍ଟକ୍ ବଜାରରେ ଉତ୍ସାହ ଫେରିଛି। ଯେଉଁ ଟାଣରେ ଟ୍ରମ୍ପ ହୁଙ୍କାର ଦେଉଛନ୍ତି, ସେହି ଅନୁସାରେ ପଦକ୍ଷେପ ଗ୍ରହଣ କରିବାରେ ତାଙ୍କ କ୍ଷମତାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ଏକ ବଡ଼ ଧରଣର ବାଣିଜ୍ୟ ଲଢ଼େଇକୁ ନେଇ ଆଶଙ୍କାରେ ଥିବା ନିବେଶକମାନେ ଆଶ୍ୱସ୍ତ ହେବା ସହ ଉତ୍ସାହର ସହ ସେୟାର କାରବାର କରିଛନ୍ତି। ତାହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୩୯୭ ପଏଣ୍ଟ ବୃଦ୍ଧି ସହ ୭୮,୬୫୮ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୩୮୭ ପଏଣ୍ଟ ବୃଦ୍ଧି ସହ ୨୩,୭୩୯ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଘଟିଥିବା ବୃଦ୍ଧି ସହ ନିବେଶକମାନଙ୍କୁ ୪.୭ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଛି। ଷ୍ଟକ୍ ବଜାରରେ ଏଲ୍‌ଆଣ୍ଡ୍‌ଟି, ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ, ଆଦାନୀ ପୋର୍ଟସ୍, ଟାଟା ମୋଟର୍ସ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଅଲ୍‌ଟ୍ରାଟେକ୍ ସିମେଣ୍ଟ, ଏନ୍‌ଟିପିସି ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସେୟାର ମୂଲ୍ୟ ବଢ଼ିଛି। ନିବେଶକମାନେ ମୁଖ୍ୟତଃ ବ୍ୟାଙ୍କ, ଆର୍ଥିକ ସେବା, ଧାତବ, ଫାର୍ମା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କମ୍ପାନିଗୁଡ଼ିକରେ ନିବେଶ କରିବାକୁ ଆଗ୍ରହ ଦେଖାଇଥିଲେ। କିନ୍ତୁ ଏଫ୍‌ଏମ୍‌ସିଜି ପ୍ରତି ସେମାନେ ଏତେଟା ରୁଚି ଦେଖାଇନଥିଲେ। ବିଶେଷଜ୍ଞମାନଙ୍କ ମତରେ ଟ୍ରମ୍ପ ଶୁଳ୍କ ନିଷ୍ପତ୍ତିକୁ ସ୍ଥଗିତ ରଖିବା ଓ ଦେଶରେ ଏକ ଉତ୍ସାହଜନକ ବଜେଟ ଘୋଷଣା ହୋଇଥିବାରୁ ନିବେଶକମାନଙ୍କ ମନୋବଳ ବୃଦ୍ଧି ପାଇଛି। ଅର୍ଥନୀତିର ଗତି ପ୍ରଭାବିତ ହେବ ବୋଲି ଯେଉଁ ଆଶଙ୍କା କରାଯାଉଥିଲା, ତାହା ଦୂର ହୋଇଛି। ସେଥିପାଇଁ ନିବେଶକମାନେ ଆଜି ଉତ୍ସାହର ସହ କାରବାରରେ ଭାଗ ନେଇଥିଲେ।

## ଗୋ ଫ୍ରୀଡମ ଗୋଲ୍ଡ ଅଫର୍ ୨୦୨୪

# ବମ୍ପର ଡ୍ର'ର ବିଜେତାମାନଙ୍କୁ ଫ୍ରୀଡମ ପକ୍ଷରୁ ପୁରସ୍କୃତ




ଭୁବନେଶ୍ୱର, ୫।୨: ଦେଶର ଅଗ୍ରଣୀ ବ୍ରାଣ୍ଡର ଖାଇବା ତେଲର ଫ୍ରୀଡମ ହେଲଥ କୁକିଙ୍ଗ୍ ତେଲ ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ପାଇଁ 'ଗୋ ଫ୍ରୀଡମ ଗୋଲ୍ଡ ଅଫର'ର ବମ୍ପର ଡ୍ର 'ର ବିଜେତା ଘୋଷଣା କରିଛି। ପ୍ରତ୍ୟେକ ରାଜ୍ୟରୁ ଜଣେ ଭାଗ୍ୟଶାଳୀ ବିଜେତା ୫୦ ଗ୍ରାମ ସୁନା ମୁଦ୍ରା ପାଇଥିବାବେଳେ ପ୍ରତ୍ୟେକ ରାଜ୍ୟରୁ ୨ ବିଜେତାଙ୍କୁ ୧୦ ଗ୍ରାମ ସୁନା ମୁଦ୍ରା ପାଇଥିଲେ। ଉତ୍ସବର ଅବସରରେ ଗ୍ରାହକଙ୍କ ସହ ଜଡିତ ହେବା ପାଇଁ ପ୍ରମୋସନାଲ୍ ସ୍କିମ୍ 'ଗୋ ଫର୍ ଫ୍ରିଡମ୍ ଗୋଲ୍ଡ ଅଫର୍ ୨୦୨୪ ' ପ୍ରବର୍ତ୍ତିତ ହୋଇଥିଲା। ଏହା ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ଓଡିଶା ଏବଂ ଛତିଶଗଡ ରାଜ୍ୟକୁ ଅନ୍ତର୍ଭୁକ୍ତ କରିଥିଲା। ଏହି ଅଞ୍ଚଳରେ ୧୦୦ ଗ୍ରାହକ ଦୈନିକ ୧-ଗ୍ରାମ ସୁନା ଜିତିଥିଲେ ଏବଂ ବମ୍ପର ଡ୍ର' ରେ ଅଂଶଗ୍ରହଣ କରିବାର ସୁଯୋଗ ମଧ ପାଇଥିଲେ ଜ୍ଞ 'ଗୋ ଫର୍ ଫ୍ରିଡମ୍ ଗୋଲ୍ଡ ଅଫର୍ ୨୦୨୪ ' ରେ ଅଂଶଗ୍ରହଣ କରିବାକୁ ଗ୍ରାହକମାନେ ଏହି ବଜାରରେ ଦୁଇଟି ଲିଟର ପାଉଚ୍ ଫ୍ରିଡମ୍ ରିଫାଇନଡ୍ ସୂର୍ଯ୍ୟମୁଖୀ ତେଲ କିଣିବା ଆବଶ୍ୟକ କରନ୍ତି। ଏହି ଯୋଜନାକୁ ସମସ୍ତ ରାଜ୍ୟରୁ ଜବରଦସ୍ତ ପ୍ରତିକ୍ରିୟା ମିଳିଥିଲା। ଏହି ଯୋଜନାର ଏକ ଅଂଶ ଭାବରେ ୫ ଭାଗ୍ୟଶାଳୀ ବିଜେତା (ପ୍ରତ୍ୟେକ ରାଜ୍ୟରୁ ୧) ୫୦ ଗ୍ରାମ ସୁନା ମୁଦ୍ରା ପାଇଥିବାବେଳେ ୧୦ ବିଜେତା (ପ୍ରତ୍ୟେକ ରାଜ୍ୟରୁ ୨) ୧୦ ଗ୍ରାମ ସୁନା ମୁଦ୍ରା ପାଇବେ। ସମୁଦାୟ ୫୫୦୦ ଭାଗ୍ୟଶାଳୀ ବିଜେତା ସମଗ୍ର ରାଜ୍ୟରେ ୧ ଗ୍ରାମ ଗୋଲ୍ଡ ମୁଦ୍ରା ପାଇଲେ। ପାଇନ୍ ଲ୍ୟାବସ୍ ପିଭି ଲିମିଟେଡ୍ ହେଉଛି 'ଗୋ ଫର୍ ଫ୍ରିଡମ୍ ଗୋଲ୍ଡ ଅଫର୍ ୨୦୨୪' ର ଟେକ୍ନୋଲୋଜି ପାର୍ଟନର। ସେମାନେ ମଧ ବାଣିଜ୍ୟ ଇକୋସିଷ୍ଟମ ମଧରେ ଏକ ବିସ୍ତୃତ ପହଞ୍ଚିବା ସହିତ ଭାରତରେ ପଏଣ୍ଟ ଅଫ୍ ବିକ୍ରୟ ଏବଂ ଦେୟ ସମାଧାନର ଏକ ପ୍ରମୁଖ ପ୍ରଦାନକାରୀ ଥିଲେ। ଶ୍ରୀ ଚେତନ ପିମ୍ପଲଖୁଟ୍, ଜିଏମ୍, ମାର୍କେଟିଂ, ଫ୍ରିଡମ୍ ହେଲଥ୍ କୁକିଙ୍ଗ୍ ଅଏଲ୍ ଲିମିଟେଡ୍, କହିଛନ୍ତି ଯେ 'ଫ୍ରିଡମ୍ ହେଲଥ୍ କୁକିଙ୍ଗ୍ ତେଲରେ ଆମ ଗ୍ରାହକଙ୍କୁ ଗୁଣାତ୍ମକ ତଥା ନିରାପଦ ଉତ୍ପାଦ ପ୍ରଦାନ କରିବା ବ୍ୟତୀତ 'ଗୋ ଫର୍ ଫ୍ରିଡମ୍ ଗୋଲ୍ଡ ଅଫର୍ ୨୦୨୪' ଆମେ କାର୍ଯ୍ୟ କରୁଥିବା ଭୌଗୋଳିକ ସ୍ତରରେ। ଏହି ଅଫର୍ ଲୋକମାନଙ୍କ ମଧରେ ସୁଖ ବିସ୍ତାର କରିଛି ଜ୍ଞ ସମସ୍ତ ଭାଗ୍ୟଶାଳୀ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ଏବଂ ଏହି ଯୋଜନାରେ ଅଂଶଗ୍ରହଣ କରିଥିବା ଏବଂ ଏହାକୁ ଏକ ବଡ଼ ସଫଳତା ଦେଇଥିବା ସମସ୍ତ ଗ୍ରାହକଙ୍କୁ ଧନ୍ୟବାଦ। ଫ୍ରିଡମ୍ ବିଶୋଧିତ ସୂର୍ଯ୍ୟମୁଖୀ ତେଲ ଭିଟାମିନ୍ ଏ ଏବଂ ଡି ସହିତ ପ୍ରସ୍ତୁତି ହୋଇଛି। ଏହା ପ୍ରାକୃତିକ ଭାବରେ ଘଟୁଥିବା ଭିଟାମିନ୍ ଇ ରେ ମଧ ଭରପୂର ଅଟେ। ଏହା ସମଗ୍ର ପରିବାର ପାଇଁ ଏକ ସୁସ୍ଥ ପସନ୍ଦ ଜ୍ଞ ଫ୍ରିଡମ୍ ହେଉଛି ସୂର୍ଯ୍ୟମୁଖୀ ତେଲର ଏକ ଅଗ୍ରଣୀ ବ୍ରାଣ୍ଡ ଏବଂ ବର୍ତ୍ତମାନ ଭାରତରେ ସୂର୍ଯ୍ୟମୁଖୀ ତେଲ ବର୍ଗରେ ବଜାର ଅଂଶ ଅନୁଯାୟୀ ଏକ ନମ୍ବର ସ୍ଥାନରେ ରହିଛି।

'ଫ୍ରିଡମ୍' ହେଉଛି ମିଥୁନ ଏଡିବଲ୍ସ ଆଣ୍ଡ ଫ୍ୟାଟ୍ସ ଇଣ୍ଡିଆ ଲିମିଟେଡ୍ (ଜିଏଫ୍ ଇଣ୍ଡିଆ) ର ଫ୍ଲାଗସିପ୍ ବ୍ରାଣ୍ଡ ଜ୍ଞ ଏହା ସୁସ୍ଥ ରନ୍ଧନ ତୈଳ ଯାହା ଶାରୀରିକ ଭାବରେ ବିଶୋଧିତ ଚାଉଳ କଞ୍ଚା ତେଲ, ଫ୍ରିଡମ୍ କଚି ଘାନି ସୋରିଷ ତେଲ, ଫ୍ରିଡମ୍ ଗ୍ରାଉଣ୍ଡନଟ୍ ତେଲ, ଶ୍ରୀ କୃପା ଦୀପମ୍ ତେଲ ଏବଂ ବି-ରାଇଟ୍ ରିଫାଇନଡ୍ ସୂର୍ଯ୍ୟମୁଖୀ ତେଲ ଭାବରେ ଉପଲବ୍ଧ। 'ଫ୍ରିଡମ୍' ବ୍ରାଣ୍ଡ ୨୦୧୦ ରେ ଆନ୍ଧ୍ରପ୍ରଦେଶ ଏବଂ ଓଡିଶାରେ ଲଞ୍ଚ କରାଯାଇଥିଲା। ଫ୍ରିଡମ୍ ରିଫାଇନଡ୍ ସୂର୍ଯ୍ୟମୁଖୀ ତେଲ ହେଉଛି ଭାରତରେ କ୍ରମାଗତ ୪ର୍ଥ ବର୍ଷ ପାଇଁ ଭଲ୍ୟୁମ୍ ବିକ୍ରୟ ଦ୍ୱାରା ଭାରତ ରେ ଏକ ନମ୍ବର ବ୍ରାଣ୍ଡ୍ ହୋଇପାରିଛି। ୨୦୧୦ ମସିହାରେ ଆନ୍ଧ୍ରପ୍ରଦେଶ ଏବଂ ଓଡିଶାରେ 'ଫ୍ରିଡମ୍' ବ୍ରାଣ୍ଡ ଲଞ୍ଚ କରାଯାଇଥିଲା।ଫ୍ରିଡମ୍ ରିଫାଇନଡ୍ ସୂର୍ଯ୍ୟମୁଖୀ ତେଲ ହେଉଛି ସୂର୍ଯ୍ୟମୁଖୀ ତେଲ ବର୍ଗରେ କ୍ରମାଗତ ୪ବର୍ଷ ପାଇଁ ଭାରତର ନଂ ୧ ବ୍ରାଣ୍ଡ ରୂପେ ପରିଚିତ। ଇଣ୍ଡିଆ ଟୁଡେ 'ଇପ୍ସୋସ୍ ସହରୀ ଉପଭୋକ୍ତା ଭାବନା ସର୍ବେକ୍ଷଣ ୨୦୨୦' ଅନୁଯାୟୀ ଫ୍ରିଡମ୍ ' ଭାରତର ଶ୍ରେଷ୍ଠ ପାଞ୍ଚଟି ରନ୍ଧନ ତେଲ ବ୍ରାଣ୍ଡ ମଧରେ ସ୍ଥାନ ପାଇଥିଲା।

# ଆପୋଲୋରେ ବିଶ୍ୱ କର୍କଟ ଦିବସ




ଭୁବନେଶ୍ୱର,୫।୨: ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏପରିକି ଆପୋଲୋ କ୍ୟାନ୍‌ସର ସେଣ୍ଟର,ଆଇସିଏମ୍‌ଆର, ଆଇଏମ୍‌ଏ ଏବଂ ଏସ୍‌ଓଏର ମିଳିତ ସହଭାଗିତାରେ ଏକ ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ ନୂତନ ଅଭିଯାନ ' ୟୁନିଫାଏ ଟୁ ନୋଟିଫାଏ-ଅନ୍ କ୍ୟାନ୍‌ସର ଡେ'ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ସିଓଓ ଏବଂ ଡିଏମ୍‌ଏସ୍ ଡା. ଆଲୋକ ଶ୍ରୀବାସ୍ତବ କହିଥିଲେ, ଆମେ ସଚେତନ ହେଲେ ସୁସ୍ଥ ରହିବା ସହିତ ଶାରୀରିକ ଭାବେ ସକ୍ଷମ ହୋଇପାରିବା। ଏହି ଅଭିଯାନ ମଧ ଜନସଚେତନତାର ପ୍ରମୁଖ ମାଧ୍ୟମ ପାଲଟିବ। ସେହିଭଳି ଆଇଏମ୍‌ଏର ଭୁବନେଶ୍ୱର ଶାଖା ସମ୍ପାଦକ ଡା . ପ୍ରତ୍ୟୁଷ ରାୟ କହିଥିଲେ, ରୋଗୀ ସେବା ଓ ରୋଗର ନିରାକରଣ ପାଇଁ ଆମେ ସବୁ ସ୍ତରରେ ସଚେତନା ଓ ସର୍ତ୍ତକତା ଅବଲମ୍ବନ କରିବାକୁ ପରାର୍ମଶ ଦେବା ସହ ଉତ୍ତମ ସେବା ପ୍ରତି ମଧ ଯତ୍ନବାନ୍ ହେବା ଆବଶ୍ୟକ ରହିଛି। ସେହିପରି ଆଇସିଏମ୍‌ଆର୍‌ର ବୈଜ୍ଞାନିକ ଡା. ଜ୍ୟୋତିର୍ମୟୀ ଏବଂ ଓଏସ୍‌ଏର ସଦସ୍ୟ ଡା. ଭାଗ୍ୟଲକ୍ଷ୍ମୀ ନାୟକ କର୍କଟ ରୋଗ ଓ ନିରାକରଣ ଏବଂ ସତର୍ତକତା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ମହିନ୍ଦ୍ରା ଓ ହ୍ୟୁଣ୍ଡାଇକୁ ପଛରେ ପକାଇଲା ଟାଟା ମୋଟର୍ସ



ନୂଆଦିଲ୍ଲୀ, ୫।୨: ଜାନୁଆରୀ ୨୦୨୫ ପାଇଁ ଇଲେକ୍ଟ୍ରିକ୍ କାରର ବିକ୍ରୟ ରିପୋର୍ଟ ମଧ ପ୍ରକାଶ ପାଇଛି। ଗତ ମାସରେ ଜାନୁଆରୀରେ, ଟାଟା ମୋଟର୍ସ ସର୍ବାଧିକ ସଂଖ୍ୟକ ଇଭି ବିକ୍ରି କରିଥିବା କାର୍ କମ୍ପାନୀ ହୋଇଥିଲା। ଇଲେକ୍ଟ୍ରିକ୍ ଯାନ ବିକ୍ରୟରେ, ଟାଟା ମୋଟର୍ସ, ମହିନ୍ଦ୍ରା ଏବଂ ହ୍ୟୁଣ୍ଡାଇ ସମେତ ସମସ୍ତ ଇଭି କମ୍ପାନୀକୁ ପଛରେ ପକାଇ ଦେଇଛି। ଟାଟା ମୋଟର୍ସ ଜାନୁଆରୀ ୨୦୨୫ରେ ୫୦୩୭ ୟୁନିଟ୍ ବିକ୍ରି କରିଥିଲା। ଯଦିଓ ଏହି କାର କମ୍ପାନୀ ଗତ ମାସରେ ବିକ୍ରିରେ ନମ୍ବର ୱାନ ହୋଇଥିଲା, କିନ୍ତୁ ଜାନୁଆରୀ ୨୦୨୪ ତୁଳନାରେ ୧୩ ପ୍ରତିଶତ କମ ବିକ୍ରି ହୋଇଛି। ଏଥର, ଇଲେକ୍ଟ୍ରିକ୍ କାର ବିକ୍ରୟରେ ଟାଟାର ୪୫ ପ୍ରତିଶତ ବଜାର ଅଂଶ ଥିଲା, ଯାହା ଜାନୁଆରୀ ୨୦୨୪ରେ ୬୮ ପ୍ରତିଶତ ଥିଲା। ଟାଟା ମୋଟର୍ସ ବର୍ତ୍ତମାନ ଯାତ୍ରୀବାହୀ ଯାନର ସର୍ବାଧିକ ପୋର୍ଟଫୋଲିଓ ରଖିଛି। ଟାଟାର ଇଲେକ୍ଟ୍ରିକ୍ କାରଗୁଡ଼ିକ ମଧରେ ନେକ୍ସନ ଇଭି, ଟିଗୋର ଇଭି, ଟିଆଗୋ ଇଭି, ପଂଚ ଇଭି, ଏବଂ କର୍ଭ ଇଭି ଅନ୍ତର୍ଭୁକ୍ତ। ଏହି ବର୍ଷ, ହାରିଅର ଇଭି ଏବଂ ସିଏରା ଇଭି ଟାଟାର ଇଲେକ୍ଟ୍ରିକ୍ ଯାନ ସେଗମେଣ୍ଟକୁ ଆହୁରି ମଜବୁତ କରିବାକୁ ଯାଉଛନ୍ତି। ଦେଶରେ ଇଲେକ୍ଟ୍ରିକ୍ କାର ବିକ୍ରୟରେ ଜେଏସଡବ୍ଲ୍ୟୁ ଏମଜି ମୋଟର ଇଣ୍ଡିଆ ଦ୍ୱିତୀୟ ସ୍ଥାନରେ ରହିଛି। କମ୍ପାନୀ ଗତ ମାସରେ ୪୨୨୫ଟି ଇଲେକ୍ଟ୍ରିକ୍ କାର ବିକ୍ରି କରିଥିଲା। ଜାନୁଆରୀ ୨୦୨୪ରେ, କମ୍ପାନୀ କେବଳ ୧୨୦୩ ୟୁନିଟ୍ ବିକ୍ରି କରିଥିଲା। ଗତ ମାସର ବିକ୍ରୟରେ କମ୍ପାନୀ ୨୫୧ ପ୍ରତିଶତ ଲାଭ କରିଛି। ଏମଜିର ତିନୋଟି ଇଲେକ୍ଟ୍ରିକ୍ କାର ୱିଣ୍ଡସର ଇଭି, ଜେଡଏସ ଇଭି ଏବଂ କମେଟ ଇଭି ବର୍ତ୍ତମାନ ଭାରତୀୟ ବଜାରରେ ଉପଲବ୍ଧ। ୱିଣ୍ଡସର ଇଭି ଲଞ୍ଚ ହେବା ପରଠାରୁ କମ୍ପାନୀର ବିକ୍ରୟ ବୃଦ୍ଧି ପାଇଛି। ଏହି ତାଲିକାରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ତୃତୀୟ ସ୍ଥାନରେ ଅଛି। କମ୍ପାନୀ ଜାନୁଆରୀ ୨୦୨୫ରେ ୬୮୬ ୟୁନିଟ୍ ଏକ୍ସୟୁଭି୪୦୦ ବିକ୍ରି କରିଛି। ଗତ ବର୍ଷ ଜାନୁଆରୀ ୨୦୨୪ ତୁଳନାରେ କମ୍ପାନୀ ଏହି ବର୍ଷ ୧୩ ପ୍ରତିଶତ କ୍ଷତି ସହିଛି। ମହିନ୍ଦ୍ରାର ବର୍ତ୍ତମାନ ବଜାରରେ କେବଳ ଗୋଟିଏ ଇଲେକ୍ଟ୍ରିକ୍ କାର ଅଛି। ଆଗାମୀ ସମୟରେ, ଆଉ ଦୁଇଟି ଇଲେକ୍ଟ୍ରିକ୍ କାର ବିଇ ୬ ଏବଂ ଏକ୍ସଇଭି ୯ଇ ମଧ ଭାରତୀୟ ବଜାରରେ ପ୍ରବେଶ କରିବାକୁ ଯାଉଛି। ଯାତ୍ରୀବାହୀ ଯାନ ବିକ୍ରୟରେ ହୁଣ୍ଡାଇ ମୋଟର ଇଣ୍ଡିଆ ଦ୍ୱିତୀୟ ସ୍ଥାନରେ ରହିଛି। ସେହି ସମୟରେ, ଏହି କମ୍ପାନୀ ଇଲେକ୍ଟ୍ରିକ୍ କାର ବିକ୍ରୟରେ ଚତୁର୍ଥ ସ୍ଥାନ ହାସଲ କରିଛି।

# ଶସ୍ତା ହେଲା ଦେଶର ୧ ନମ୍ବର ଏସୟୁଭି ଟାଟା ପଞ୍ଚ୍




ନୂଆଦିଲ୍ଲୀ, ୫।୨: ଭାରତୀୟ ବଜାରରେ ଟାଟା ମୋଟର୍ସର ଡିମାଣ୍ଡ ବେସ୍ ଅଧିକ ରହିଛି। ଦେଶରେ ମୋଷ୍ଟ ସେଲିଙ୍ଗ କାର୍ ହେଉଛି ଟାଟା ପଞ୍ଚ। ବର୍ତ୍ତମାନ କମ୍ପାନୀ ନିଜର ଟାଟା ପଞ୍ଚ କାର୍ ଉପରେ ୨୫,୦୦୦ ଟଙ୍କାର ଡିସକାଉଣ୍ଟ ଦେଉଛି। ଏହି ଡିସକାଉଣ୍ଟ ଆପଣଙ୍କୁ ଟାଟା ପଞ୍ଚ ର ସମସ୍ତ ଭ୍ୟାରିଆଣ୍ଟ ରେ ମିଳିବ। ଗତ ୪୦ ବର୍ଷ ମଧରେ ଏହା ପ୍ରଥମ ଥର ନନ୍-ମାରୁତି କାର୍ ବେଷ୍ଟ ସେଲ୍ ହୋଇଛି। ଟାଟା ପଞ୍ଚ ୨୦୨୪ ମସିହାରେ ୨ ଲକ୍ଷ ୨୦ ହଜାରରୁ ଅଧିକ ୟୁନିଟ୍ SUV ସେଲ୍ କରିଥିଲା ଏବଂ ଦେଶର ବେଷ୍ଟ ସେଲ୍ ହେଉଥିବା କାର୍ ହୋଇଥିଲା। ଯଦି ଆପଣ ମଧ ଏହି କାର କିଣିବାକୁ ପ୍ଲାନ୍ କରୁଛନ୍ତି ତେବେ ଆପଣ ଆପଣଙ୍କର ନିକଟସ୍ଥ ଡିଲରସିପ୍ ସହିତ ସମ୍ପର୍କ କରିପାରିବେ ଏବଂ କାର୍ ଉପରେ ଡିସକାଉଣ୍ଟ ବିଷୟରେ ମଧ ଜାଣିପାରିବେ। ଟାଟା ପଞ୍ଚ ଭାରତୀୟ ବଜାରରେ ଏକ୍ସ-ସୋରୁମ୍ ପ୍ରାଇସ୍ ୬.୧୨ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ଏଥିରେ ୧.୨ ଲିଟର ରେଭୋଟ୍ରନ୍ ଇଞ୍ଜିନ୍ ଲାଗିଛି। ଏହି ଇଞ୍ଜିନ୍ ୬,୭୦୦ଆରପିଏମରେ ୮୭.୮ପିଏସର ପାୱାର ମିଳିଥାଏ। ଏଥି ସହ ୩,୧୫୦ରୁ ୩,୩୫୦ଆରପିଏମ ପର୍ଯ୍ୟନ୍ତ ୧୧୫ଏନଏମର ଟର୍କ ମିଳିଥାଏ। ଏହି ଗାଡ଼ିର ଇଞ୍ଜିନ୍ ୫-ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିସନ୍ ଲାଗିଛି। ସେହିଭଳି ଟପ୍ ଭ୍ୟାରିଆଣ୍ଟରେ ଅଟୋମେଟିକ୍ ଟ୍ରାନ୍ସମିସନର ଅପ୍ସନ ମଧ ମିଳିଥାଏ। ଟାଟାର ଏହି କାର୍ ପେଟ୍ରୋଲ୍ ଭ୍ୟାରିଆଣ୍ଟରେ ମାନୁଆଲ୍ ଟ୍ରାନ୍ସମିସନ୍ ସହିତ ଏଆରଏଆଇ ମାଇଲେଜ୍ ୨୦.୦୯ କେଏମପିଏଲ ରହିଛି। ସେହିଭଳି ଅଟୋମେଟିକ୍ ଟ୍ରାନ୍ସମିସନ୍ ସହିତ ଏହି କାର୍ ୧୮.୮କେଏମପିଏଲର ମାଇଲେଜ୍ ଦେବାକୁ ଦାବି କରିଥାଏ। ମାର୍କେଟରେ ଏହି କାର୍ ସିଏନଜି ଭ୍ୟାରିଆଣ୍ଟରେ ସାମିଲ ଅଛି। ଟାଟା ପଞ୍ଚର ସିଏନଜି ଗାଡିର ଏଆରଏଆଇ ମାଇଲେଜ୍ ୨୬.୯୯କିମି/କେଜି ରହିଛି। ଟାଟାର ଏହି କାରରେ ଇଲେକ୍ଟ୍ରିକ୍ ସନରୁଫ୍ ଲାଗିଛି। ଗାଡିରେ ୨୬.୦୩ ସେଣ୍ଟିମିଟରର ଟଚସ୍କ୍ରିନ୍ ଇନଫୋଟେନ୍ମେଣ୍ଟ ସିଷ୍ଟମ ଦିଆଯାଇଛି। ଏହି କାରରେ ମୋବାଇଲ ଫୋନକୁ ଚାର୍ଜ କରିବା ପାଇଁ ୱାୟାରଲେସ୍ ଚାର୍ଜିଂର ଫିଚର ମଧ ସାମିଲ ଅଛି। ଏନସିଏପିରୁ ଟାଟା ପଞ୍ଚକୁ ୫-ଷ୍ଟାର୍ ସେଫ୍ଟି ରେଟିଂ ମିଳିଛି।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗାଁ ଲୋକେ



ରାଇଘର, ୫।୨ (ସଂଚାର ବ୍ୟୁରୋ) : ଲୋ-ଭୋଲଟେଜ୍ ଓ ଅଘୋଷିତ ବିଦ୍ୟୁତ କାଟ୍‌କୁ ବିରୋଧକରି ୪ଟି ପଞ୍ଚାୟତର ଶତାଧିକ ଲୋକ ଆଜି ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଛନ୍ତି । ବିଭାଗୀୟ ଏସଡିଓ ସୁରୁପକୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ଖୁବ୍‌ଶୀଘ୍ର ଡୁମୁରିମୁଣ୍ଡା ଠାରେ ନୂତନ ସବ ଷ୍ଟେସନ କାର୍ଯ୍ୟକ୍ଷମ ହେବା ଆଗକୁ ଆଉ ଏଭଳି ସମସ୍ୟା ରହିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ପ୍ରକାରେ, ଆଜି ଅପରାହ୍ନରେ ମହୁଲି, କଚରାପାରା, ଦେବାଗାଁ, ଛେଳିଗଙ୍ଗୀ ଆଦି ୪ଟି ପଞ୍ଚାୟତର ଶତାଧିକ ଲୋକ ସ୍ଥାନୀୟ କଳସି ମନ୍ଦିର ଠାରେ ଏକାଠି ହୋଇଥିଲେ। ସେଠାରୁ ବିଦ୍ୟୁତ କାର୍ଯ୍ୟାଳୟକୁ ପଦଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀଙ୍କ କହିବା ପ୍ରକାରେ, ବର୍ତ୍ତମାନ ଚାଷୀମାନେ ଖରାଦିଆ ଚାଷ କରୁଛନ୍ତି। ଆଗକୁ ପିଲାମାନଙ୍କ ମାଟ୍ରିକ ପରୀକ୍ଷା ରହିଛି। ଏଭଳି ସ୍ଥିତିରେ ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ ସମସ୍ୟା ରହୁଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ବଢ଼ୁଛି ଚୋରା ମଦ କାରବାର

## ନୀରବଦ୍ରଷ୍ଟା ସାଜିଛି ପୁଲିସ୍ ଓ ଅବକାରୀ ବିଭାଗ

ବିଞ୍ଝାରପୁର, ୫।୨(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଏବଂ ଅଳକୁଣ୍ଡ ଥାନା ଅଞ୍ଚଳ ରେ ବୃଦ୍ଧି ପାଉଛି ଚୋରା ମଦ କାରବାର। ଖୋଲମ୍ ଖୋଲା ଗାଁ ଗହଳି ରେ ଚାଲିଛି ଆଖୁ ସାଙ୍ଗକୁ ଇଂରାଜୀ ମଦ ର ବେପାର ଚାଲୁଥିବା ଅଭିଯୋଗ ହୋଇଛି। ଯାଜପୁର ରୁ ବିଞ୍ଝାରପୁର ଏବଂ ଅଳକୁଣ୍ଡ ଥାନା ଅଞ୍ଚଳ ର ବିଭିନ୍ନ ଗାଁ କୁ ବାଇକ୍ ଏବଂ ଚାରି ଚକିଆ ଗାଡ଼ି ସାହାଯ୍ୟ ରେ ଚୋରା ମଦ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ସକାଳ ପାଖାପାଖି ୫ ଟା ଠାରୁ ୬ ମଧ୍ୟ ରେ ଚାରି ଚକିଆ ଗାଡ଼ି ଦ୍ୱାରା ପେଟି ପେଟି ମଦ ଗାଁ ଗହଳି କୁ ବିକ୍ରିପାଇଁ ଆସୁଥିବା ଅଭିଯୋଗ କରିଛନ୍ତି ବିଞ୍ଝାରପୁର ବାସିନ୍ଦା। ଏହିପରି ଦୁଇ ଚକିଆ ବାଇକ୍ ରେ ପେଟି ପେଟି ମାଲ ଆସୁଛି। ଆଉ ଏଇ ମଦ ପେଟି ନେଇ ଆସୁଥିବା ଚାଳକ ଙ୍କ ଗତି ଏପରି ଯେ ଆଗରେ ମଣିଷ ଆସିଲେ ତାଙ୍କୁ ଧକ୍କା ଦେଇ ଆଗକୁ ଆଖି ପିଛୁଳାକେ ଯିବାର କ୍ଷମତା ରହୁଛି।ଖାଲି ସେତିକି




ନୁହେଁ ଉଭୟ ଥାନାଧିକାରୀ ଏବଂ ଅବକାରୀ ବିଭାଗ ଏ ବିଷୟ ରେ ଅବଗତ ଥିବା ଅଭିଯୋଗ ହେଉଛି। ଉଭୟ ପୋଲିସ୍ ଏବଂ ଅବକାରୀ ବିଭାଗ ଜଣାତ ରେ ଏଭଳି ହେଉଥିବାରୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଗାଁ ଗହଳି ରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଗତ ମକର ସଂକ୍ରାନ୍ତି ରେ ଓଡ଼ିଶା ପ୍ରସିଦ୍ଧ ବରୁଣେଶ୍ୱର ମେଳା ର ପ୍ରସ୍ତୁତି ବୈଠକ ରେ ଚୋରା ମଦ କାରବାର କୁ ନେଇ ସ୍ଥାନୀୟ ଜନ ପ୍ରତିନିଧି ଏବଂ ସ୍ଥାନୀୟ ବାସିନ୍ଦା ଚୋରା ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ କରିଥିବା ବେଳେ ଅବକାରୀ ବିଭାଗ ର କର୍ତ୍ତୃପକ୍ଷ ଏହାକୁ ଏଡାଇ ଦେଇଥିଲେ। କିନ୍ତୁ ବିଞ୍ଝାରପୁର ଅଞ୍ଚଳ ରେ ଏଭଳି ଅଭିଯୋଗ ଅବକାରୀ ବିଭାଗ ର ପରିବା ପଣିଆ ଉପରେ ପ୍ରଶ୍ନ ଉଠାଉଛି। ଉଭୟ ପୋଲିସ୍ ଏବଂ ଅବକାରୀ ବିଭାଗ ର ସହିତ ଚୋରା ମଦ ମାଫିଆ ଙ୍କ କିଛି ଏଜେଣ୍ଟ ଡିଲ୍ କରି ଚୋରା ମଦ କାରବାର କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି। ଚୋରା ମଦ କାରବାର ରେ ରୋକ୍ ଲଗାଇବା ପାଇଁ ବିଂଝାରପୁରବାସୀ ଦାବି କରିଛନ୍ତି।

## ସମଗ୍ର ରାଜ୍ୟରେ ଶୁଭାରମ୍ଭ ହେଲା ବିକଶିତ ଗାଁ ବିକଶିତ ଓଡିଶା



ବରଗଡ଼, ୫।୨(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ଓ ସମଗ୍ର ରାଜ୍ୟରେ ଶୁଭାରମ୍ଭ ହେଲା ବିକଶିତ ଗାଁ ବିକଶିତ ଓଡ଼ିଶା । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବରଗଡ଼ରେ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦଘାଟନ କରିଛନ୍ତି । ସମଗ୍ର ଓଡ଼ିଶାର ନୂତନ ପରିଭାଷା ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ । ଏଥିପାଇଁ ରାଜ୍ୟ ସରକାର ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା, କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକିକରଣ କରାଯିବ, ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ କରାଯିବ ପ୍ରସ୍ତାବ ରହିଛି।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧା ମୃତ

ଭବାନୀପାଟଣା,୫।୨(ସଂଚାର ବ୍ୟୁରୋ): ଅଜଣା ଗାଡ଼ି ଧକ୍କାରେ ଅଜଣା ବୃଦ୍ଧା ମହିଳା ଙ୍କ ମୃତ୍ୟୁ। ଭବାନୀପାଟଣା ସଦର ଥାନା ଅଧିନସ୍ଥ କର୍ଲାପଡା ଫାଣ୍ଡି ୨୬ ନମ୍ବର ରାଜ୍ୟ ରାଜପଥ ଘୁଗୁରପଲା ଛକ ନିକଟରେ ଗତ ରାତି ୯ଟା ସମୟରେ ଗାଡି ଧକ୍କାଦେଇ ଫେରାର ମାରିଥିଲା। ବୃଦ୍ଧା ମହିଳା ଜଣକ ଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ଘଟଣାସ୍ଥଳରେ କର୍ଲାପଡା ଫାଣ୍ଡି ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତକାରୀ ରହିଛି।

## ଦ୍ୱିତୀୟ ବାପୁନି ସ୍ମାରକୀ ଫ୍ଲଡ଼ ଲାଇଟ୍ କ୍ରିକେଟ ଉଦଘାଟିତ



ସୁବର୍ଣ୍ଣପୁର, ୫।୨ (ସଂଚାର ବ୍ୟୁରୋ): ସୋନପୁର ସହର ପଟାଭାଡି ଲାଲୁ ଖେଳ ପଡ଼ିଆରେ ଦ୍ୱିତୀୟ ବାପୁନି ମହାପାତ୍ର ସ୍ମାରକୀ ଅଲ୍ ଓଡିଶା ଫ୍ଲଡ଼୍ ଲାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏଲ.ଏଫ୍.ସି.ସି ଆନୁକୁଲ୍ୟରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବଲାଙ୍ଗୀର ଲୋକସଭା ସାଂସଦ ଙ୍କ ସୁବର୍ଣ୍ଣପୁର ଜିଲ୍ଲା ପ୍ରତିନିଧି ଶରତ ଶତପଥୀ, ଫାଇନାନ୍ସିଆଲ୍ ଆଡଭାଇଜର କେ.ବର୍ଷା ଦେବୀ ଏବଂ ପୋଲିସ କନଷ୍ଟେବଳ ସଂଘର ସଭାପତି ଦିନେଶ ମିଶ୍ର, ମନୋଜ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସଭାକୁ ମାନସ ରଞ୍ଜନ ଦାସ ପରିଚାଳନା କରିଥିଲେ। ପ୍ରଥମେ ଲିଜେଣ୍ଡ ମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା।ପରେ ପ୍ରଥମ ଲିଗ୍ ମ୍ୟାଚ ଇଭେନ ଇଲେଭେନ ଓ ଡ୍ରିମ୍ ଇଲେଭେନ ମଧ୍ୟରେ ହୋଇଥିଲା। ଡ୍ରିମ୍ ଇଲେଭେନ ଟିମ୍ ବିଜୟୀ ହୋଇଥିଲା।ପରେ ନୁ କମ୍ବ୍ରମାଇଜ୍ ଓ ଓ୍ୱେଲ୍ଲେସ ଇଲେଭେନ ମଧ୍ୟରେ ହୋଇ ଓ୍ୱେଲ୍ଲେସ ଇଲେଭେନ ଟିମ୍ ବିଜୟୀ ହୋଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ ଡ୍ରିମ୍ ଇଲେଭେନ ଓ ଓ୍ୱେଲ୍ଲେସ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇ ଓ୍ୱେଲ୍ଲେସ ଇଲେଭେନ ଟିମ୍ ବିଜୟୀ ହୋଇ ସେମିଫାଇନାଲ ରେ ପ୍ରବେଶ କରିଛି। ମ୍ୟାଚ ଗୁଡ଼ିକ ଡେନ୍ସିଙ୍ଗ ଅମ୍ପେୟାର ବବୁଲୁ ସାହୁ ଓ କୁନା ନାୟକ ପରିଚାଳନା କରିଥିଲେ। ରାକେଶ କମେଣ୍ଟେଟର ଧାରା ବିବରଣୀ ପ୍ରଦାନ କରିଥିଲେ।ଅମିତ ମହାପାତ୍ର, ବାଳ ଗୋପାଳ ପଣ୍ଡା,ମୁନା ଖମାରୀ,ଓ୍ୱାଓ୍ୱଲୁ ଡାଙ୍ଗ,ଓ୍ୱଂଶୀ ସେଠୀ, ବୃନ୍ଦାବନ ପ୍ରହରାଜ, ଆଲୋକ ମେହେର, ଶ୍ରୀତମ ନାଏକ,କୁନୁ ଭୋଇ, ଅମରେଶ ମେହେର, ନରେଶ ବିଶି,ଲିକୁନ ମୁଣ୍ଡା,ସୁମନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟକର



ଉମରକୋଟ,୫।୨(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା କାର୍ଯ୍ୟାଳୟରେ ନିର୍ବାଚିତ ଭାଜପା ଜିଲା ସଭାପତି ଓ ୧୭ ଜଣ ମଣ୍ଡଳ ସଭାପତିଙ୍କୁ ସ୍ୱାଗତ ସହ ସମ୍ବର୍ଦ୍ଧନା ଦିଆଯାଇଛି। ଡିଏନ୍‌କେଠାରୁ ଏକ ଶୋଭାଯାତ୍ରାରେ ସମସ୍ତେ ବାହାରି ପାର୍ଟି କାର୍ଯ୍ୟାଳୟକୁ ଆସିଥିଲେ। ସେହିଭଳି ପୂର୍ବତନ ଜିଲା ସଭାପତିଙ୍କୁ ବିଦାୟ ଦିଆଯାଇଥିଲା। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥ୍, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ପୂର୍ବତନ ଏମ୍ ପି ପର୍ଶୁରାମ ମାଝୀ, ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ନୂଆପଡ଼ା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, ପୂର୍ବତନ ଜିଲା ସଭାପତି ଜଗଦୀଶ ବିଷୋୟୀ, ନୂଆ ଜିଲା ସଭାପତି କୁଞ୍ଜବିହାରି ଦାସ, ପୂର୍ବତନ ଏନ୍‌ଏସି ଚେୟାରମ୍ୟାନ ପି.ରାବଣା ରାଓ, ଜିଲା ସାଧାରଣ ସମ୍ପାଦକ ଅଚ୍ୟୁତ ବିଷୋୟୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶର୍ମିଷ୍ଠା ଦେଓ, ଏମ୍ ପ୍ରତିନିଧ୍ ବାସନ୍ତୀ ମାଝୀ, ରାମ ନାୟକ, ସୁରେଶ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିପରି ଭଲ ପ୍ରଦର୍ଶନ କରିବ ଏବଂ ପୌର ନିର୍ବାଚନରେ କିପରି ପୌରାଞ୍ଚଳକୁ ଭାଜପା ଅଧିକାର କରିବ ସେ ଦିଗରେ ପ୍ରୟାସ ଜାରି ରହିବ ବୋଲି ଦଳୀୟ ନେତାମାନେ କହିଥିଲେ। ଆଗାମୀ ଦିନରେ ଜିଲାର ସମସ୍ତ ୪ଟି ବିଧାନସଭା ମଣ୍ଡଳୀକୁ ଅକ୍ତିଆର କରିବା ଦିଗରେ ପ୍ରୟାସ କରିବି ବୋଲି ନବ ନିର୍ବାଚିତ ଜିଲା ସଭାପତି କୁଞ୍ଜ ବିହାରୀ ଦାସ କହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟ କର ବୋଲି ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଭାଗରୁ ଶତାଧ୍ୱ ଭାଜପା କର୍ମୀ ଉପସ୍ଥିତ ଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦକ ଅଶୋକ କୁମାର ପାଢୀ ମଞ୍ଚ ପରିଚାଳନା କରିଥିଲେ।

## ଅବ୍ୟବସ୍ଥା ଘେରରେ ଭବାନୀପାଟଣା ଆକାଶବାଣୀ କେନ୍ଦ୍ର

କଳାହାଣ୍ଡି,୫।୨(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଆକାଶବାଣୀ କେନ୍ଦ୍ରକୁ ପ୍ରସାର ଭାରତୀ ପକ୍ଷରୁ ପଶ୍ଚିମ ଓଡ଼ିଶାର କ୍ଲଷ୍ଟର କେନ୍ଦ୍ର ଭାବେ ଅପଗ୍ରେଡ କରାଯାଇଥିଲା। ଓଡିଶାରେ ୩ଟି କ୍ଲଷ୍ଟର କଟକ, ଭୁବନେଶ୍ୱର ଓ ଭବାନୀପାଟଣା ରହିଛି। ଭବାନୀପାଟଣା କ୍ଲଷ୍ଟର ଅଧୀନରେ ଜୟପୁର, ବ୍ରହ୍ମପୁର, ବଲାଙ୍ଗିର ଓ ଭବାନୀପାଟଣା ଆକାଶବାଣୀ କେନ୍ଦ୍ର ସମେତ ଦୂରଦର୍ଶନର ନୂଆପଡ଼ା, ପାଟଣାଗଡ଼, ଖରିଆର, ଉମରକୋଟ, ନବରଙ୍ଗପୁର, ପଦ୍ମପୁର, ରାୟଗଡ଼ା, ଜୟପୁର, କୋରାପୁଟ, ସେମିଳିଗୁଡା, ମାଲକାନଗିରି, ପାରଳାଖେମୁଣ୍ଡି ଓ ଭବାନୀପାଟଣା କେନ୍ଦ୍ର ରହିଛି। କ୍ଲଷ୍ଟରରେ ରୂପାନ୍ତରିତ ହେବାର ଇତିମଧ୍ୟରେ ଗୋଟିଏ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇସାରିଥିବା ବେଳେ ଭିତ୍ତିଭୂମି, ଆନୁଷଙ୍ଗିକ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାନବସମ୍ବଳ ବା କର୍ମଚାରୀ ଅଭାବରୁ ଯଥା ପୂର୍ବ ତଥା ପରଂ ସ୍ଥିତିରେ ରହିଛି ଭବାନୀପାଟଣା ଆକାଶବାଣୀ ଓ ଦୂରଦର୍ଶନ କ୍ଲଷ୍ଟର କେନ୍ଦ୍ର।ପ୍ରକାଶ ଥାଉକି, ୧୯୯୩ ମସିହାରୁ ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣାରେ ଆରମ୍ଭ ହୋଇଥିବା ଭବାନୀପାଟଣା ଆକାଶବାଣୀ କେନ୍ଦ୍ର ଆଦିବାସୀ ଅଧୁଷିତ କଳାହାଣ୍ଡିର ଦୂରଦୂରାନ୍ତ ଅଞ୍ଚଳବାସୀଙ୍କ ନିକଟରେ ବିଭିନ୍ନ ବାର୍ତ୍ତା




ପହଞ୍ଚାଇବାରେ ଏକ ବଡ଼ ଭୂମିକା ନିର୍ବାହ କରିଆସିଛି। କୃଷି ଓ କୃଷକଙ୍କୁ ବେଶ ସହାୟକ ହୋଇପାରିଛି। ଜିଲ୍ଲାର ଲୁକାୟିତ ପ୍ରତିଭାକୁ ମଞ୍ଚ ପ୍ରଦାନ ଓ କଳାହାଣ୍ଡିଆ ଭାଷାରେ ବିଭିନ୍ନ କାର୍ଯ୍ୟକ୍ରମ କରିବା, ଆଦିବାସୀଙ୍କ କଳା, ସଂସ୍କୃତି ଓ ପରମ୍ପରା ଲୋକଲୋଚନକୁ ଆଣିଛି। ଭିନ୍ନଭିନ୍ନ କର୍ଯ୍ୟକ୍ରମ ଶ୍ରୋତାଙ୍କ ଦ୍ୱାରା ବେଶ ଆଦୃତ ହୋଇପାରିଛି। କୃଷକଙ୍କ ପାଇଁ ଚାଷର ହାଲଚାଲ, ଯୁବବର୍ଗ ପାଇଁ ଯୁବବାଣୀ, ମହିଳା ଓ ଛୋଟ ପିଲାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି ହିନ୍ଦୀ ଭାରତୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କର୍ଯ୍ୟକ୍ରମ, କ୍ରୀଡ଼ା ଓ ବିଜ୍ଞାନ ପତ୍ରିକା କାର୍ଯ୍ୟକ୍ରମ ହେଉଛି। ଅଧିକାଂଶ କାର୍ଯ୍ୟକ୍ରମରେ ଜିଲ୍ଲାର ଲୋକ ସଂସ୍କୃତି, ପରମ୍ପରା, ଲୋକକଥାକୁ ସ୍ଥାନୀତ କରି ଏହି କେନ୍ଦ୍ର ଅନେକ ସୁନାମ ପାଇଛି।

## ଅନ୍ତଃରାଜ୍ୟ ବାଇକ ଚୋର ଗ୍ୟାଙ୍ଗ ଗିରଫ




ପଦ୍ମପୁର,୫।୨(ସଂଚାର ବ୍ୟୁରୋ): ଅଭିନବ ଉପାୟରେ ବାଇକ ଚୋରି କରି ଫେରାର ମାରିଥିବା ଆନ୍ତଃରାଜ୍ୟ ବାଇକ ଚୋର ଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି ବରଗଡ଼ ଜିଲ୍ଲା ପଦ୍ମପୁର ପୋଲିସ। ପଦ୍ମପୁର-ଗାଇସିଲାଟ ରାସ୍ତାରେ ପଦ୍ମପୁର ଥାନା ପକ୍ଷରୁ ନାକା ଚେକିଂ ଚାଲିଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଛନ୍ତି ଏହି ବାଇକ ଚୋର ଗ୍ୟାଙ୍ଗ। ଗାଇସିଲାଟ ଥାନା ତାଲପାଲି ଗାଁର ଧନଞ୍ଜୟ ସାହୁ ଓ କଟାବାହାଲ ଗାଁର କୁଶ ନାଗ ଏକ ବାଇକରେ ଆସୁଥିବା ବେଳେ ପୋଲିସ ସେମାନଙ୍କୁ ସନ୍ଦେହ କରି କରିଥିଲା ଛାନଭିନ। ଆଉ ପୋଲିସର ଖାନ ତଲାସି ବେଳେ ଧରାପଡ଼ିଥିଲେ ଏହି ଦୁଇ ମୁଖ୍ୟ ଅଭିଯୁକ୍ତ ଧନଞ୍ଜୟ ସାହୁ ଓ କୁଶ ନାଗ। ପୋଲିସ ଏମାନଙ୍କୁ ଜେରା କରିବା ପରେ ବିଭିନ୍ନ ସ୍ଥାନରୁ ୧୭ଟି ଚୋରି ବାଇକ ଉଦ୍ଧାର କରିବା ସହିତ ୬ ଟି ମୋବାଇଲ, ଏକ କଇଁଚି ଆଦି ସାମଗ୍ରୀକୁ ଜବତ କରିଛି। ଆନ୍ତଃରାଜ୍ୟ ବାଇକ ଚୋରି ଘଟଣାରେ ପୋଲିସ ତାଲପାଲି ଗାଁର ଧନଞ୍ଜୟ ସାହୁ ଓ କଟାବାହାଲ ଗାଁର କୁଶ ନାଗଙ୍କ ସମେତ ଖୁଣ୍ଟପାଲି ଗାଁର ଦୁର୍ଯ୍ୟୋଧନ ବଢ଼େଇ, ତାଲପାଲିର ମାଧବ କର୍ଣ୍ଣଲ, ଜେନକେଡ଼ା ଗାଁର ଲକ୍ଷ୍ମଣ ମଲ୍ଲିକ, ମହେଶ ସାହୁ ଓ ବଲାଙ୍ଗୀର ଜିଲ୍ଲା ଆଗଲପୁର ନୂଆଗାଁର ମାୟା ତରିଆଙ୍କୁ ଗିରଫ କରି ପଦ୍ମପୁର କୋର୍ଟକୁ ଚାଲାଣ କରିଛି। ଗତ କିଛି ମାସ ଧରି ଅଭିଯୁକ୍ତମାନେ ରାଜ୍ୟର ବରଗଡ଼, ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳ ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ଅଭିନବ ଢଙ୍ଗରେ ବାଇକ ଚୋରି କରିବା ପରେ ନମ୍ବର ବଦଳାଇ ତାକୁ କମ ଦାମରେ ବିକ୍ରି କରି ମାଲେମାଲ ହେଉଥିଲେ। ନକଲି କାଗଜ ପତ୍ର ସହିତ ନକଲି ବାଇକ ନମ୍ବର ଦେଇ ଗ୍ରାହକଙ୍କୁ ଅଧା ଦାମରେ ଚୋରା ବାଇକ କରୁଥିଲେ ଅଭିଯୁକ୍ତମାନେ। ଚୋରା ବାଇକ ଘଟଣାକୁ ନେଇ ପୋଲିସ ଅଧିକ ତଦନ୍ତ କରୁଛି ବୋଲି ପ୍ରେସମିଟରେ କହିଛନ୍ତି ପଦ୍ମପୁର ଏସଡିପିଓ ଅମ୍ରିତପାଲ କୌର।

## ଟ୍ରକ ଧକ୍କାରେ ମହିଳାଙ୍କ ମୃତ୍ୟୁ

ନୀଳଗିରି,୫।୨(ସଂଚାର ବ୍ୟୁରୋ): ବାଇକରେ ପୁଅ ଓ ଭାଇଙ୍କ ସହିତ ଜଣେ ମହିଳା ଯାଉଥିବା ବେଳେ ହଠାତ୍ ବାଇକରୁ ଖସିପଡିବା ଫଳରେ ପଛରୁ ଆସୁଥିବା ଏକ ଟ୍ରକ ମହିଳାଙ୍କ ଗୋଡ ଉପରେ ଚାଲିଯିବାରୁ ମହିଳା ଜଣକ ଗୁରୁତର ଆହତ ହୋଇ ଚିକିତ୍ସକ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ପ୍ରହରାଜପୁର ଗ୍ରାମର କୁସୁମ ଜେନା(୫୦) ନାମକ ଜଣେ ମହିଳା, ମହିଳାଙ୍କ ଭାଇ ଓ ପୁଅ ବସନ୍ତଙ୍କ ସହିତ ମଟର ସାଇକେଲରେ ବସି ବରହମପୁର ଅଞ୍ଚଳକୁ ଯାଉଥିବା ସମୟରେ ମଧ୍ୟାହ୍ନ ପ୍ରାୟ ୧୨.୩୦ସମୟରେ ପୋଡାଶୂଳ ନିକଟରେ ହଠାତ୍ କୁସୁମ ମଟରସାଇକେଲରୁ ଖସିପଡ଼ିଥିଲେ। ଫଳରେ ପଛପଟୁ ଧାନବୋଝେଇ ପାଇଁ ଯାଉଥିବା ଓ.ଆର- ୦୧ ଏନ୍/୧୯୧୧ନଂ ଟ୍ରକଟି ମହିଳାଙ୍କ ଗୋଡ ଉପରେ ଚଢ଼ି ଯାଇଥିଲା। ତୁରନ୍ତ ମହିଳା ଜଣଙ୍କୁ ନୀଳଗିରି ହସ୍ପିଟାଲ୍ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇ କଟକ ବଡ଼ ଡ଼ାକ୍ତରଖାନାକୁ ନେଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ସୋର ଡାକ୍ତର ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତେବେ ଘଟଣାସ୍ଥଳରୁ ଟ୍ରକଟି ଦ୍ରୁତଗତିରେ ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକ ସଜନାଗଡ ନିକଟରେ ଅଟକ ରଖି ପୋଲିସକି ଖବର ଦେଇଥିଲେ। ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।




# ବିଷମକଟକରେ 'ବିକସିତ ଗାଁ ବିକସିତ ଓଡିଶା'

ରାୟଗଡା,୫।୨(ସଂଚାର ବ୍ୟୁରୋ): ଆଜି ରାୟଗଡା ଜିଲ୍ଲା ଏଘାରାଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଓଡିଶା ସରକାରଙ୍କ ଉଚ୍ଚାଭିଳାଷୀ "ବିକସିତ ଗାଁ ବିକସିତ ଓଡିଶା" ( ବିଜିବିଓ ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଥିମଧ୍ୟରୁ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଧ୍ୟ ଆଜି କାର୍ଯ୍ୟକ୍ରମ ଆୟୋଜିତ ହଇଛି ଦିନ ୧୧ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭରଚୁଆଲ ମୋଡ଼ ରେ ଏହାର ଶୁଭାରମ୍ଭ କରିଥିବା ବେଳେ ଗ୍ରାମୀଣ ଓଡିଶାର ରୂପାନ୍ତର ପାଇଁ ରାଜ୍ୟ ବ୍ୟାପି ଏହି ଯୋଜନା ଆଜି ଠାରୁ ଲାଗୁ କରାଯାଇଛି। ପ୍ରତ୍ୟେକ ବ୍ଲକ ତଥା ଗ୍ରାମ ପଞ୍ଚାୟତରେ ସମଗ୍ର ଗ୍ରାମୀଣ ବିକାଶକୁ ଆଗେଇ ନେବା ପାଇଁ ପରିକଳ୍ପିତ ଏହି ପଦକ୍ଷେପ ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣହେବାକୁ ଯାଉଥିବା ବେଳେ ବିଷମକଟକ ଠାରେ ଏହାର ପ୍ରସ୍ତୁତି ଓ ସଫଳ ଆୟୋଜନ ନେଇ ବ୍ଲକ ପ୍ରଶାସନ ସମସ୍ତ ପ୍ରକାର ଉତ୍ସାହିତ ରହିଥିବା ଜଣାପଡିଛି। ଏକ ପାଞ୍ଚ ବାର୍ଷିକ ବିକାଶର ରୋଡମ୍ୟାପ୍, ଯାହା ଗ୍ରାମାଞ୍ଚଳ ରେ ରହିଥିବା ଭିତ୍ତିଭୂମି ଓ ଅତ୍ୟାବଶ୍ୟକ




ସୁବିଧା ଯୋଗାଇଦେବାରେ ରହିଥିବା ପ୍ରତିବନ୍ଧକକୁ ଦୂର କରିବା ସହ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ନିରନ୍ତର ଅଭିବୃଦ୍ଧି ତଥା ଉନ୍ନତ ମାନର ଜୀବନ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିବା କୁହାଯାଉଛି। ସରକାରଙ୍କ ଦୂରଦୃଷ୍ଟି ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଥିବା ବେଳେ ଏହି ଯୋଜନା ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଓ ଏଥିରେ ୫ ହଜାର କୋଟି ଟଙ୍କାରବ୍ୟୟ ବରାଦ କରାଯାଇଥିବା ଜଣାପଡିଛି। ଏହା ମାଧ୍ୟମରେ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ( ପିଭିଟିଜି ) ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ,କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ,ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଆଧୁନିକୀକରଣ,ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ଆଦି ହାସଲ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପଦକ୍ଷେପ ଓଡିଶାର ଗ୍ରାମୀଣ ବିକାଶ ଦିଗରେ ରେ ଏକ ମାଇଲଖୁଣ୍ଟ ହେବ ଯାହା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମେ ପ୍ରତ୍ୟେକ ଗ୍ରାମକୁ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ କରାଇବା ପାଇଁ ଉତ୍ସର୍ଗୀକୃତ ବୋଲି ଗଣମାଧ୍ୟମକୁ ଉତ୍ତର ରଖିବା ବେଳେ ବିଧାୟକ ପ୍ରତିନିଧି ବିଜୟ କିଶୋର ପଟନାୟକ ସ୍ପଷ୍ଟ କରିଥିଲେ।

## ପୌରପାଳିକା ଶିକ୍ଷକ ସଙ୍ଘ ତରଫରୁ ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା




ଯୋଡ଼ା,୫।୨(ସଂଚାର ବ୍ୟୁରୋ): ଗୁରୁ ହିଁ ସର୍ବଦା ଚିର ନମସ୍ୟ ଓ ସର୍ବଦା ସମ୍ମାନଯୋଗ୍ୟ. ସେଥିପାଇଁ ଗୁରୁ ଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବୋଲି ପୂଜା କରାଯାଇଥାଏ। ସେହିପରି ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଯୋଡ଼ା ପୌର ପାଳିକା ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ମୁଖାର୍ଜୀ ହଟିଙ୍ଗ ର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ନିର୍ମଳା ନାଥ ଗତ ଜାନୁଆରୀ ମାସ ୩୧ତାରିଖ ରେ ଅବସର ନେଇଥିବାରୁ ଆଜି ଯୋଡ଼ା ପୌର ପାଳିକା ଶିକ୍ଷକ ସଙ୍ଘ ତରଫରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା।ଯୋଡ଼ା ବ୍ଲକ ର ଏ. ବି ଇ. ଓ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ଶତପଥୀ , ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିମା ସାବତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସତ୍ୟସାଇ ବିଦ୍ୟା ମନ୍ଦିର ର ବରିଷ୍ଠ ଶିକ୍ଷକଶ୍ରୀଯୁକ୍ତ ଘାଶୀନାଥ ମହନ୍ତ ଏହି ସମ୍ବର୍ଦ୍ଧନା ସଭା ରେ ସଭାପତିତ୍ୱ କରିଥିଲେ। ସର୍ବ ପ୍ରଥମେ ବିଶ୍ୱର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରାଯାଇ ଅତିଥି ଓ ବିଦାୟୀ ଶିକ୍ଷୟିତ୍ରୀ ଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ପୁଷ୍ପ ଗୁଚ୍ଛ ପ୍ରଦାନ କରିବା ପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ବିଦାୟୀ ଶିକ୍ଷୟିତ୍ରୀ ଙ୍କ ଉଦେଶ୍ୟରେ ତାଙ୍କର କର୍ତ୍ତବ୍ୟ ପରାୟଣତା, ଶିକ୍ଷାଦାନ ଆଦି ଗୁଣ ଗୁଡିକୁ ଭୂୟସୀ ପ୍ରଶଂସା କରିବା ସହିତ ସମସ୍ତ ଙ୍କ ଆଖିରୁ ଝରି ପଡୁଥିବା ଲୋତକ ବିନ୍ଦୁ ତାଙ୍କ ପ୍ରତି ଭଲପାଇବାର ଜଣାପଡୁଥିଲା। ସେ ଯୋଡ଼ା ବ୍ଲକ ତଥା ଯୋଡ଼ା ପୌରପାଳିକା ରେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଜଣାଶୁଣା ଥିଲେ। କର୍ମ ହିଁ ଭଗବାନ ଓ ମଣିଷ ତିଆରି କାରଖାନା ର ସେ ଥିଲେ ଜଣେ ଆଦର୍ଶ ବିନ୍ଧାଣି।ତାଙ୍କର ପ୍ରଚେଷ୍ଟା ରେ ବିଦ୍ୟାଳୟ ର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ, ବିଦ୍ୟାଳୟ ପରିବେଶ କୁ ସରସ ସୁନ୍ଦର କରିପାରିଥିବାରୁ ଆଜି କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସମସ୍ତ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରଶଂସା ର ପାତ୍ର ହୋଇ ପାରିଥିଲେ।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ

ସୁବର୍ଣ୍ଣପୁର,୫।୨(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା ସ୍ଥାନୀୟ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଗୋଷ୍ଠୀ ସହଶିକ୍ଷା ଅଧିକାରୀ ତଥା ବିଆରସିସି ଗଞ୍ଜଲୁ ମିର୍ଧା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ରେ ସ୍ଥାନୀୟ ପ୍ରଧାନଶିକ୍ଷକ କରମ ଚନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ। ବ୍ଲକ ଶିକ୍ଷାଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରି ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ର ବିକାଶ ପାଇଁ ଛାତ୍ରଛାତ୍ରୀ ଓ ଅବିଭାବକ ଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ । ଗୋଷ୍ଠୀ ସହଶିକ୍ଷା ଅଧିକାରୀ ବଟକୃଷ୍ଣ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ ରେ ଶିକ୍ଷଣସାମଗ୍ରୀ ର ବ୍ୟବହାର ଓ ଅଭିନବ ପ୍ରଦର୍ଶନ ବିଷୟରେ



ଆଲୋକପାତ କରିଥିଲେ। ଏବିଇଓ ଜଗତ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅଭିନବ ଶିକ୍ଷଣ ପଦ୍ଧତି ପ୍ରୟୋଗ ରେ ଛାତ୍ରଛାତ୍ରୀ ଙ୍କ ଦକ୍ଷତା ର ବିକାଶ କରିବାକୁ ଆହ୍ୱାନ ଦେଇଥିଲେ । ସିଆରସିସି ଦିଲୀପ ପଧାନ ସଭା ପରିଚାଳନା କରିଥିବା ବେଳେ ସିଆରସିସି ରମେଶ ଭୋଇ, ସୁରେଶ ନାୟକ, ନୀଳକଣ୍ଠ ନାୟକ, ଚିତ୍ତରଞ୍ଜନ ଠାକୁର,ସୁରେନ୍ଦ୍ର ରଥ,ନରେନ୍ଦ୍ର ପୁରୋହିତ, ସୁନୀଲ ସେଟ, ରାଧେଶ୍ୟାମ ରଥ, ଶୁଭଲାଲ ସାହୁ, ସୌରଭ ସାହୁ, ପ୍ରଦୀପ୍ତକିଶୋର ଦାଶ,ସୁଧାଂସୁ ସାହୁ, ରଞ୍ଜନ ଦାଶ,ଶିକ୍ଷକ ତିରୁପତି ମେହେର, ନିର୍ମଳ ପାତ୍ର, ଧର୍ମେନ୍ଦ୍ର ହରିପାଳ, କେଶବ ଜେନା,ଅଶୋକ ସାହୁ,ମୀନକେତନ ପଧାନ, ଅନିରୁଦ୍ଧ ରଣା, ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ପଧାନ,ନିରମାମଞ୍ଜରୀ ପଣ୍ଡା,ହେମାଙ୍ଗିନୀ ଦାଶ,ସୋନାଲି ସାହୁ, ତପସ୍ୱିନୀ ଦାଶ ଓ କର୍ମଚାରୀ ବିଭୁତି ପଧାନ ପାଚିକାମାନେ ସହଯୋଗ କରିଥିଲେ ।



## ସରକାରୀ ଜାଗାରୁ କଟା ଯାଇଥିବା ଗଛକୁ ଜବତ କଲେ ଆରଆଇ

ବାଲିଆପାଳ,୫।୨(ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଅଳଁଡିହା ପଞ୍ଚାୟତ ର ଅଳଁଡିହା ଗ୍ରାମରେ ଥିବା ସରକାରୀ ଜାଗା ରୁ ଜନୈକ ବ୍ୟକ୍ତି ପଞ୍ଚାନନ କର ଗଛ କାଟିବା ସମୟ ରେ ଗ୍ରାମବାସୀ ବିରୋଧ କରି ତହସିଲ କୁ ଖବର ଦେଇଥିଲେ। ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ଙ୍କ ନିର୍ଦ୍ଦେଶକ୍ରମେ କରଞ୍ଜ ଆର, ଆଇ, ଜଗନ୍ନାଥ ପାତ୍ର ଘଟଣା ସ୍ଥଳରେ ପହଞ୍ଚି କଟା ଯାଇଥିବା ଗଛକୁ ଜବତ କରି ଦିବାକର କର ଙ୍କୁ ଜିମା ଦେଇଛନ୍ତି। ଏଭଳି ଅସାଧୁ କାଠ ମାଫିଆ ଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ କୋମଳ ଲୋଚନ କର, ଦିବାକର କର, ରଘୁନାଥ ନାୟକ, ରବିନ୍ଦ୍ର ଦାସ, କୁମୁଦ ପିଲା ପ୍ରମୁଖ ଦାବି କରିଛନ୍ତି।

## ଅଭିଯୋଗକାରୀଙ୍କ ଘରୁ ଚୋର ଗିରଫ

● ଟଙ୍କା ସହ ସୁନା ଅଳଙ୍କାର ଜବତ

ନୟାଗଡ଼,୫।୨(ସଂଚାର ବ୍ୟୁରୋ): ନୟାଗଡ଼ ସଦର ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ଅଭିଯୋଗକାରୀଙ୍କ ଘରୁ ଧରା ପଡିଛି ଚୋର । ଚୋର ଠାରୁ ଲୁଟ ହୋଇଥିବା ସାମଗ୍ରୀକୁ ଜବତ କରିବା ସହ ଆସାମୀକୁ ଗିରଫ କରିଛି । ସୁଚନାନୁସାରେ ଗତ ୨ ତାରିଖ ରାତିରେ ସଦର ଥାନା ଅନ୍ତର୍ଗତ ଖୁଟୁବନ୍ଧ ଗ୍ରାମର ହଜାରୀ ବାରିକଙ୍କ ଘରେ ପସି ଅନେକ ସାମଗ୍ରୀ ଲୁଟ ହୋଇଥିଲା । ଏହାକୁ ନେଇ ୩ ତାରିଖ ଦିନ ଦିନ ୨ଟା ସମୟରେ ହଜାରି ବାରିକଙ୍କ ପତ୍ନୀ ମାଳିଆ ବାରିକ ସଦର ଥାନାରେ ମାମଲା ରୁଜୁ କରିଥିଲେ । ମାମଲା ଅନୁଯାୟୀ ତାଙ୍କ ଘରୁ ୫୦ ହଜାର ଟଙ୍କା, ସୁନା ହାର, ତିନି ଗୋଟି ମୁଦି, ସୁନାର କାନଫୁଲ, ଦୁଇ ହଳ ପାଉଁଜି ଓ ସୁନା ନେକଲେସ କେଉଁ ଅଜଣା ବ୍ୟକ୍ତି ଚୋରି କରି ନେଇଥିବା ମାମଲା ଦେଇଥିଲେ । ସଦର ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉକ୍ତ ଗ୍ରାମର ହଜାରୀ ବାରିକଙ୍କ ପୁଅ ପ୍ରଶାନ୍ତ କୁମାର ବାରିକଙ୍କୁ ବାନ୍ଧିବାରେ ସଫଳ ହୋଇଛି । ତାଙ୍କ ଠାରୁ ନଗଦ ୫୦ ହଜାର ଟଙ୍କା, ସୁନା ହାର, ସୁନା କାନଫୁଲ, ସୁନାର ନେକଲେସ, ସିଲଭର ପାଉଁଜି, ରୁପା ମୁଦି ଦୁଇଟି ଜବତ କରିଛି । ଅଭିଯୁକ୍ତକୁ ଆଜି କୋର୍ଟ ଫରୱାର୍ଡ କରାଯାଇଛି । ଏ ନେଇ ଆଜି ସଦର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଏସଡିପିଓ ସୁଦର୍ଶନ ଗାଙ୍ଗୋଇ, ସଦର ଥାନା ଆଇଆଇସି ବିଜୟା ସାହୁ ଓ ସବ୍ ଇନିସ୍‌ପେକ୍ଟର ଧର୍ମେନ୍ଦ୍ର ସିଆଳ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଘଟଣାରେ ମା'ର ଅଭିଯୋଗ କ୍ରମେ ପୁଅ ପ୍ରଶାନ୍ତ ଗିରଫ ହୋଇଛି ।

